Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

Vol. 34 | ISSUE 173 ଭାଗ ୩୪ | ସଂଖ୍ୟା ୧୭୩

Sunday 13 September 2026 | Page 8 Rs. 5.00

ଭୁବନେଶ୍ୱର ରବିବାର, ୧୩ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



ଗୁହାରି କରି କରି ନୟାନ୍ତ, ମିଳୁନି ବ୍ରିକ୍ସ ସଦସ୍ୟତା

ପୃଷ୍ଠା ୪

### ବ୍ରିକ୍ସ ସମ୍ମିଳନୀରେ ମୋଦି ଦେଲେ ୧୦ ସୂତ୍ରୀ ପ୍ରସ୍ତାବ

# ଅନ୍ତର୍ଜାତୀୟ ମଞ୍ଚରେ ଭାରତର କୂଟନୈତିକ ବିଜୟ





- ନାବିକଙ୍କ ସୁରକ୍ଷା ଉପରେ ମୋଦିଙ୍କ ଗୁରୁତ୍ୱ
- ୟୁଏନ୍‌ଏସ୍‌ସିରେ ବିଳମ୍ବିତ ନ ହେଉ ନିଷ୍ପତ୍ତି
- ପହଲଗାମ ଆକ୍ରମଣକୁ ଦୃଢ଼ ନିନ୍ଦା
- ଆମେରିକା ଉପରେ ବର୍ଷିଲେ ଇରାନ୍ ଓ ରୁଷ୍

ନୂଆଦିଲ୍ଲୀ,୧୨।୯ଃ ଶନିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ସର୍ବସମ୍ମତି କ୍ରମେ 'ନୂଆଦିଲ୍ଲୀ ଘୋଷଣାନାମା-୨୦୨୬' ଗ୍ରହଣ କରିଛନ୍ତି। ୧୪୦ଟି ବିଷୟବସ୍ତୁକୁ ନେଇ ଗଠିତ ୪୫-ପୃଷ୍ଠା ବିଶିଷ୍ଟ ଘୋଷଣାନାମା ଉପରେ 'ନବୀକରଣଯୋଗ୍ୟ ଶକ୍ତି ବଜାର ସମେତ ନିରପେକ୍ଷ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା ପାଇଁ ସହଯୋଗ ସୁଦୃଢ଼ କରିବା' ବିଷୟବସ୍ତୁ ଆଧାରରେ ଆଲୋଚନା କରାଯାଇଥିଲା; ଯାହାର ମୁଖ୍ୟ ଲକ୍ଷ୍ୟ ଥିଲା ନିରନ୍ତର ଶକ୍ତି ପରିବର୍ତ୍ତନ ପ୍ରକ୍ରିୟାକୁ ସମର୍ଥନ କରିବା।

ଶନିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ 'ନୂଆଦିଲ୍ଲୀ ଘୋଷଣାନାମା-୨୦୨୬'କୁ ନେଇ ମାରାଥନ୍ ଆଲୋଚନା ଓ ବିଚାରବିମର୍ଶ ଚାଲିଥିଲା। ପରିଶେଷରେ ବ୍ରିକ୍ସ ଦେଶର ନେତାମାନେ ସର୍ବସମ୍ମତିକ୍ରମେ ଏଥିରେ ସହମତ ହୋଇଥିଲେ।

କୌଣସି ସଦସ୍ୟ କୌଣସି ପ୍ରକାରର ଆପତ୍ତି ଉଠାଇନାହାନ୍ତି। 'ନୂଆଦିଲ୍ଲୀ ଘୋଷଣାନାମା-୨୦୨୬' ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି ବୋଲି ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜକ ରାଷ୍ଟ୍ର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମିଳନୀରେ ଘୋଷଣା କରିଛନ୍ତି। ଆତଙ୍କବାଦର ନିନ୍ଦା, ସଂଘର୍ଷ ପ୍ରତିରୋଧ ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ, ସୁଦୃଢ଼ ବହୁପକ୍ଷୀୟବାଦ ଓ ଏକପାକ୍ଷିକ ବାଣିଜ୍ୟିକ ପଦକ୍ଷେପ ନେଇ ରହିଥିବା ଉଦବେଗ୍ ଉପରେ ଏହି ଘୋଷଣାନାମା କେନ୍ଦ୍ରୀତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ପୃଥକ ଉଦ୍‌ଘାଟନୀ ଭାଷଣରେ ବିଶ୍ୱ ଶାସନରେ ସଂସ୍କାର ପାଇଁ ଆହ୍ୱାନ ଦେଇଛନ୍ତି। ସେହିପରି ବ୍ରିକ୍ସ ସଂସ୍କାର ରୋଡମ୍ୟାପ୍ ବିକଶିତ କରିବା ପାଇଁ ୧୦ଟି ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ନିଷ୍ପତ୍ତି ଗ୍ରହଣ ପାଇଁ ସେ ଗ୍ଲୋବାଲ ସାଉଥ୍ (ବିଶ୍ୱ ଦକ୍ଷିଣ)ର ଅଧିକ ପ୍ରତିନିଧିତ୍ୱ ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନର ବ୍ୟବସ୍ଥାକୁ 'ବିଶେଷାଧିକାରର ପିରାମିଡ୍' ଭାବରେ ବର୍ଣ୍ଣନା କରି ଏହା 'ଭାଗୀଦାରୀର ଏକ ପ୍ଲାଟଫର୍ମ' ହେବା ଉଚିତ ବୋଲି ମୋଦି କହିଛନ୍ତି। ପଶ୍ଚିମ ଏସିଆ ଉତ୍ତେଜନା ଓ ରୁଷ୍-ୟୁକ୍ରେନ୍ ସଂଘର୍ଷ ଜାରି ରହିଥିବା ପରିପ୍ରେକ୍ଷୀରେ 'ନୂଆଦିଲ୍ଲୀ ଘୋଷଣାନାମା-୨୦୨୬'ରେ ବ୍ରିକ୍ସ ଦେଶର ନେତାମାନଙ୍କୁ ସହମତ କରାଇବାକୁ ଭାରତର ଏକ ବଡ଼ କୂଟନୈତିକ ସଫଳତା ଭାବେ ବିଚାର କରାଯାଉଛି। ଭାରତର ଦକ୍ଷ କୂଟନୈତିକ ଚାଲ୍ ଯୋଗୁଁ କୌଣସି ମତଭେଦ ବ୍ରିକ୍ସ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିପାରିନାହିଁ। 'ନୂଆଦିଲ୍ଲୀ ଘୋଷଣାନାମା-୨୦୨୬'ରେ ଆତଙ୍କବାଦ, ବ୍ରିକ୍ସ ସହଯୋଗ, ବିବାଦ ନିରାକରଣ, ମାଦକ ଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ, ଟାରିଫ୍ ବ୍ୟବସ୍ଥା, ଶକ୍ତି ନିରାପତ୍ତା ଓ ବିନିମୟ ପ୍ରଭୃତି ବିଶ୍ୱ ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ତଥା ଚିନ୍ତାଜନକ ବିଷୟ ଉପରେ ଆଲୋକପାତ କରାଯାଇଛି। ପୃଷ୍ଠା-୬

### ସାତ ବର୍ଷ ପରେ ଭାରତ ମାଟିରେ ମୋଦି-ଜିନପିଙ୍ଗ୍ ସାକ୍ଷାତ

## ମତଭେଦକୁ ବିବାଦରେ ପରିଣତ ହେବାକୁ ଦିଆଯିବନି



ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ସାତ ବର୍ଷର ବ୍ୟବଧାନ ପରେ ଭାରତୀୟ ମାଟିରେ ଦୁଇ ଦେଶର ଶୀର୍ଷ ନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ସାକ୍ଷାତ। ଏହି ଐତିହାସିକ ବୈଠକରେ ଭାରତ ଓ ଚୀନ୍ ମଧ୍ୟରେ ଥିବା ମତଭେଦଗୁଡ଼ିକୁ କୌଣସି ପରିସ୍ଥିତିରେ ମଧ୍ୟ ବିବାଦରେ ପରିଣତ ହେବାକୁ ଦିଆଯିବ ନାହିଁ ବୋଲି ଉଭୟ ନେତା ଦୃଢ଼ ମତ ପୋଷଣ କରିଛନ୍ତି। ୨୦୨୫ ଅଗଷ୍ଟରେ ତିଆଞ୍ଜିନ୍‌ଠାରେ ଅନୁଷ୍ଠିତ ପୂର୍ବ ବୈଠକ ପରଠାରୁ ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ଥିର କରିବା ଦିଗରେ ହୋଇଥିବା ପ୍ରଗତିର ସମୀକ୍ଷା ଉଭୟ ନେତା କରିଥିଲେ। ବିବାଦୀୟ ସୀମାନ୍ତରେ ବର୍ଷ ବର୍ଷ ଧରି ଲାଗି ରହିଥିବା ତିକ୍ତତା ପରେ ନୂଆଦିଲ୍ଲୀ ଓ ବେଜିଂ ପକ୍ଷରୁ ସମ୍ପର୍କକୁ ପୁନଃପ୍ରତିଷ୍ଠା କରିବା ପାଇଁ ଜାରି ରହିଥିବା ପ୍ରୟାସ ପରିପ୍ରେକ୍ଷୀରେ ଏହି ଆଲୋଚନାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି।

## ଭାଇରାଲ ହେଲା ମୋଦି-ପୁଟିନ-ଜିନପିଙ୍ଗଙ୍କ ବ୍ରୋମାନ୍ସ

### ବିଶ୍ୱର ମହା ତ୍ରିଶକ୍ତିଙ୍କ ମହାମିଳନ



୧୮ତମ ବ୍ରିକ୍ସ ସମ୍ମିଳନୀରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଏକ ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସମ୍ମିଳନୀ ଅବସରରେ ମଝିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୋଟିଏ ପାଖରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ଅନ୍ୟ ପାଖରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ହାତ ଧରାଧରି ହୋଇ ଛିଡ଼ା ହୋଇଥିବା ଓ ହସୁଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଏହି ତିନି ପ୍ରମୁଖ ବିଶ୍ୱ ନେତାଙ୍କ ଆତ୍ମୀୟତା ଏବଂ ହାସ୍ୟରସପୂର୍ଣ୍ଣ ମୁହୂର୍ତ୍ତକୁ ନେଟିଜେନ୍ସ 'ବ୍ରୋମାନ୍ସ' ବୋଲି ଆଖ୍ୟା ଦେଇଛନ୍ତି। ବ୍ରିକ୍ସ ଶିଖର ସମ୍ମିଳନୀରେ ଏହି ତିନି ଶୀର୍ଷ ନେତାଙ୍କ ଏକତା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଚରଣ ବିଶ୍ୱ ପଟଳରେ ବ୍ରିକ୍ସର ଶକ୍ତି ଏବଂ ବହୁପାକ୍ଷିକ ସମ୍ପର୍କର ଏକ ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛି।

## ଲଗାଣ ବର୍ଷାରେ ମାଲକାନଗିରି ବେହାଲ



- ଦ୍ୱିତୀୟ ଲଘୁଚାପରେ ସର୍ବାଧିକ ପ୍ରଭାବିତ
- ପୋଲ ଉପରେ ୩-୪ ଫୁଟ୍ ପାଣି, ପ୍ରବଳରୁ ଅତି ପ୍ରବଳ ବର୍ଷା
- ସ୍ଥିତିର ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ
- ସବୁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍

ମାଲକାନଗିରି, ୧୨।୯ (ସଂଚାର ବ୍ୟୁରୋ)ଃ ଦ୍ୱିତୀୟ ଲଘୁଚାପ ମାଲକାନଗିରି ଜିଲ୍ଲାକୁ ବେଶୀ ପ୍ରଭାବିତ କରିଛି। ଲଗାଣ ବର୍ଷାରେ ଭାସିଲା ପୋଲ। ଭାରି ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାର ସମସ୍ତ ନଦୀରେ ସ୍ଥିତି ସଙ୍ଗୀନ ହୋଇଛି। ଶନିବାର ମାଲକାନଗିରି ଜିଲ୍ଲାରେ ୮୦୪ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାଙ୍ଗାମ, ପୋଟେରୁ, କାଙ୍କୁରୁକୋଣ୍ଡା, କନ୍ୟାଶ୍ରମ ଓ ଏମଭି-୯୬ ନଦୀ ପୋଲ ଉପରେ ୩ରୁ ୪ ଫୁଟ ଉଚ୍ଚତାରେ ପାଣି ପ୍ରବାହିତ ହେଉଛି। କୋଲାବ ସିଷ୍ଟମର ଉପର ମୁଣ୍ଡରେ ବର୍ଷା ପାଇଁ ଫ୍ଲାସ୍ ଫ୍ଲଡ୍ ମାଲକାନଗିରିରେ ଦେଖିବାକୁ ମିଳିଛି।

ପରିସ୍ଥିତିକୁ ଦେଖି ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି ଜିଲ୍ଲାପାଳ। କୋରାପୁଟରୁ ଓଡ୍ରାଫ ଟିମ୍ ଆସି ମାଲକାନଗିରିରେ ପହଞ୍ଚିଛନ୍ତି। ୩୨୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଶହ ଶହ ଯାନବାହାନ ଅଟକି ରହିଛି। ବସ୍ ଯାତ୍ରୀମାନେ ଶୁକ୍ରବାର ରାତିରୁ ନ ଖାଇ ପୋଟେରୁ ପୋଲ ନିକଟରେ ଅଟକି ରହିଛନ୍ତି।

ପୋଲ ଉପରେ ପାଣି ଚାଲୁଥିବା ଯୋଗୁଁ କାଲିମେଳା ଓ ପଡ଼ିଆ ବ୍ଲକ୍ ସହ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଶିକ୍ଷକମାନେ ବିଦ୍ୟାଳୟକୁ ଯାଇ ପାରି ନ ଥିବା ବେଳେ କଲେଜ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନ ପାରି ପୋଲ ନିକଟରେ ଅଟକି ରହିଛନ୍ତି। ପ୍ରଶାସନ ତରଫରୁ ଯାତ୍ରୀମାନଙ୍କୁ ସକାଳେ ଚୁଡ଼ା ଓ ବିସ୍କୁଟ ପରି ଶୁଖିଲା ଖାଦ୍ୟ ଦିଆଯାଇଥିବା ବେଳେ ମଧ୍ୟାହ୍ନଭୋଜନରେ ରନ୍ଧା ପୃଷ୍ଠା-୬

## ବ୍ରିକ୍ସ ସମ୍ମିଳନୀରେ କୋରାପୁଟର ସ୍ୱାଦ

### 'ଟାଇଗର ବ୍ରାଇଟ୍' ଜରିଆରେ ବିଶ୍ୱ ଦରବାରରେ ଓଡ଼ିଶା କଫି



ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ)ଃ କୋରାପୁଟର କଫି ବଗିଚାରୁ ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପହଞ୍ଚିଛି ଓଡ଼ିଶାର ସ୍ୱାଦ। କୋରାପୁଟର ପୂର୍ବଘାଟ ପର୍ବତମାଳାରେ ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ପ୍ରିମିୟମ ଆରବିକା କଫି 'ଟାଇଗର ବ୍ରାଇଟ୍' ବ୍ରିକ୍ସ ସମ୍ମିଳନୀରେ ଅଭ୍ୟାଗତମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ଏହା ବିଶ୍ୱବାସୀଙ୍କୁ ଓଡ଼ିଶାର ସ୍ୱାଦ ସହ ପରିଚିତ କରାଇବା ସହ ଆଦିବାସୀ ଉଦ୍ୟୋଗ, ମୂଲ୍ୟ ବୃଦ୍ଧି ଓ ସ୍ଥାୟୀ ଜୀବିକାରେ ଅପାର ସମ୍ଭାବନାକୁ ପ୍ରଦର୍ଶିତ କରୁଛି। କୋରାପୁଟ ପାହାଡ଼ରେ ଉତ୍ପାଦିତ କଫି ପାଇଁ ବଜାର ସୃଷ୍ଟି କରିବା ଥିଲା ଆମର ପ୍ରଥମ ପ୍ରୟାସ। ବର୍ତ୍ତମାନ ଏହି ପ୍ରୟାସ ସଫଳ ହୋଇଛି। 'ଭୋକାଲ୍ ଫର୍ ଲୋକାଲ୍'ର ନାରାକୁ ପ୍ରତିଫଳିତ କରି କୋରାପୁଟ କଫି ଏବେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଖ୍ୟାତି ଆଣି ଦେଇଛି।

କୋରାପୁଟର ଆଦିବାସୀ ସମ୍ପ୍ରଦାୟ ପାଇଁ 'ଟାଇଗର ବ୍ରାଇଟ୍'ର ଏହି ସଫଳତା କେବଳ ଏକ କଫି ବ୍ରାଣ୍ଡର କାହାଣୀ ନୁହେଁ, ବରଂ ଏହା ସେମାନଙ୍କ ପାଇଁ ନୂତନ ସୁଯୋଗ ଆଣି ଦେଇଛି। ଆଞ୍ଚଳିକ ବ୍ରାଣ୍ଡକୁ ଅନ୍ତର୍ଜାତୀୟ ବଜାର ମିଳିଛି। ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫି ଶହ ଶହ ଆଦିବାସୀ ଚାଷୀ ପରିବାରର ପରିଶ୍ରମକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରାଯାଇଛି। ଗ୍ରାମୀଣ ଆଦିବାସୀ ଅଞ୍ଚଳରୁ ସୃଷ୍ଟ ଉତ୍ପାଦଗୁଡ଼ିକ କିପରି ଆଧୁନିକ ବଜାରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିବେ, ତାହା ନେଇ ପ୍ରୟାସ ଆରମ୍ଭ ହୋଇଛି।

କୋରାପୁଟର କଫି ବିଶେଷ କରି ନନ୍ଦପୁର ଓ ମାଛକୁଣ୍ଡ ଅଞ୍ଚଳରେ ଚାଷ କରାଯାଇଥାଏ। ସମୁଦ୍ର ପୃଷ୍ଠା-୬

## ମାଡ଼ି ଆସୁଛି ତିନି 'ସୁପର୍ ସାଇକ୍ଲୋନ୍'

### ଓଡ଼ିଶା-ଆନ୍ଧ୍ର ଉପକୂଳକୁ ଭୟ





ନୂଆଦିଲ୍ଲୀ,୧୨।୯ଃ ଆଗାମୀ ତିନି ମାସ ମଧ୍ୟରେ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବାତ୍ୟାର ବିପଦ ବଢ଼ିପାରେ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଅନୁଯାୟୀ, ଆସନ୍ତା ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ତିନୋଟି ଶକ୍ତିଶାଳୀ ଝଡ଼ ସୃଷ୍ଟି ହୋଇପାରେ। ସେମାନଙ୍କର ଶକ୍ତି ପ୍ରତିବର୍ଷ ଆସୁଥିବା ଘୂର୍ଣ୍ଣିଝଡ଼ ତୁଳନାରେ ହାରାହାରି ୮୩ ପ୍ରତିଶତ ଅଧିକ ହେବ ବୋଲି ଆକଳନ କରାଯାଇଛି। ତେବେ ଏହା କ'ଣ ଉପକୂଳବର୍ତ୍ତୀ ଅଞ୍ଚଳରେ ବିପଦ ବୃଦ୍ଧି କରିବ, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଇସ୍ରୋ ଏହାର ଉପଗ୍ରହ ଏବଂ ପାଣିପାଗ ପର୍ଯ୍ୟବେକ୍ଷଣ ପ୍ରଣାଳୀରୁ ମିଳିଥିବା ତଥ୍ୟ ଆଧାରରେ ଏହି ସତର୍କତା ଜାରି କରିଛି। ଆସନ୍ତା ପୃଷ୍ଠା-୬

### ଓରାଙ୍ଗଉଟାନ ଉଦ୍ଧାର ମାମଲା

## ଦୀଘାରୁ ମିଳିଲା ଆଉ ଏକ ସିସିଟିଭି ଫୁଟେଜ୍

- ଏକ ହୋଟେଲ ଉପରେ ଏସ୍‌ଟିଏଫ୍‌ର ସନ୍ଦେହ
- ହୋଟେଲ ମାଲିକ ଓ ପୁଅ ଫେରାର୍



ଭୁବନେଶ୍ୱର,୧୨।୯ (ସଂଚାର ବ୍ୟୁରୋ)ଃ ଓରାଙ୍ଗଉଟାନ ଉଦ୍ଧାର ମାମଲାକୁ ନେଇ ସାମ୍ନାକୁ ଆସିଲା ନୂଆ ସିସିଟିଭି ଭିଡିଓ। ଦୀଘାର ସନ୍ଦିଗ୍ଧ ହୋଟେଲ ସାମ୍ନାର ସିସିଟିଭିକୁ ନେଇ ବଢ଼ୁଛି ସସପେନ୍ସ। ଭିଡିଓରେ ଦୁଇଟି କାର୍ ଆଗ ପଛ ହୋଇ ହୋଟେଲ ସାମ୍ନାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ହୋଟେଲ ସାମ୍ନାରେ ଗାଡ଼ି ରଖି କିଛି ଡିଲ୍ ହେଉଥିବାର ସନ୍ଦେହ କରାଯାଉଛି। ଏପରିକି ଗାଡ଼ି ଭିତରୁ କିଛି ଲୋକ ବାହାରି ପରସ୍ପର ସହ କଥା ହେଉଥିବା ଦେଖିବାକୁ ପୃଷ୍ଠା-୬

### ସିବିଆଇ ତଦନ୍ତ ଦାବିକଲା ବିଜେଡି

ଓରାଙ୍ଗଉଟାନ ମାମଲାରର ଏସଟିଏଫର ତଦନ୍ତରୁ କୌଣସି ଉଲ୍ଲେଖନୀୟ ଫଳାଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି ବିଜେଡି ନେତା ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ। ଏଥିସହ ସେ ତିନୋଟି ପ୍ରଶ୍ନର ପୃଷ୍ଠା-୬

## ତ୍ରିଲୋଚନ ମାଝୀ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି



### ଅବସର ପରେ ମିଳିଲା ପୁନଃନିଯୁକ୍ତି

ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ)ଃ ଅବସରପ୍ରାପ୍ତ ଆଇଏଏସ୍ ଅଫିସର୍ ତ୍ରିଲୋଚନା ମାଝୀଙ୍କୁ ଆଜି ରାଜ୍ୟ ସରକାର ପୁନଃନିଯୁକ୍ତି ଦେଇଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି (ଅଫିସର୍ ଅନ୍ ସ୍ପେଶାଲ୍ ଡ୍ୟୁଟି) ତଥା ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହି ପଦବୀରେ ବର୍ଷେ ପାଇଁ କାର୍ଯ୍ୟ କରିବେ ବୋଲି ଆଜି ସରକାରୀ ସୂତ୍ରରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ପିଜିଜିଏ) ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଗତ ଅଗଷ୍ଟ ୩୧ ତାରିଖରେ ଅବସର ନେଇଥିବା ଶ୍ରୀ ମାଝୀଙ୍କୁ ଗତ ୧୦ ତାରିଖରେ ପୁନଃନିଯୁକ୍ତି ଦିଆଯାଇଛି। ୨୦୧୨ କ୍ୟାଡର୍‌ର ଆଇଏଏସ୍ ଅଫିସର୍ ଶ୍ରୀ ମାଝୀ ଗୃହ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ।



### କାନ ଡେରିଥା

ଛବିଶିର ଲୋକେ ଚାହିଁଲେଣି ଏବେ
ଅଶୀକୁ ସେ ଫେରିଯିବେ
ଚିନି ଦର ସେବେ କେତେ ଟଙ୍କା ଥିଲା
ପଚାରି ବୁଝି ଆସିବେ
ପିଆଜ ଦେଖି କାନ୍ଦିବେ...
ପେଟ୍ରୋଲ ଡିଜେଲ ମିଳୁଥିଲା ଯଦି
ଦରଟା ବି ବୁଝିନେବେ ।।

■ ଦେବାଶିଷ

# ପଞ୍ଚାୟତ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛି ରଣନୀତି



- ବିକାଶର ନାରା ବନାମ ବିଫଳତାର ପ୍ରଚାର
- ଜେନ୍-ଜି'ଙ୍କୁ ଯାଉଛି ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ)ଃ ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ମାସରୁ ଭୋଟର ତାଲିକା ସର୍ଭେର ସୂଚନା ମିଳିବା ପରେ ପରେ ଏବେ ପଞ୍ଚାୟତରେ ଲଢ଼େଇ ପାଇଁ ରାଜ୍ୟର ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଡବଲ ଇଞ୍ଜିନ ସରକାରର ବିଭିନ୍ନ ବିକାଶ ନାରା ସହ ବିରୋଧୀଙ୍କ ବିଫଳତାର ପ୍ରଚାରର ଲଢ଼େଇ ହେବ।

ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ସରୁଛି। ତେଣୁ ୨୦୨୭ ଏପ୍ରିଲ୍ କିମ୍ବା ମେ' ମାସରେ ପଞ୍ଚାୟତ ନିର୍ବାଚନ ହେବ। ନିର୍ବାଚନ ହେବା ନେଇ ସ୍ପଷ୍ଟତା ଆସୁଥିବାରୁ ତିନି ପ୍ରମୁଖ ଦଳ ଏବେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶାସକ ବିଜେପି କ୍ଷମତାରେ ରହି ପ୍ରଥମ ଥର ପାଇଁ ଏକାକୀ ପଞ୍ଚାୟତ ନିର୍ବାଚନ ଲଢ଼ିବାକୁ ଯାଉଥିବା ବେଳେ ବିରୋଧୀ ଦଳ ହିସାବରେ ବି ବିଜେଡି ତାହାର ପ୍ରଥମ ପଞ୍ଚାୟତ ନିର୍ବାଚନ ଲଢ଼ିବ। ତେବେ କଂଗ୍ରେସର ଏ କ୍ଷେତ୍ରରେ ଢେର ଅଭିଜ୍ଞତା ରହିଛି।

ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେପି ତା'ର ବିକାଶର ତାଲିକା ଧରି ଗାଁଗହଳର ଲୋକଙ୍କ ପାଖକୁ ଯିବ। ଏଥିରେ ଗୋଟିଏ କ୍ୱିଣ୍ଟାଲ ଧାନରେ ଚାଷୀଙ୍କୁ ମିଳୁଥିବା ଅଧିକ ୮୦୦ ଟଙ୍କା ଏବଂ ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନା ରହିଛି। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ଅନେକ ଯୋଜନାର ଚିତ୍ର ରହିବ। ସେହିଭଳି ଗତ ଅଢ଼େଇ ବର୍ଷରେ ବିଜେପି ସରକାରର ବିଫଳତାକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ଲୋକଙ୍କ ପାଖକୁ ଯିବେ। ଏଥିରେ ଭତ୍ତା ପ୍ରଦାନରେ ଅନିୟମିତାଠାରୁ ଆରମ୍ଭ କରି ଧାନର କଟନୀ ଛଟନୀ ଆଦି ପ୍ରମୁଖ ବିଷୟ ପାଲଟିବ।

ଏଥିପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ଜେନ୍-ଜି' ଯୋଦ୍ଧାଙ୍କୁ ଗାଁଗହଳରେ ସକ୍ରିୟ ରହିବାକୁ ନିର୍ଦ୍ଦେଶ ଦେବା ଆରମ୍ଭ କରିଛନ୍ତି। ବିଜେପି ତା'ର ମଣ୍ଡଳସ୍ତରୀୟ ସଂଗଠନକୁ ମଜବୁତ କରୁଥିବା ବେଳେ କଂଗ୍ରେସ ନେତାମାନେ ଗାଁଗହଳରେ ଅତି କମ୍‌ରେ ୨୦ ଦିନ ରହିବାକୁ ପ୍ରଦେଶ କଂଗ୍ରେସ ପୃଷ୍ଠା-୬

## ସରକାରଙ୍କ ସ୍ପିଡ୍‌କୁ ମ୍ୟାଚ୍ କରିପାରୁନାହାନ୍ତି ଅଫିସର

### ୫ ମାସରେ ଖର୍ଚ୍ଚ ମାତ୍ର ୨୬.୮%

ଭୁବନେଶ୍ୱର,୧୨।୯ (ସଂଚାର ବ୍ୟୁରୋ)ଃ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ଖର୍ଚ୍ଚ ମାତ୍ର ୨୬ ପ୍ରତିଶତ। ବହୁ ବିଭାଗର ବଜେଟ୍ ଅର୍ଥ ଖର୍ଚ୍ଚ ନଗଣ୍ୟ ହୋଇଥିବାରୁ ବିକାଶ କାମ ରାଜ୍ୟରେ ଠପ୍ ହୋଇଛି, ଯାହା ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି। ଚର୍ଚ୍ଚା ହେଉଛି ସରକାରଙ୍କ ସ୍ପିଡ୍‌କୁ ମ୍ୟାଚ୍ କରିପାରୁନାହାନ୍ତି ଅଫିସର। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆଣିଲେ ରାଜ୍ୟ ସରକାର। ବଡ଼ ବଜେଟ୍ ଆଣି ବିକାଶର ବଡ଼ ଯୋଜନା ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀ ବିଶେଷକରି ତୃଣମୂଳ ସ୍ତରର କର୍ମଚାରୀଙ୍କ ଆନ୍ତରିକତା ଓ ଦକ୍ଷତାର ଅଭାବ ଯୋଗୁଁ ବଜେଟ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ହୋଇପାରୁନାହିଁ। ଚଳିତ ଆର୍ଥିକ ବର୍ଷର ପୃଷ୍ଠା-୬

## ନୂତନ ରାସନ କାର୍ଡ଼ ଓ ଭତ୍ତା ବାଣ୍ଟିଲେ ବିଧାୟକ



ନିଶ୍ଚିନ୍ତକୋଇଲି,୧୨।୯ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ତା.୧୨.୦୯.୨୦୨୬ରିଖ ଶନିବାର ମଧ୍ୟାହ୍ନରେ ମହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ନୂତନ ହିତାଧିକାରୀ ମାନଙ୍କୁ ବିଭିନ୍ନ ପ୍ରକାର ଭତ୍ତା ଓ ନୂତନ ରାସନ କାର୍ଡ ବଣ୍ଟନ କରିଥିଲେ। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ୨୭ଟିଗୋଟି ପଞ୍ଚାୟତର ମୋଟ୍ ୧୫୧ ଜଣଙ୍କୁ ବିଭିନ୍ନ ପ୍ରକାର ଭତ୍ତା ଓ ୭୦୦ ପରିବାରକୁ ନୂତନ ରାସନ କାର୍ଡ ବଣ୍ଟନ କରିଥିଲେ। ନୂତନ ରାସନ କାର୍ଡ ପାଇଥିବା ୭୦୦ ପରିବାରରେ ପାଖାପାଖି ୩୧୫୦୦ ଜଣ ରାସନ ସାମଗ୍ରୀ ପାଇବେ।

କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ କୁମାର ଦାସ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନୃସିଂହଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଡ଼ ବଣ୍ଟନ କରିଥିଲେ। ନିଶ୍ଚିନ୍ତକୋଇଲି ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ପାତ୍ର, ଯୋଗାଣ ବିଭାଗ କାର୍ଯ୍ୟାଳୟ କର୍ମଚାରୀ ଦେବେନ୍ଦ୍ର ଦେବଦାସ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ଯତିନ୍ଦ୍ର ନାଥ ଜେନା, ଦେବେନ୍ଦ୍ର ସାହୁ, ସରପଞ୍ଚ ଗୋପବନ୍ଧୁ ସେଠୀ, ପ୍ରଦିପ୍ତ କୁମାର ପଡ଼ିହାରୀ ପ୍ରମୁଖ ବିଧାୟକଙ୍କ ବହୁ ସମର୍ଥକ ଉପସ୍ଥିତ ଥିଲେ।

ନୂତନ ରାସନ କାର୍ଡ଼ ଓ ନୂତନ ଭତ୍ତା ପ୍ରଦାନ ବାଦ୍ ଆଉ ଯେଉଁମାନେ ଯୋଗ୍ୟ ହିତାଧିକାରୀ ରହିଲେ ସେମାନଙ୍କୁ ଅକ୍ଟୋବର ମାସ ସୁଦ୍ଧା ସରକାରୀ ସୁବିଧା ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ।

# ସରକାରୀ କରତକଳରେ କାଠ ମାଫିଆଙ୍କ ରାଜୁତି

### ବେଆଇନ କାଠ ମହଜୁଦ ଓ ଚୋରାଚାଲାଣ ଅଭିଯୋଗ

### ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ସାଧାରଣ ଜନତା



କେନ୍ଦ୍ରାପଡ଼ା,୧୨।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ବେଆଇନ କାଠ କଟା ଓ ଚୋରାଚାଲାଣକୁ ନେଇ ଅଭିଯୋଗ ଦିନକୁ ଦିନ ଗୁରୁତର ହେଉଛି। ଜିଲ୍ଲାର ବଳଭଦ୍ରପୁର କାଠ ଶିଳ୍ପାଞ୍ଚଳରେ ନିୟମ ଉଲ୍ଲଂଘନ କରି କରତକଳ ଚାଲୁଥିବା ଏବଂ ବିପୁଳ ପରିମାଣରେ ଚୋରା କାଠ ମହଜୁଦ ରଖାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ୨୦୧୪ମସିହାରେଇଡକୋ ପକ୍ଷରୁ ପ୍ରାୟ ୧୦୦ ଏକର ଜମି ଅଧିଗ୍ରହଣ ପରେ ଏଠାରେ କାଠ ଶିଳ୍ପ ପ୍ରତିଷ୍ଠା ହୋଇଥିଲା। ୨୦୧୬ ମସିହାରେ ଏଠାରେ ୭ଟି ସରକାରୀ ସ୍ୱୀକୃତିପ୍ରାପ୍ତ କରତକଳ ଥିବା କୁହାଯାଉଥିଲା। ମାତ୍ର ବର୍ତ୍ତମାନ ଅନେକ କରତକଳ ବେଆଇନ ଭାବେ ସରକାରୀ ଗୋଚର ଜମି ଜବରଦଖଲ କରି ପ୍ରତିଷ୍ଠା ହୋଇଥିବା ଅଭିଯୋଗ ହୋଇଛି।

ଡେରାବିଶି ବ୍ଲକର ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ ଓ ଆଇନଜୀବୀ ଶରତ ସାହୁଙ୍କ ଅଭିଯୋଗ ଅନୁଯାୟୀ, ରାଜନଗର, ମହାକାଳପଡ଼ା, ପାଟକୁରା, ମାର୍ଶାଘାଇ ଓ ଡେରାବିଶ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗଛ କାଟି ଟ୍ରାକ୍ଟର ଯୋଗେ ବଳଭଦ୍ରପୁର କରତକଳକୁ ଚୋରାଚାଲାଣ କରାଯାଉଛି। ଏଥିରେ ରାସ୍ତାକଡ଼, ଅନାବାଦୀ ଓ ଗୋଚର ଜମିର ଗଛ ମଧ୍ୟ କଟାଯାଉଥିବା ଅଭିଯୋଗ ରହିଛି ଯାହା ସରକାରଙ୍କ ପରିବେଶ ସୁରକ୍ଷା ଓ ବନୀକରଣ ପାଇଁ ବିପୁଳ ଅର୍ଥ ବ୍ୟୟ କରୁଥିବାବେଳେ ଏଭଳି ବେଆଇନ ଗଛକଟା ଓ କାଠ ଚୋରାଚାଲାଣ ଉପରେ ନଜରଦାରିକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୋଗ ପରେ ଏକ ଗଣମାଧ୍ୟମ ଟିମ୍ ବଳଭଦ୍ରପୁର ଅଞ୍ଚଳରେ ଗ୍ରାଉଣ୍ଡ ଜିରୋରେ ଯାଞ୍ଚ କରିଥିବା ଜଣାପଡ଼ିଛି।

ଯାଞ୍ଚ ସମୟରେ ବିଭିନ୍ନ କରତକଳ ପରିସର ଓ ରାସ୍ତାକଡ଼ରେ ଗମ୍ଭାରୀ, ଆମ୍ବ, ପଣସ, ଚାକୁଣ୍ଡା, ଆକାଶୀ, ଶାଳ ଓ ପିଆଶାଳ ଭଳି ବିଭିନ୍ନ ପ୍ରଜାତିର ବିପୁଳ କାଠ ମହଜୁଦ ଥିବା ଦାବି କରାଯାଇଛି। ଏହି କାଠର ବୈଧତା, ସରକାରୀ ଷ୍ଟାମ୍ପ ଓ ଆବଶ୍ୟକ କାଗଜପତ୍ରକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ତେବେ ଏତେ ପରିମାଣର କାଠ କେଉଁଠାରୁ ଆସୁଛି, କାଠ ପରିବହନ ପାଇଁ ଆବଶ୍ୟକ ଅନୁମତି ରହିଛି କି ନାହିଁ ଏବଂ କରତକଳଗୁଡ଼ିକ ନିୟମ ଅନୁସାରେ ଚାଲୁଛି କି ନାହିଁ— ତାହାର ନିରପେକ୍ଷ ତଦନ୍ତ ଦାବି ହୋଇଛି। ଏହି ଘଟଣାରେ କିଛି ବନ କର୍ମଚାରୀ, ରାଜସ୍ୱ ଅଧିକାରୀ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ମଧ୍ୟ ଅଭିଯୋଗ ଆସିଥିଲେ ମଧ୍ୟ ଏହାର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ।

ଅଭିଯୋଗ ସମ୍ପର୍କରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ କହିଛନ୍ତି ଯେ, ଘଟଣାର ଖୁବଶୀଘ୍ର ତଦନ୍ତ କରାଯାଇ ଆବଶ୍ୟକ ହେଲେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବଳଭଦ୍ରପୁର କରତକଳ ଅଞ୍ଚଳରେ ବେଆଇନ କାଠ କାରବାର ଓ ଜମି ଜବରଦଖଲ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାଧାରଣ ଜନତା ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ଅଞ୍ଚଳବାସୀ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

# ରିଲିଫ୍ ଚାଉଳ ହଡ଼ପ ଉଦ୍ୟମ ପଣ୍ଡ

### ପଞ୍ଚାୟତ କାର୍ଯ୍ୟାଳୟରେ ମହଜୁଦ ରହିଲା



ଡେରାବିଶ,୧୨।୯ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତକୁ ଆଜି ଏକ ଟାଟା ଏସିରେ ୬୮ ବସ୍ତା ଚାଉଳ ବୋଝେଇ ହୋଇ ରିଲିଫ୍ ପ୍ରଦାନ ଉଦ୍ଦେଶ୍ୟରେ ଆସିଥିଲା। ତେବେ ବନ୍ୟା ସମୟରେ ରିଲିଫ୍ ନଆସି ବନ୍ୟା ପାଣି ଛାଡ଼ିବାର ଢ଼େର ସମୟରେ ଏହି ରିଲିଫ୍ ଚାଉଳ ଟ୍ରକ ଆସିବା ଘଟଣା ଚାଉଳ ହଡ଼ପ ହେବାର ଆଶଙ୍କା ରହିଛି ବୋଲି ପଞ୍ଚାୟତ ନିକଟସ୍ଥ ଗାଁ ଲୋକ ସନ୍ଦେହ ପ୍ରକଟ କରିଥିଲେ। କାରଣ ଏହା ପୂର୍ବରୁ ବନ୍ୟା ସମୟରେ ଆସିଥିବା ୧୦୦ ବସ୍ତା ଗୋଖାଦ୍ୟ ବଦଳରେ କୁଆଡ଼େ ପଞ୍ଚାୟତର ସମସ୍ତ ୱାର୍ଡ଼ରେ ୯୫ ବସ୍ତା ଗୋଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ୫ ବସ୍ତା ଗୋଖାଦ୍ୟର ହିସାବ ମିଳିନଥିବା ସ୍ଥାନୀୟ କିଛି ଲୋକ ପ୍ରକାଶ କରିଥିଲେ।

ତେବେ ଆଜି ସରକାରୀ ଛୁଟି ଦିନରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଏହି ଚାଉଳ ପଞ୍ଚାୟତ ନିକଟରେ ପହଞ୍ଚିବା ଓ ଏକ ଅଜଣା ଅଟୋ ଏହି ରିଲିଫ୍ ଚାଉଳ ବୋଝେଇ ଟାଟା ଏସି ନିକଟରେ ରହିବା ଘଟଣା ଅଞ୍ଚଳରେ ତ୍ୱରିତ ବେଗରେ ପ୍ରଚାର ହୋଇଯାଇଥିଲା। ତେବେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକମାନେ ପହଞ୍ଚିବାରୁ ଟେମ୍ପୋଟି ତୁରନ୍ତ ସେଠାରୁ ଚମ୍ପଟ ମାରିଥିଲା।

ତେବେ ଆସିଥିବା ରିଲିଫ୍ ଚାଉଳ ପଞ୍ଚାୟତରେ ସୂଚାରୁ ରୂପେ ବଣ୍ଟନ କରାଯିବା ପାଇଁ ଲୋକମାନେ ଦାବି କରି ପଞ୍ଚାୟତ ଗୋଦାମ ଗୃହରେ ସରପଞ୍ଚଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ରଖାଗଲା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସରକାରୀ ଛୁଟି ପରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ରିଲିଫ୍ ଚାଉଳ ବଣ୍ଟାଯିବ ବୋଲି ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ କରିଛନ୍ତି।

### ନରସିଂହପୁର ପଞ୍ଚାୟତରେ

## ମିଳୁନି ସାର, ଚାଷୀ ହତାଶ

ପଟ୍ଟାମୁଣ୍ଡାଇ,୧୨।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତର ଚାଷୀମାନେ ଚାଷ କରିବା ପାଇଁ ସାର ପାଉନଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହାଁ । ଯାହା ଫଳରେ ଶହ ଶହ ଏକର ଜମି ପଡିଆ ପଡିଛି । ନରସିଂହପୁର ସମବାୟ ସମିତି ପକ୍ଷରୁ ମାତ୍ର ଥରେ ଚାଷୀଙ୍କୁ ସାର ଯୋଗାଇ ଦିଆଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ସମବାୟ ସମିତି ପକ୍ଷରୁ ଚାଷୀ ମାନଙ୍କୁ ଏକାଧିକ ବାର ସାର ଯୋଗାଇ ଦିଆଯାଇଥିବା ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା ଅଭିଯୋଗ କରିବା ସହିତ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ପତ୍ର ଲେଖି ସାର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଅବିଳମ୍ବେ ସାର ଯୋଗାଇ ନଦେଲେ ନରସିଂହପୁର ପଂଚାୟତ ଚାଷୀ ମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

### ମହିଳା ବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ ପାଳିତ

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା




କେନ୍ଦ୍ରାପଡ଼ା,୧୨।୯(ସଂଚାର ବ୍ୟୁରୋ): ଯେଉଁ ଶିକ୍ଷାନୁଷ୍ଠାନ ନିଜର ପରିଚୟ ବଜାୟ ରଖିଲା, ଶିକ୍ଷାଗତ ଯୋଗ୍ୟତାକୁ ସମ୍ମାନ ଦେଲା, ପ୍ରତିଷ୍ଠିତ କରାଇ ରୋଜଗାର ଦେଲା ସେଇ ଶିକ୍ଷାନୁଷ୍ଠାନର ସ୍ୱନକ୍ଷତ୍ର ଉତ୍ସବରେ ସମ୍ପୃକ୍ତ ବିଦ୍ୟାଳୟର କିଛି ଶିକ୍ଷକ ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିବା ନେଇ ଅଂଚଳରେ ଚର୍ଚ୍ଚା ଜୋର ଧରିଛି ।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ସ୍ୱନକ୍ଷତ୍ର ଉତ୍ସବ ଶନିବାର ବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ପଂଚାୟତର ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ମଣିକୁଣ୍ଡା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନିଗମ ପ୍ରସାଦ ରଥ ଅତିଥି ଭାବେ ଯୋଗଦେଇଥିଲେ । ମହାବିଦ୍ୟାଳୟର ପ୍ରତିଷ୍ଠା ପାଇଁ ୩୩ ବର୍ଷ ତଳେ ମାର୍ଶାଘାଇର ଯେଉଁ ମହାପୁରୁଷମାନେ ଉଦ୍ୟମ କରିଥିଲେ ସେମାନଙ୍କୁ ଶତକୋଟି ପ୍ରଣାମ ଜଣାଇଥିଲେ । ଏହି ଶିକ୍ଷାନୁଷ୍ଠାନ ଯୋଗୁଁ ଅଞ୍ଚଳର ଝିଅମାନେ ଘର ପାଖରେ ଉଚ୍ଚ ଶିକ୍ଷା ଲାଭ କରିବାର ସୁଯୋଗ ପାଇବା ସହିତ ଏହି ଅନୁଷ୍ଠାନରେ ଅଧ୍ୟାପିକା, କର୍ମଚାରୀ ଭାବରେ ନିଯୁକ୍ତି ପାଇ ଅନେକ ଆଜି ସମ୍ମାନ ଜନକ ସ୍ଥାନରେ ନିଜର ପରିଚୟ ସୃଷ୍ଟି କରି ପାରିଛନ୍ତି । ସେହି ଦିବଂଗତ ପ୍ରତିଷ୍ଠାତା ସଦସ୍ୟ ମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପିକା ମମତା ଦାସ ସ୍ୱାଗତ ସ୍ୱାଗତ ଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସଂସ୍କୃତ ବିଭାଗ ଅଧ୍ୟାପିକା ସରୋଜିନୀ କର ଧନ୍ୟବାଦ ପ୍ରଦାନ କରିଥିଲେ ।

ଶିକ୍ଷାନୁଷ୍ଠାନର ସ୍ୱନକ୍ଷତ୍ର କାର୍ଯ୍ୟକ୍ରମ ରେ ଶିକ୍ଷକ ଶିକ୍ଷୟିତ୍ରୀ ଅନୁପସ୍ଥିତ ରହିବା କୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରିଛନ୍ତି ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ



କେନ୍ଦ୍ରାପଡ଼ା, ୧୨।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ପେଣ୍ଟ ଗ୍ରାମର ଲଲାଟ ସ୍ୱାଇଁ (୩୨)ଙ୍କର ଦୃର୍ଘଟଣା ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଲଲାଟ ସ୍ୱାଇଁ ଗତ ତା ୧୪,୦୮,୨୦୨୬ ରିଖ ରେ ନିଜ ବ୍ଯକ୍ତିଗତ କାମ ସାରି ରାତି ପ୍ରାୟ ୮ ଘଟିକା ସମୟରେ କେନ୍ଦ୍ରାପଡା ରୁ ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଘରକୁ ଫେରୁଥିବା ବେଳେ ଏକ ଅଜଣାଗାଡି ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ସେ ସଂଜ୍ଞାହୀନ ଅବସ୍ଥାରେ ପଡିରହିଥିଲେ । ଖବରପାଇ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ଏବଂ ପରେ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁ ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗଶିକ୍ଷା ନିଖୋଜ




କେନ୍ଦ୍ରାପଡ଼ା,୧୨।୯ (ସଂଚାର ବ୍ୟୁରୋ): ସରକାର ଗ୍ରାମାଞ୍ଚଳର ଲୋକମାନଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର( ଉପସ୍ୱାସ୍ଥ୍ୟ କେନ୍ଦ୍ର) ଖୋଲିଛନ୍ତି। ଏହି ମନ୍ଦିରରେ ଜଣେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ସହିତ ସାଧାରଣ ଲୋକ ସହ ମହିଳାମାନଙ୍କ ସ୍ୱାସ୍ଥ୍ୟ ନିରୋଗ ରହିବା ପାଇଁ ଯୋଗକେନ୍ଦ୍ର ଖୋଲି ଯୋଗଶିକ୍ଷା ଦେବାକୁ ବ୍ୟବସ୍ଥା କରିଛନ୍ତି। ସେଥିପାଇଁ ଯୋଗ ଟ୍ରେନର( ଯୋଗ କର୍ମଚାରୀ) ମଧ୍ୟ ନିଯୁକ୍ତି ଦିଆଯାଇଛି। ପ୍ରତିଦିନ ଦୁଇ ଘଣ୍ଟା ଲେଖାଏଁ ଲୋକମାନଙ୍କୁ ସୁସ୍ଥ ରଖିବାକୁ ଶିକ୍ଷା ଦେବାର ନିୟମ ରହିଛି। ବାସ୍ତବରେ ଏହି ଯୋଗ ଶିକ୍ଷା କେବଳ କାଗଜ କଲମରେ ଚାଲିଥିବା ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ କେବେ ଯୋଗ ଟ୍ରେନର ( କର୍ମଚାରୀ)ଙ୍କ ପାଦ ପଡ଼ିନାହିଁ କି ସେମାନେ ପୁରୁଷ କି ମହିଳା କର୍ମଚାରୀ ଦେଖିନାହାନ୍ତି। ଏଭଳି ଘଟଣା ରାଜନଗର ବ୍ଲକରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ଉପସ୍ୱାସ୍ଥ୍ୟ କେନ୍ଦ୍ର)ଗୁଡିକରେ ଦେଖିବାକୁ ମିଳିଛି।

ଏହି ବ୍ଲକର କେରଡାଗଡ଼,ଡାଙ୍ଗମାଳ, ଈଶ୍ୱରପୁର, ଜଗନ୍ନାଥପୁର ଶାସନ, ତାଳଚୁଆ, ବଳଭଦ୍ରପୁର, ବଳରାମପୁର, ବନ୍ଧପଡା, ବେଲପାଳ, ବାରହାପୁର, ଭାଟପଡା, ବ୍ରାହ୍ମଣୀକୋହ୍ଲା, ବ୍ରାହ୍ମଣସାହି, ବାଲିସାହିପାଟଣା, ଚାନ୍ଦିବାଉଁଶମୂଳ, ଧନେଶ୍ୱରପୁର, ଘଡ଼ିଆମାଳ, ହାତୀନା, ଜୁଣୁପଙ୍ଗରା, କଣ୍ଡିରା, କୃଷ୍ଣନଗର, ମହୁଲିଆ, ଓସ୍ତିଆ, ରାଜନଗର, ରଙ୍ଗଣୀ, ସାତଭାୟା, ପଟ୍ଟାପାରିଆ, କେରୁଆପାଳ, ବାଘମାରି, ବଳଭଦ୍ରପୁର ଓ ଦେବନାରାୟଣପୁର ପ୍ରଭୃତିରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯାଇଛି। ଏହି ମନ୍ଦିରଗୁଡିକ ମଧ୍ୟରୁ ଧନେଶ୍ୱରପୁର, ବଳରାମପୁର, ଜଗନ୍ନାଥପୁର ଶାସନ, ବ୍ରାହ୍ମଣସାହି, ବାଲିସାହିପାଟଣା, ଭାଟପଡା, ରାଜନଗର, ଚାନ୍ଦିବାଉଁଶମୂଳ, ହାତୀନା, କୃଷ୍ଣନଗର, ରଙ୍ଗଣୀ, ତାଳଚୁଆ, ଡାଙ୍ଗମାଳ, ଜୁଣୁପଙ୍ଗରା ଓ ମହୁଲିଆ ପ୍ରଭୃତି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ଶିକ୍ଷା କାଗଜ କଲମରେ ଚାଲିଥିବା ଅଭିଯୋଗ ହେଉଛି।

ଯୋଗ ଶିକ୍ଷା ଦେଉଥିବା କର୍ମଚାରୀମାନେ କିଛି ସିଏଚଓଙ୍କୁ ଦୁଇ ଶହ ଟଙ୍କା ଲେଖାଏଁ ଦେଇ ଦସ୍ତଖତ ଆଣୁଥିବା ବେଳେ ଅନ୍ୟ ସିଏଚଓଙ୍କୁ କହୁଛନ୍ତି ଯେ, ମୁଁ ନିର୍ଦ୍ଦିଷ୍ଟ ଦଳର ଲୋକ, ମୋ ବିରୁଦ୍ଧରେ ଗଲେ ତୁମ ସହ ମେଡିକାଲ ଅଫିସରଙ୍କୁ ଚାକିରିରୁ ବହିଷ୍କାର କରାଇବା ସହିତ ଦୁର୍ନୀତିର ପେଡି ଖୋଲି ସିଧା ସଳଖ ଜେଲ ପଠାଇବାକୁ ଧମକ ଚମକ ଦେଇ ଦସ୍ତଖତ ଆଣୁଥିବା ନେଇ ଜଣେ ସ୍ୱାସ୍ଥ୍ୟକର୍ମୀ ନାମ ଗୋପନ ସୂତ୍ରରେ ପ୍ରକାଶ କରିଛନ୍ତି।

ଯୋଗ ଶିକ୍ଷା କାଗଜ କଲମରେ ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କାହିଁକି ନୀରବ ରହୁଛନ୍ତି ? ମୋଟା ଅଙ୍କର ପିସି ନେଉଛନ୍ତି ନାଁ ଅନ୍ୟ କିଛି କେଳେଙ୍କାରୀ କରି ଘଣ୍ଟ ଘୋଡାଉଛନ୍ତି। ଯାହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ଯୋଗ ଶିକ୍ଷାର ଗୁମର ଖୋଲିବ ବୋଲି ଚର୍ଚ୍ଚା ହେଉଛି।

## ବିଜିବିଓ ପ୍ରକଳ୍ପ ଫଳକ ଭାଙ୍ଗିଲେ ଅସନ୍ତୁଷ୍ଟ ଗୋଷ୍ଠୀ



ମହାକାଳପଡ଼ା,୧୨।୯(ସଂଚାର ବ୍ୟୁରୋ): 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ଏକ ଢଳେଇ ରାସ୍ତା ପ୍ରକଳ୍ପକୁ ନେଇ ରାଜନୈତିକ ଗୋଷ୍ଠୀ କନ୍ଦଳ ଯୋଗୁଁ ପ୍ରକଳ୍ପର ଫଳକ ଭାଙ୍ଗି ଦିଆଯାଇଛି।ମହାକାଳପଡ଼ା ବ୍ଲକର ୧୯ ନମ୍ବର ଜୋନ ତଥା ଗୋବରୀ ମଣ୍ଡଳ ଅଧୀନ ବିଜୟନଗର ପଞ୍ଚାୟତର ୧୭ ନମ୍ବର ୱାର୍ଡ ଅରଡ଼ ଗାଁରେ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ଘରଠାରୁ ବାବାଜୀ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଢଳେଇ ରାସ୍ତା ପାଇଁ ପ୍ରାୟ ୬ ଲକ୍ଷ ଟଙ୍କାର ଅନୁଦାନ ରହିଥିବା ଜଣାପଡ଼ିଛି। ତେବେ ପ୍ରକଳ୍ପକୁ ନେଇ ଦଳୀୟ ସ୍ତରରେ ଅରଡ଼ ଗାଁର କିଛି ଲୋକଙ୍କ ନାମରେ ଚିଠା ପ୍ରସ୍ତୁତ ହୋଇଥିବା ବେଳେ, ପରବର୍ତ୍ତୀ ସମୟରେ ଚିଠାଧାରୀଙ୍କ ଅଗୋଚରରେ ବାହାର ଗାଁର କିଛି ବ୍ୟକ୍ତିଙ୍କ ନାମରେ ଫଳକ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଛି।

ଏପରିକି ସମ୍ପୃକ୍ତ ପଞ୍ଚାୟତର ଜଣେ ଆଗଧାଡ଼ିର ଦଳୀୟ କର୍ମୀ ପ୍ରକଳ୍ପ କାର୍ଯ୍ୟ ନିଜ ହାତକୁ ନେବାକୁ ଉଦ୍ୟମ କରୁଥିବା ଗାଁ ଲୋକେ ଜାଣିବାକୁ ପାଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ଅସନ୍ତୁଷ୍ଟ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ ଶେଷରେ ପ୍ରକଳ୍ପ ଫଳକ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି।

ଗୋଟିଏ ପଟେ ସରକାର 'ବିକଶିତ ଗାଁ'ର ସ୍ୱପ୍ନ ଦେଖାଉଥିବା ବେଳେ ଅନ୍ୟପଟେ ପ୍ରକଳ୍ପକୁ ନେଇ ଦଳୀୟ ଗୋଷ୍ଠୀ ମଧ୍ୟରେ ଫଳକ ଭଙ୍ଗା ପର୍ଯ୍ୟନ୍ତ ପରିସ୍ଥିତି ପହଞ୍ଚିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଭୁବନପୁର ନଦୀପଠାରେ ଗଛକଟାକୁ ବିରୋଧ



ବାଲିଅନ୍ତା,୧୨।୯ (ସଂଚାର ବ୍ୟୁରୋ): ନଦୀପଠାରୁ କଞ୍ଚା ଗଛ କାଟି ନେଉଥିବା ବେଳେ ଗ୍ରାମବାସୀଙ୍କ ବିରୋଧ। ପୁଲିସକୁ ଖବର ଦେଲେ ଗ୍ରାମବାସୀ। ବାଲିଅନ୍ତା ଥାନା ଅନ୍ତର୍ଗତ ଭୁବନପୁର ନଦୀପଠାରେ ଆଜି ଦିନ ପ୍ରାୟ ୨ଟା ସମୟରେ ୭ରୁ ୮ ଜଣ ଲୋକ କଞ୍ଚା ଗଛ କାଟି ନେଉଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଗ୍ରାମବାସୀ ଉପସ୍ଥିତ ହୋଇ ଗଛକଟାକୁ ବିରୋଧ କରିଥିଲେ। ପରେ ଗ୍ରାମବାସୀ ବାଲିଅନ୍ତା ଥାନା ପୋଲିସକୁ ଖବର ଦେଇଥିଲେ।

ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗଛ କାଟୁଥିବା ଲୋକଙ୍କୁ ପଚରାଉଚରା କରିଥିଲେ। ପଚରାଉଚରା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ନଦୀପଠାରେ ଗଛକଟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ପ୍ରଶାସନ ପକ୍ଷରୁ ଉପଯୁକ୍ତ ତଦନ୍ତ କରାଯାଇ ନଦୀପଠାର ସବୁଜ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଶ୍ୱକର୍ମା ପୂଜା ପୂର୍ବରୁ ପୁଲିସର ପ୍ୟାରେଡ୍

## ଅପରାଧୀ ଓ ନିଶା ବେପାରୀଙ୍କୁ ଏଏସପିଙ୍କ କଡ଼ା ଚେତାବନୀ



ପାରାଦୀପ,୧୨।୯ (ସଂଚାର ବ୍ୟୁରୋ): ରାତି ପାହିଲେ ପ୍ରଭୁ ଗଜାନନଙ୍କ ପୂଜା ସହିତ ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା। ପାରାଦୀପର ଗଣପର୍ବ ଭାବେ ପରିଚିତ ବିଶ୍ୱକର୍ମା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ସହ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି।

ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା ଙ୍କ ନିର୍ଦ୍ଦେଶକ୍ରମେ ପାରାଦୀପ ଆଦର୍ଶ ଥାନା ପରିସରରେ ଗୁଣ୍ଡା ପ୍ୟାରେଡ୍ ଅନୁଷ୍ଠିତ ହୋଇଛି। ପାରାଦୀପକୁ ବିଶ୍ୱକର୍ମା ପୂଜା ଅବସରରେ ଲକ୍ଷାଧିକ ଦର୍ଶକଙ୍କ ଆଗମନକୁ ଦୃଷ୍ଟିରେ ରଖି ଅପରାଧୀ, ଆଣ୍ଟିସୋସିଆଲ୍ ଏବଂ ନିଶା କାରବାରରେ ଜଡ଼ିତ ବ୍ୟକ୍ତିମାନଙ୍କୁ ପୋଲିସ ପକ୍ଷରୁ ତାଗିଦ କରାଯାଇଛି।

ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ବାବୁରାଓ ମାନେ ଉପସ୍ଥିତ ରହି ଅପରାଧୀ ଓ ନିଶା ବେପାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ପୂଜା ସମୟରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

କ୍ରିମିନାଲ୍ ଆକ୍ଟିଭିଟି କିମ୍ବା ମଦ, ଗଞ୍ଜେଇ, ବ୍ରାଉନସୁଗାର ଭଳି ନିଶା କାରବାରରେ କେହି ଜଡ଼ିତ ଥିବା ନଜରକୁ ଆସିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପାରାଦୀପ ପୋଲିସ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଏଏସପି ରୋକଠୋକ ଶୁଣାଇଛନ୍ତି। ଏହାସହ ବିଶ୍ୱକର୍ମା ପୂଜାରେ ବହୁଳ ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ସମୁଦ୍ରକୂଳ ଅଞ୍ଚଳ ସମେତ ସହରର ବିଭିନ୍ନ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିବ। ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି ମାଧ୍ୟମରେ ନଜର ରଖାଯିବ ବୋଲି ଏଏସପି ସୂଚନା ଦେଇଛନ୍ତି।

ବିଶ୍ୱକର୍ମା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପାରାଦୀପ ପୋଲିସର ଏହି ପଦକ୍ଷେପକୁ ବୁଦ୍ଧିଜୀବୀ, ପାରାଦୀପବାସୀ, ବିଭିନ୍ନ ପୂଜା କମିଟି ଓ ରାଜନୈତିକ ମହଲରୁ ସ୍ୱାଗତ କରାଯାଇଛି।

## ମହିମାଗାଦିରେ ନବାନ୍ନ ଉତ୍ସବ ଆଜି



ଢେଙ୍କାନାଳ,୧୨।୯ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଠାରେ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପବିତ୍ର ପିଠ ମହିମାଗାଦିରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହେବ । ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ପକ୍ଷ୍ୟ ଦିତୀୟା ତିଥିରେ ଏହି ପର୍ବ ପାଳନ ହେଉଛି । ମହିମାଗାଦିରେ ନବାନ୍ନ ଉତ୍ସବ ପାଳନ କରିବା ଓ ନବାନ୍ନ ପ୍ରସାଦ ଖାଇବା ପାଇଁ ଓଡିଶାର ବିଭିନ୍ନ ଅଞ୍ଚଳରୁ ସାଧୁ ଭକ୍ତମାନେ ମହିମାଗାଦିରେ ପହଞ୍ଚିବା ପରେ ମହିମାଗାଦିଚଳଚଞ୍ଚଳ ହୋଇଉଠିଛି । ମହିମାଗାଦି ଇତିହାସରୁ ଜଣାଯାଏ, ୧୯୪୬ ମସିହା ଠାରୁ ମହିମାଗାଦିରେ ନବାନ୍ନ ଉତ୍ସବ ସମାରୋହରେ ପାଳିତ ହୋଇଆସୁଛି । ପୂର୍ବରୁ ଭକ୍ତ ମାନେ ଘରେ ନବାନ୍ନ ପ୍ରସାଦ କରୁଥିଲେ । ଆଠଗଡ ଅଞ୍ଚଳର ମହିମା ଭକ୍ତ ଭୋଇ ପରିବାର ନୂଆଧାନରେ ତିଆରି ଚୁଡା ପ୍ରଭୁଙ୍କ ପ୍ରସାଦ ପାଇଁ ପ୍ରଦାନ କରିଆସୁଛନ୍ତି । ସେତେବେଳରବରିଷ୍ଠ ସନ୍ୟାସୀ ରାମଚନ୍ଦ୍ରବାବା ଓ ଦୀନବନ୍ଧୁ ବାବା ନବାନ୍ନ ଉତ୍ସବ ଆରମ୍ଭ କରିଥିଲେ ।

# ଖଣିଜ ପରିବହନଜନିତ ଟ୍ରାଫିକ ଜାମ୍‌ର ସମାଧାନ ଦାବି



ଯୋଡ଼ା,୧୨।୯ (ସଂଚାର ବ୍ୟୁରୋ): ବାମେବାରୀ-କାଳିମାଟିରୁ ପଳାସପଙ୍ଗା ଏବଂ କାଳିମାଟିରୁ ଦବୁନା ରାସ୍ତାରେ ଦିନରାତି ଖଣିଜ ପରିବହନ କରୁଥିବା ଭାରୀ ଯାନବାହନ ଯୋଗୁଁ ଲାଗିରହୁଥିବା ଟ୍ରାଫିକ୍ ଜାମ୍ ଓ ଯାତାୟାତ ସମସ୍ୟାର ସମାଧାନ ଦାବି ହୋଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଏଏମ୍/ଏନ୍ଏସ୍ ଦବୁନା ପ୍ଲାଣ୍ଟ ମୁଖ୍ୟଙ୍କୁ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଖଣିଜ ପରିବହନକାରୀ ଭାରୀ ଯାନଗୁଡ଼ିକ ରାସ୍ତାରେ ଅନିୟମିତ ଭାବେ ଚଳାଚଳ କରିବା ସହ ବିଭିନ୍ନ ସ୍ଥାନରେ ଅଟକି ରହୁଛନ୍ତି। ଫଳରେ ଅନେକ ସମୟରେ ରାସ୍ତା ଜାମ୍ ହୋଇ ସାଧାରଣ ଯାତାୟାତ ବ୍ୟାହତ ହେଉଛି। ଏହାର ସିଧାସଳଖ ପ୍ରଭାବ ସ୍କୁଲ ବସ୍, ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀକାଳୀନ ଯାନ ଚଳାଚଳ ଉପରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଶେଷକରି ଜାମ୍‌ରେ ଆମ୍ବୁଲାନ୍ସ ଫସିଯିବା ଫଳରେ ରୋଗୀଙ୍କୁ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚାଇବା କଷ୍ଟକର ହେଉଛି। ସେହିପରି ସ୍କୁଲ ବସ୍ ଓ ଯାତ୍ରୀବାହୀ ଯାନ ଦୀର୍ଘ ସମୟ ଜାମ୍‌ରେ ଫସି ରହୁଥିବାରୁ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ଖଣି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସୁରକ୍ଷିତ ଓ ସ୍ୱାଭାବିକ ଯାତାୟାତକୁ ଦୃଷ୍ଟିରେ ରଖି ଖଣିଜ ପରିବହନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବା, ରାସ୍ତା ଜାମ୍ ନିୟନ୍ତ୍ରଣ କରିବା ଏବଂ ଆମ୍ବୁଲାନ୍ସ ଓ ସ୍କୁଲ ବସ୍ ପାଇଁ ନିରବିଚ୍ଛିନ୍ନ ରାସ୍ତା ସୁନିଶ୍ଚିତ କରିବାକୁ ଚିଠିରେ ଅନୁରୋଧ କରାଯାଇଛି।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନାରୀ ମନସ୍ତତ୍ତ୍ୱ ବିଶ୍ଳେଷଣ କର୍ମଶାଳା




ନୀଳଗିରି,୧୨।୯ (ସଂଚାର ବ୍ୟୁରୋ): ଆଜି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ୟୁଥ ରେଡ କ୍ରସ ଓ ରେଡ ରିବନ କ୍ଲବ ତରଫରୁ ଆୟୋଜିତ ଏକ କର୍ମଶାଳାରେ ପ୍ରକାଶ ପାଇଛି । ଆଜି ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ୟୁଥ ରେଡ କ୍ରସ ଓ ରେଡ ରିବନ କ୍ଲବ ଦ୍ୱାରା ଛାତ୍ରୀ ମାନଙ୍କ ପାଇଁ ଏକ ସଚେତନତା ଶିବିର ମହାବିଦ୍ୟାଳୟର ଅଧକ୍ଷାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବରିଷ୍ଠ ପ୍ରାଧ୍ୟାପିକା ମମତା ବରାଳ, ଡ଼. ଶିବାନୀ ଡଗର, ମଣିମାଳା ବିଶ୍ୱାଳ,ଅଧ୍ୟାପିକା ମୌସୁମୀ ଭୋଳ, ମୋନାଲିସା ଭୋଳ, ମମତା ପ୍ରିୟଦର୍ଶିନୀ ସାହୁ, ସୁଷମା ସିଂହ, ପବିତ୍ରା ବେହୁରିଆ ଯୋଗଦେଇ ନାରୀ ମନସ୍ତତ୍ତ୍ୱ ଉପରେ ନିଜନିଜର ସ୍ୱକୀୟ ଅନୁଭୂତି ସହ ନାରୀ ସୃଷ୍ଟିର ଏକମାତ୍ର ଐଶ୍ୱର୍ଯ୍ୟ । ନାରୀର ମନରାଜ୍ୟ ଅତୀବ ଗଭୀର । ପାରିବାରିକ ଏକତାରେ ପ୍ରେମରେ ଗୁରୁତ୍ୱ ଅନେକ ଅଛି । ନାରୀ ସାମାଜିକ ମୂଲ୍ୟବୋଧର ଅଗ୍ରଣୀ ଦୂତ ତଥା ଅନେକ ତଥ୍ୟ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ୟୁଥ ରେଡ କ୍ରସର କାଉନସେଲର ଡ଼. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଦେବାସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀ ପୁଷ୍ପଲତା ବେହେରା ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଲକ୍ଷ୍ମୀପୁରର କ୍ରୀଡ଼ା ପ୍ରତିଭାଙ୍କ ଜିଲ୍ଲାସ୍ତରୀୟ ଯାତ୍ରା ଆରମ୍ଭ

### ଖେଳାଳି ଚୟନ ଶେଷ

### ବିଭିନ୍ନ କ୍ରୀଡ଼ାରେ ଦମ୍ ଦେଖାଇଲେ ଛାତ୍ରଛାତ୍ରୀ



ଲକ୍ଷ୍ମୀପୁର,୧୨।୯ (ସଂଚାର ବ୍ୟୁରୋ):ଖେଳ ପଡ଼ିଆରେ ପ୍ରତିଭାର ପ୍ରଦର୍ଶନ, ଜିଲ୍ଲାସ୍ତରରେ ସଫଳତା ପାଇଁ ନୂଆ ଆଶା। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ୪ଟି ଜୋନରୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଦୁଇଦିନିଆ ବ୍ଲକସ୍ତରୀୟ ଖେଳାଳି ଚୟନ ପ୍ରକ୍ରିୟା ଶନିବାର ସାଙ୍ଗନା ଉଚ୍ଚ ବିଦ୍ୟାଳୟ ପରିସରରେ ସମାପ୍ତ ହୋଇଛି। ବିଭିନ୍ନ କ୍ରୀଡ଼ାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କ୍ରୀଡ଼ାବିତ୍‌ମାନେ ଏବେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି।

ଗତ ଶୁକ୍ରବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ମଣ୍ଡଳଙ୍କ ଦ୍ୱାରା ଚୟନ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ଦିନ ଫୁଟବଲ୍, ଖୋ-ଖୋ, କବାଡ଼ି, ବ୍ୟାଡମିଣ୍ଟନ୍, ଭଲିବଲ୍ ଓ ଯୋଗାସନ ଭଳି କ୍ରୀଡ଼ାରେ ଖେଳାଳିଙ୍କ ଦକ୍ଷତା ପରୀକ୍ଷା କରାଯାଇଥିଲା। ଦ୍ୱିତୀୟ ଦିନ ଦୌଡ଼କୁଦ, ଲୌହ ଗୁଳା ଫିଙ୍ଗା, ଥାଳିଆ ଫିଙ୍ଗା, ଲମ୍ବ ଡିଆଁ ଓ ଉଚ୍ଚ ଡିଆଁ ସମେତ ବିଭିନ୍ନ ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ନିଜ ନିଜ ଇଭେଣ୍ଟରେ ଉତ୍ତମ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି।

ଉଦ୍‌ଯାପନୀ ସମାରୋହରେ ପ୍ରଧାନଶିକ୍ଷକ ଗୋପାଳ ମଣ୍ଡଳ ଓ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଉପସ୍ଥିତ ରହି ଚୟନିତ ଛାତ୍ରଛାତ୍ରୀଙ୍କୁ ଆଗାମୀ ପ୍ରତିଯୋଗିତାରେ ନିଷ୍ଠା ଓ ଉତ୍ସାହର ସହ ଭାଗନେଇ ନିଜର, ବିଦ୍ୟାଳୟ ଏବଂ ଲକ୍ଷ୍ମୀପୁର ବ୍ଲକର ସୁନାମ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।

## ସେବା ସଂକଳ୍ପ ଅଭିଯାନ

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ମେଗା ରକ୍ତଦାନ ଶିବିର

- 'ସେବା ସଂକଳ୍ପ ଅଭିଯାନ'ରେ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା ସାମିଲ ହେବେ
- ଯୁବମୋର୍ଚ୍ଚା ପକ୍ଷରୁ 'ରକ୍ତଦାନ ମହାପୁଣ୍ୟ' ଗୀତ ଉନ୍ମୋଚିତ




ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ, ନିରନ୍ତର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଯାତ୍ରାକୁ ପ୍ରେରଣା ଭାବେ ନେଇ ବିଜେପି ପକ୍ଷରୁ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆୟୋଜନ କରାଯାଉଛି। ଆସନ୍ତା ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ଧରି ଅନୁଷ୍ଠିତ ହେବାକୁ ଥିବା 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ଶ୍ରୀ ମୋଦି କେବଳ ସର୍ବାଧିକ ସମୟ ଶାସନ ବ୍ୟବସ୍ଥା ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିନାହାନ୍ତି, ସେ ସର୍ବାଧିକ ଜନସାଧାରଣଙ୍କର ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛନ୍ତି। ବିଶେଷ ଭାବେ ଯୁବବର୍ଗଙ୍କ ଆକାଂକ୍ଷାକୁ ପୂରଣ କରୁଥିବା ବିଭିନ୍ନ ଯୋଜନାର ସଫଳ କ୍ରିୟାନ୍ୱୟନ କରି ଦେଶର ଯୁବକମାନଙ୍କ ପାଇଁ ନୂତନ ଆଶା ସଞ୍ଚାର କରିବା ସହ ଭାରତବର୍ଷର ବିକାଶର ସାରଥୀ ଭାବେ ନିଜ ନିଜ କ୍ଷେତ୍ରରେ କାମ କରିବା ସକାଶେ ପ୍ରଧାନମନ୍ତ୍ରୀ ପ୍ରେରଣା ଯୋଗାଇଛନ୍ତି। ଦେଶର ହାତଗଣତି ଷ୍ଟାର୍ଟଅପ୍ ଥିଲା, କିନ୍ତୁ ଆଜି ସେହି ଷ୍ଟାର୍ଟଅପ୍ ୧ ଲକ୍ଷ ଅତିକ୍ରମ କରିଛି। ୟୁନିକର୍ଣ୍ଣ ସଂଖ୍ୟା ଓଡ଼ିଶାରେ ୩୦୦କୁ ଛୁଇଁଛି। ବ୍ୟାପକ ରୋଜଗାର ସୃଜନ, ଆତ୍ମନିର୍ଭରତା, ନିଯୁକ୍ତିର ବ୍ୟବସ୍ଥା ଯୁବକଙ୍କ ଆଗରେ ଖୋଲାଯାଇଛି। ଶିକ୍ଷା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଏକ ଦର୍ଶନୀୟ ପରିବର୍ତ୍ତନ ମୋଦିଙ୍କ ନେତୃତ୍ୱରେ ହୋଇଛି। ଆସନ୍ତା ୧୭ରେ 'ଦାୟିତ୍ୱ ଭବ' ନାମରେ ଯୁବମୋର୍ଚ୍ଚା ପକ୍ଷରୁ ଏକ ଶୁଭେଚ୍ଛା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୭ ତାରିଖରେ ଯୁବମୋର୍ଚ୍ଚା ପକ୍ଷରୁ ୟୁନିଫିକ୍-ସଂସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିସହ ମୋଦିଙ୍କ ଜୀବନୀ ଉପରେ ଆଧାରିତ ପ୍ରାମାଣିକ ଚଳଚ୍ଚିତ୍ର, ନୁକ୍କଡ ନାଟକ, ଯୁବାଭିମୁଖୀ ଯୋଜନା ଓ ଯୁବ ଆକାଂକ୍ଷା ଆଧାରିତ ପ୍ରଦର୍ଶନୀ, ସେଲ୍‌ଫି କର୍ଣ୍ଣର ଆଦି ମଧ୍ୟ ପ୍ରଦର୍ଶିତ ହେବ। ଅଧ୍ୟାପନ ଗୋଟିଏ ସଂଗଠନ ଦ୍ୱାରା ଗୋଟିଏ ସ୍ଥାନ, ଗୋଟିଏ ଦିନ ଓ ଗୋଟିଏ କ୍ୟାମ୍ପରେ ସର୍ବାଧିକ ରକ୍ତ ସଂଗ୍ରହ କରାଯାଇ ନୂତନ ବିଶ୍ୱ ରେକର୍ଡ ପ୍ରତିଷ୍ଠା ପ୍ରୟାସ କରାଯିବ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା କହିଛନ୍ତି।

ସେହିପରି 'ସଂକଳ୍ପ ଅଭିଯାନ'ର ରାଜ୍ୟ ସଂଯୋଜକ ତଥା ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସେବା ଓ ସଂକଳ୍ପର ଭାବନାକୁ ନେଇ ଭାରତର ଅଦ୍ୱିତୀୟ ନେତା ପ୍ରଧାନମନ୍ତ୍ରୀ ମୋଦି ନିରନ୍ତର ଭାବେ ଗତ ୨୫ ବର୍ଷ ଧରି ସୁଶାସନ ଦେଇ ଆସୁଛନ୍ତି। ୧୭ରୁ ମାସେ ଧରି ହେବାକୁ ଥିବା 'ସେବା ସଂକଳ୍ପ ଅଭିଯାନ'ରେ ଓଡ଼ିଶାରେ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା ସାମିଲ ହେବେ। 'ସେବା ସଂକଳ୍ପ ଅଭିଯାନ'ରେ ୧୩ଟି ପ୍ରମୁଖ ସେବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି। ଏହି ଅବସରରେ ଯୁବକମାନଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ପ୍ରେରିତ କରିବାକୁ ଯୁବମୋର୍ଚ୍ଚା ପକ୍ଷରୁ ଏକ ଗୀତ 'ରକ୍ତଦାନ ମହାପୁଣ୍ୟ'ର ଅନାବରଣ କରାଯାଇଥିଲା। ସେହିପରି ସ୍ୱେଚ୍ଛାକୃତ ରକ୍ତଦାନ ପଞ୍ଜୀକରଣ ପାଇଁ 'କ୍ୟୁଆର କୋଡ୍'କୁ ଲୋକାର୍ପିତ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ 'ସେବା ସଂକଳ୍ପ ଅଭିଯାନ'ର ରାଜ୍ୟ ସହସଂଯୋଜକ ତଥା ବିଧାୟକ ଈରାଶିଷ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ମାନସ ସାହୁ, ଶକ୍ତିରଞ୍ଜନ ଶତପଥୀ ଓ ରତନ ବଣିକ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ ଜର୍ଜରିତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ଅଚଳ ଲିଫ୍ଟ, ପାଣି ସମସ୍ୟାରେ ରୋଗୀ ହନ୍ତସନ୍ତ




ପୁରୀ,୧୨।୯(ସଂଚାର ବ୍ୟୁରୋ): ଅବ୍ୟବସ୍ଥା ଘେରରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଅଯତ୍ନ ଭିତ୍ତିଭୂମି ଯୋଗୁଁ ନାକେଦମ୍ ହେଉଛନ୍ତି ବିଚରା ରୋଗୀ। ଉପଯୁକ୍ତ ଚିକିତ୍ସା ଅଭାବରୁ ଏହା ଏବେ ରେଫରାଲ ହସ୍ପିଟାଲ୍ ପାଲଟିଯାଇଛି। ଚିକିତ୍ସାଳୟର ଭିତ୍ତିଭୂମି ପୁରାପୁରି ଭୁଶୁଡ଼ି ପଡ଼ିଛି। ସବୁଠୁ ଶୋଚନୀୟ ଅବସ୍ଥା ଶିଶୁ ଓ ପ୍ରସୂତି ରୋଗୀଙ୍କ ପାଇଁ ତିଆରି ହୋଇଥିବା ୬ ମହଲା ବିଶିଷ୍ଟ ନୂଆ କୋଠାରେ ଦେଖିବାକୁ ମିଳୁଛି। ଏହି କୋଠାର ପଞ୍ଚମ ମହଲାରେ ରହିଛି ପ୍ରସୂତି କକ୍ଷ। କିନ୍ତୁ ଏଠାରେ ଲାଗିଥିବା ଦୁଇଟିଯାକ ଲିଫ୍ଟ ସମ୍ପୂର୍ଣ୍ଣ କାମ କରୁନାହିଁ। ଯାହାଫଳରେ ଗର୍ଭବତୀ ମହିଳାମାନେ ବାଧ୍ୟ ହୋଇ ଶିଡ଼ିରେ ୫ ମହଲାକୁ ଯିବାଆସିବା କରିବାକୁ ବାଧ୍ୟ ହେଉଛନ୍ତି।

ସେପଟେ ପଞ୍ଚମ ମହଲାରେ ପାନୀୟ ଜଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆକ୍ୱାଗାର୍ଡ ଲାଗିଛି, ହେଲେ ସେଥିରେ ପାଣି ଆସୁନାହିଁ। ପଛପଟ ପାହାଚରେ ଛାତର ପ୍ଲାଷ୍ଟର ଫାଟି ଅତି ବିପଜ୍ଜନକ ଅବସ୍ଥାରେ ଝୁଲି ରହିଛି। ଏହାଛଡ଼ା ବର୍ଷା ହେଲେ ୱାର୍ଡଟି ଏକରକମ ପାଣିରେ ଭାସୁଛି ବୋଲି କହିଲେ ତଳେ। ଅଧିକାଂଶ ରୋଗୀ ବାରଣ୍ଡା ଓ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ସରକାର ସବୁ ସରକାରୀ ହସ୍ପିଟାଲରେ ବାୟୋମେଟ୍ରିକ୍ ଉପସ୍ଥାନକୁ ବାଧ୍ୟତାମୂଳକ କରିଛନ୍ତି। କିନ୍ତୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଯାଏଁ ଏହା ଲାଗୁ ହୋଇପାରିନାହିଁ। ଫଳରେ ଡାକ୍ତର କିଏ କେତେବେଳେ ଆସୁଛନ୍ତି, କେତେବେଳେ ଯାଉଛନ୍ତି, ତା'ର ହିସାବ ରହୁନାହିଁ। ନିରାମୟରେ ଔଷଧ ଥିଲେ ମଧ୍ୟ ବାହାରୁ ଔଷଧ କିଣିବାକୁ ରୋଗୀମାନେ ବାଧ୍ୟ ହେଉଥିବା ଏଠାରେ ନଜର ଆସିଛି।

ସେହିପରି ଲିଫ୍ଟ ଖରାପ ହେବା ଓ ପାଣି ନ ଆସିବା ଖବର ସିଡିଏମଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏହି ଘଟଣା ସିଡିଏମଙ୍କ ନଜରକୁ ଆଣିବା ପରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସେ ତାଗିଦ କରିଛନ୍ତି। ହେଲେ ପ୍ରଶ୍ନ ଉଠୁଛି, ରଥଯାତ୍ରା ପାଇଁ ଯେଉଁ ହସ୍ପିଟାଲ୍‌କୁ କୋଟି କୋଟି ଟଙ୍କାରେ ଚକାଚକ କରାଯାଇଥିଲା, ତା'ର ଛାତ କିଛି ମାସରେ କେମିତି ଫାଟିଲା? ଲିଫ୍ଟ କେମିତି ଅଚଳ ହେଲା? କେବେ ମିଳିବ ଏସବୁ ପ୍ରଶ୍ନର ଉତ୍ତର ଓ କେବେ ଏହି ଚିକିତ୍ସାଳୟର ସ୍ଥିତିରେ ସୁଧାର ଆସିବ, ତା' ଏବର ସବୁଠାରୁ ବଡ଼ ପ୍ରଶ୍ନ।

## ବ୍ୟାଙ୍କ ଲକରରୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଗାଏବ



ପୁରୀ,୧୨।୯ (ସଂଚାର ବ୍ୟୁରୋ) : ପୁରୀ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ଶାଖା ଲକରରୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଗାଏବ। ପୁରୀ କୁମ୍ଭାରପଡ଼ା ଥାନା ଗଜପତି ନଗରର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଏଭଳି ଅଭିଯୋଗ ଆଣିଛନ୍ତି । ଗଜପତି ନଗରର ଆଶାଲତା ଦେଇ ୨୦୨୫ ଜୁନ୍ ୧୬ ତାରିଖରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ପୁରୀ ଏସବିଆଇ ମୁଖ୍ୟ ଶାଖା ଲକରରେ ରଖିଥିଲେ। ଏଥିପାଇଁ ୧୫ ହଜାର ଟଙ୍କାର ଫିକ୍ସଡ ଡିପୋଜିଟ୍ କରିଥିଲେ । ଗତ ୧୦ ତାରିଖରେ ଆଶାଲତା ବ୍ୟାଙ୍କ୍ ଲକରରୁ ଏକ ଚେନ ଆଣିବା ପାଇଁ ଯାଇଥିଲେ। ତାଙ୍କ ପାଖରେ ଥିବା ବ୍ୟାଙ୍କ୍ ଲକର୍ ଚାବି ଓ ଲକର୍ ଇନଚାର୍ଜଙ୍କ ଚାବି ଦ୍ୱାରା ଲକର୍ ଖୋଲାଯାଇଥିବାବେଳେ ଲକରରେ କିନ୍ତୁ କୌଣସି କଣ୍ଟେନର ନଥିଲା ।

## କଏଦୀ ଫେରାର, ଜେଲର ନିଲମ୍ବିତ




ନୂଆପଡ଼ା,୧୨।୯(ସଂଚାର ବ୍ୟୁରୋ): ନୂଆପଡ଼ା ଉପକାରାଗାରରୁ କଏଦୀ ଫେରାର ହେବା ଘଟଣାରେ ଜେଲର୍ ବଳରାମ ବିଶି ମାଝୀଙ୍କୁ ଶନିବାର ନିଲମ୍ବନ କରାଯାଇଛି। ଉପଜେଲ୍‌ର ସୁରକ୍ଷା ବ୍ୟବସ୍ଥାରେ ଅବହେଳାକୁ ନେଇ ବିଭାଗ ସ୍ତରରେ ତାଙ୍କ ବିରୋଧରେ ଏହି ପଦକ୍ଷେପ ନିଆଯାଇଛି। ସୂଚନାନୁଯାୟୀ, ଗତ ୭ ତାରିଖ ସକାଳ ପ୍ରାୟ ୮ଟା ସମୟରେ ଉପକାରାଗାରରେ ସଫେଇ କାର୍ଯ୍ୟ ଚାଲିଥିବା ବେଳେ ବିଶ୍ୱବିହାରୀ ମାଝୀ (୩୦) ନାମକ କଏଦୀ ସୁଯୋଗ ଦେଖି ଫେରାର ହୋଇଯାଇଥିଲେ। ଘଟଣା ପରେ ପୁଲିସ ପକ୍ଷରୁ ତାଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ସିନାପାଲି ଥାନା କେନ୍ଦୁମୁଣ୍ଡା ପଞ୍ଚାୟତ କାନ୍ଦୁଲକୋନା ଗାଁର ବିଶ୍ୱବିହାରୀ ୨୦୨୧ରେ ରୁଜୁ ହୋଇଥିବା ଏକ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ମାମଲାରେ ନୂଆପଡ଼ା ଅଦାଲତ ୨୦୨୩ରେ ତାଙ୍କୁ ୨୦ ବର୍ଷର କଠୋର କାରାଦଣ୍ଡାଦେଶ ଦେଇଥିଲେ। ଏଭଳି ଦୀର୍ଘମିଆଦୀ ସଜାପ୍ରାପ୍ତ କଏଦୀ ଉପକାରାଗାରରୁ ଫେରାର ହେବା ଘଟଣା ଜେଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାରେ ଜେଲର୍ ମାଝୀଙ୍କ ନିଲମ୍ବନ ପରେ ଉପକାରାଗାରର ସୁରକ୍ଷା ବ୍ୟବସ୍ଥା ଓ କର୍ମଚାରୀଙ୍କ ଦାୟିତ୍ୱ ନେଇ ଅଧିକ ତଦନ୍ତ ହେବା ଆଶା କରାଯାଉଛି। ଜେଲ୍ ପରିସରରୁ କଏଦୀ କିପରି ସୁରକ୍ଷା ବଳୟ ଭେଦ କରି ଫେରାର୍ ହେଲେ ସେ ନେଇ ମଧ୍ୟ ବିଭାଗୀୟ ସ୍ତରରେ ଯାଞ୍ଚ କରାଯାଉଛି। ଘଟଣାରେ ଅନ୍ୟ କାହାର ଅବହେଳା ରହିଛି କି ନାହିଁ ତଦନ୍ତ ପରେ ତା' ସ୍ପଷ୍ଟ ହେବ। ଫେରାର୍ କଏଦୀଙ୍କୁ ଧରିବା ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଇତିମଧ୍ୟରେ ୬ ଦିନ ବିତିଥିଲେ ମଧ୍ୟ ପୁଲିସ କଏଦୀଙ୍କ ଟେର୍ ପାଇନାହିଁ।

## ରାଷ୍ଟ୍ରୀୟ ଲୋକ ଅଦାଲତ

## ୬୨,୪୮୭ ମାମଲାର ଫଇସଲା



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଉକ୍ତ ଲୋକ ଅଦାଲତରେ ସମୁଦାୟ ୮୩ ହଜାର ୬୧ଟି ମାମଲା ଆଗତ କରାଯାଇ ଅନ୍ୟୂନ ୬୨ ହଜାର ୪୮୭ଟି ମାମଲାର ଫଇସଲା ହୋଇ ସର୍ବମୋଟ ୨୮ କୋଟି ୮୫ ଲକ୍ଷ ୧୦ ହଜାର ୯୭୮ ଟଙ୍କା ରାଜସ୍ୱ/ଫୌଜଦାରୀ/ବ୍ୟାଙ୍କ ଋଣ ଅନାଦେୟ ରାଶି ଇତ୍ୟାଦି ରାଜିନାମା ସ୍ଥିରୀକୃତ ହୋଇଥିଲା। ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିରଞ୍ଚି ନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇ ରେକର୍ଡସଂଖ୍ୟକ ମାମଲାର ଫଇସଲା ହୋଇଥିଲା।

## ପୂର୍ବତନ ମେୟର ସୌମେନ୍ଦ୍ର ଘୋଷଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି




କଟକ, ୧୧।୯ (ସଂଚାର ବ୍ୟୁରୋ): କଟକ ମହାନଗର ନିଗମର ପୂର୍ବତନ ମେୟର ସୌମେନ୍ଦ୍ର କୁମାର ଘୋଷଙ୍କ ବିୟୋଗରେ ଆଜି କଟକସ୍ଥିତ ଶହୀଦ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ କଟକ ସହରର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି, ପୂର୍ବତନ ଓ ବର୍ତ୍ତମାନର ଜନପ୍ରତିନିଧି, ରାଜନୈତିକ ନେତୃବୃନ୍ଦ, ସାମାଜିକ କର୍ମୀ, କର୍ପୋରେଟର, ୱାର୍ଡ ସଭାପତି, କଟକ ମହାନଗର ନିଗମର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ଶୁଭେଚ୍ଛୁ ଯୋଗଦେଇ ସ୍ୱର୍ଗତ ଘୋଷଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ଆରମ୍ଭରେ ସ୍ୱର୍ଗତ ସୌମେନ୍ଦ୍ର କୁମାର ଘୋଷଙ୍କ ସ୍ମୃତିଚାରଣ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ଘୋଷଙ୍କ ସରଳ, ନିର୍ମଳ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ସହିତ ତାଙ୍କର ଜନସେବା ପ୍ରତି ନିଷ୍ଠା, କଟକ ସହର ପ୍ରତି ତାଙ୍କର ଆତ୍ମୀୟତା ଓ ମହାନଗର ନିଗମର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମେୟରଙ୍କ ସ୍ମୃତିଚାରଣ କରିଥିଲେ।

## ଗଡ଼ାଧୀଶ ଦଳବେହେରା ମହାସଂଘର ସାଙ୍ଗଠନିକ ବୈଠକ

# ପରିଚାଳନା ଓ କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତା ମଣ୍ଡଳୀ ଗଠିତ



ଖୋର୍ଦ୍ଧା,୧୧।୯(ସଂଚାର ବ୍ୟୁରୋ): ଗଡ଼ାଧୀଶ ଦଳେଇ ଦଳବେହେରା ମହାସଂଘର ସାଙ୍ଗଠନିକ ଭିତ୍ତିକୁ ମଜବୁତ କରିବା ସହ ସଂଘର କାର୍ଯ୍ୟକଳାପକୁ ସୁଚାରୁ ରୂପେ ପରିଚାଳନା କରିବା ଲକ୍ଷ୍ୟରେ ସାହିତ୍ୟ ସଂସଦ ଖୋର୍ଦ୍ଧାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବ ଅଧିବେଶନରେ ଆଲୋଚିତ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିବା ସହ ଆବଶ୍ୟକ ସଂଶୋଧନ ଓ ଦୃଢ଼ୀକରଣ ପରେ ସଭାରେ ସର୍ବସମ୍ମତିକ୍ରମେ ଏକାଧିକ ନିଷ୍ପତ୍ତି ଗୃହୀତ ହୋଇଛି। ମହାସଂଘର କାର୍ଯ୍ୟକଳାପକୁ ଅଧିକ ସକ୍ରିୟ କରିବା ପାଇଁ ଅଭିଜ୍ଞ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉପଦେଷ୍ଟା ଭାବେ ସାମିଲ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା।

ଏହି କ୍ରମରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସତ୍ୟବାଦୀ ବଳିୟାରସିଂହ, ଡ.ହେମନ୍ତ ଛୋଟରାୟ, ଦେବୀ ପ୍ରସାଦ ସାମନ୍ତରାୟ, ଡ଼. ପ୍ରସନ୍ନ କୁମାର ପାଇକରାୟ , ସୌଦାମିନୀ ପାଇକରାୟଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ସଂଘର ଦୈନନ୍ଦିନ କାର୍ଯ୍ୟ ଓ ସାଙ୍ଗଠନିକ ଦାୟିତ୍ୱକୁ ସୁବ୍ୟବସ୍ଥିତ ଭାବେ ବଣ୍ଟନ କରିବା ପାଇଁ ମୋଟ ୨୦ ଜଣ କର୍ମକର୍ତ୍ତାଙ୍କୁ ନେଇ ପରିଚାଳନା ଓ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ମହାସଂଘର ସଭାପତି ଭାବେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ଅଜୟ କୁମାର ମାନ୍ଧାତା, ଉପସଭାପତି ଭାବେ ସୌମ୍ୟ ରଞ୍ଜନ ହରିଚନ୍ଦନ ଓ ପାର୍ଥସାରଥୀ ମତଗଜସିଂହଙ୍କୁ ମନୋନୀତ କରାଯାଇଛି। ଏହାଛଡ଼ା ସଂଘର ସାଙ୍ଗଠନିକ ଓ ପ୍ରଶାସନିକ କାର୍ଯ୍ୟର ସମନ୍ୱୟ ପାଇଁ ସୌକତ ରଞ୍ଜନ ମାଳବିହାରଙ୍କୁ ସମ୍ପାଦକ ଓ ମନ୍ମଥ କୁମାର ବିଧାରଙ୍କୁ ସହସମ୍ପାଦକ ଭାବେ ମନୋନୀତ କରାଯାଇଛି। ଆର୍ଥିକ କାର୍ଯ୍ୟର ସୁପରିଚାଳନା ପାଇଁ ସଦାଶିବ ମଙ୍ଗରାଜ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଅଜୟ କୁମାର ଦଳବେହେରା, ଶ୍ରୀକାନ୍ତ କୁମାର ଜଗଦ୍ଦେବ ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

## ସିଟି ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

କଟକ, ୧୨।୯ (ସଂଚାର ବ୍ୟୁରୋ): କଟକ ସିଟି ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଲିଙ୍କରୋଡ୍‌ସ୍ଥିତ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ଯୋଗଦେଇ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ଓଡ଼ିଶା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା କଟକ ଇନ୍‌ଚାର୍ଜ ସୁଦୀପ ସାମଲ ଉପସ୍ଥିତ ଥିଲେ। ନବନିଯୁକ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ ଲିଗାଲ୍ ସେଲ୍‌ର ସହ-ଅଧ୍ୟକ୍ଷ କରୁଣାକର ରଥ ଓ ଆଲୋକ ନନ୍ଦଙ୍କ ସମେତ ନବନିଯୁକ୍ତ ପିସିସି ସାଧାରଣ ସମ୍ପାଦିକା କଳ୍ପନା ମଞ୍ଜୁଶ୍ରୀ ରାଉତରାୟ ଓ ସମ୍ପାଦିକା ଅମ୍ରିତା ଦାସଙ୍କୁ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମଏମଡିଆର ଆଇନ ସମେତ ଓଡ଼ିଶାବାସୀଙ୍କ ଅଧିକାର ଓ ସ୍ୱାର୍ଥ ସହ ସମ୍ପୃକ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ମତବିନିମୟ ହୋଇଥିଲା। ଏହିସବୁ ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ ଦଳ ପକ୍ଷରୁ ଜନଆନ୍ଦୋଳନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ବିକଶିତ ଭାରତ କୁଇଜ୍ ପ୍ରତିଯୋଗିତା

କଟକ, ୧୨।୯ (ସଂଚାର ବ୍ୟୁରୋ): ଦେଶର ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସୃଜନଶୀଳତା, ନବସୃଜନ ଓ ରାଷ୍ଟ୍ର ନିର୍ମାଣ ପ୍ରତି ଦାୟିତ୍ୱବୋଧ ବିକଶିତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ଜାତୀୟସ୍ତରରେ ଯୁବପିଢ଼ିଙ୍କ ଦ୍ୱାରା ଅନଲାଇନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କ୍ରମରେ କଟକ ଜିଲ୍ଲା ପ୍ରଶାସନ ଓ ମାଇଁ ଭାରତ କଟକ ସହଯୋଗରେ ଜିଲ୍ଲାର ବିଭିନ୍ନ କଲେଜ, ଶିକ୍ଷା ଅନୁଷ୍ଠାନ ଭାଗନେବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୫ରୁ ୨୯ ବର୍ଷ ବୟସର ଯୁବପିଢ଼ି ଏଥିରେ ଭାଗନେଇ ପାରିବେ।

## ଏଜି ଆମ୍ବୁଲାନ୍ସର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଦୁର୍ଘଟଣାଜନିତ ଆହତ କିମ୍ବା ଅସୁସ୍ଥ ରୋଗୀର ଜୀବନ ରକ୍ଷା କରିବାକୁ ଜନସଚେତନତା ସୃଷ୍ଟି ପାଇଁ ବିଶ୍ୱ ବ୍ୟାପୀ ସେପ୍ଟେମ୍ବର ଦ୍ୱିତୀୟ ଶନିବାରକୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ରୂପେ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ 'ପ୍ରବାସୀ ଓ ବିସ୍ଥାପିତଙ୍କ ଜୀବନଜୀବିକା ଅନ୍ୱେଷଣରେ ଯାତ୍ରା ସମୟରେ ଜରୁରୀକାଳୀନ ସମୟରେ ସେମାନଙ୍କ ଜୀବନରକ୍ଷା ପାଇଁ ସହାୟତା ଓ ପ୍ରାଥମିକ ଚିକିତ୍ସା ସହଜଲବ୍ଧ କରିବା' ରହିଛି। ସ୍ଥାନୀୟ ମହାଲେଖାକାର (ଏଜି) କାର୍ଯ୍ୟାଳୟ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଓ ରାଜଧାନୀ ଚିକିତ୍ସାଳୟ ସରକାରୀ ଏଏନଏମ ତାଲିମ ପ୍ରତିଷ୍ଠାନ, ତ୍ରିଧା ନର୍ସିଙ୍ଗ ଡିଭିଜନ ସହଯୋଗରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ସିଆଇଏସଏଫ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ସରଳ ଜୀବନ ରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରାଯାଇଛି।

ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ଏଏନଏମ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷା ଡାକ୍ତର ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳା ଓ ଆଲୋଚନାଚକ୍ରରେ ଆୟୁଷ ନିର୍ଦ୍ଦେଶାଳୟର ପୂର୍ବତନ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ମହାପାତ୍ର, ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲ୍ଲା ସେଣ୍ଟ ଜନ ଆମ୍ବୁଲାନ୍ସର ଯୁଗ୍ମ ସଚିବ ପୁରୁଷୋତ୍ତମ ବଳ, ତ୍ରିଧା ଆମ୍ବୁଲାନ୍ସ ଡିଭିଜନର ଡିଭିଜିନାଲ କମାଣ୍ଡର ସଞ୍ଜିତା ମହାପାତ୍ର, ଏଏନଏମ ତାଲିମ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଗୀତାଞ୍ଜଳି ରାୟ, ମୀରା ବରାଳ, ପାର୍ବତୀ କୁମାରୀ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାହୁ, ସେଣ୍ଟ ଜନ ଆମ୍ବୁଲାନ୍ସର ତାଲିମ ପ୍ରଶିକ୍ଷକ ଡ ନମିତା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତରୀ ସହାୟତା ମିଳିବା ପୂର୍ବରୁ ଜରୁରୀକାଳୀନ ଓ ସଙ୍କଟଜନକ ପରିସ୍ଥିତିରେ ଉପସ୍ଥିତ ଥିବା ପ୍ରତ୍ୟକ୍ଷଦର୍ଶୀ କିଭଳି ଆହତର ଜୀବନ ରକ୍ଷା କରିପାରିବ ଓ ପ୍ରତିଟି ସେକେଣ୍ଡ କିପରି ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଆହତ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ସେ ବିଷୟରେ ଆଲୋକପାତ କରିଥିଲେ।

## ସିଏଜି ରିପୋର୍ଟରେ କେନ୍ଦ୍ର ସରକାରଙ୍କ ଯୋଜନା ପ୍ରଣୟନ ଉପରେ କଂଗ୍ରେସର ପ୍ରଶ୍ନ




ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ୨୦୧୪ରୁ ଆଜି ପର୍ଯ୍ୟନ୍ତ ନରେନ୍ଦ୍ର ମୋଦି ସରକାର ପୂର୍ବ ସରକାରଙ୍କୁ ସମାଲୋଚନା କରିବା ସହ କଂଗ୍ରେସ ଦେଶରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିନାହିଁ ବୋଲି ବାରମ୍ବାର ଉଚ୍ଛାଟ ଭାଷଣ ଦେଉଥିବା ନରେନ୍ଦ୍ର ମୋଦିଙ୍କ ସରକାରର ପୋଲ୍ ସିଏଜି ରିପୋର୍ଟରେ ଖୁଲ୍ଲାସା କରାଯାଇଛି। ଆଜି ରାଜ୍ୟ କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ମୋଦି ସରକାରଙ୍କ ଦୀର୍ଘ ୧୨ ବର୍ଷର ଶାସନ କାଳ ମଧ୍ୟରେ କେବଳ ମିଛ ପ୍ରଚାର ଓ ପ୍ରତାରଣା ଛଡ଼ା ଦେଶବାସୀଙ୍କୁ କୌଣସି ଗୋଟିଏ କ୍ଷେତ୍ରରେ ମଧ୍ୟ କିଛି ସୁଫଳ ମିଳିନାହିଁ। ଆଗାମୀ ଦିନରେ ବି ମିଳିବ ନାହିଁ। କେନ୍ଦ୍ର ସରକାର ଉଡ଼ାନ ଯୋଜନା ଲାଗୁ କରି ପରେ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଥିଲା।

## ଏମଏମଡିଆର ସଂଶୋଧନ ଆଇନ-୨୦୨୬

# ଜମି ସହ ଜଙ୍ଗଲ ଅଧିକାର ହରାଇବେ ଆଦିବାସୀ




ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ଏମଏମଡିଆର ସଂଶୋଧନ ଆଇନ୍-୨୦୨୬ ଆଦିବାସୀଙ୍କ ଜଙ୍ଗଲ ଅଧିକାର ଛଡ଼ାଇ ନେଇଛି ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଛତିଶଗଡ଼ର ହସଦେଓ ଜଙ୍ଗଲକୁ ଛତିଶଗଡ଼ର ଫୁସଫୁସ ବୋଲି କୁହାଯାଏ। ସେଠାରେ ଆଦିବାସୀଙ୍କ ଦେବତା ବାସ କରନ୍ତି। କିନ୍ତୁ ଆଦିବାସୀନଙ୍କର ଜଙ୍ଗଲରେ ସ୍ଥାପିତ ଦେବତାଙ୍କୁ ପୂଜା କରିବାର ଅଧିକାର ନାହିଁ। କାରଣ ଏମଏମଡିଆର ଆଇନ ସଂଶୋଧିତ ହେବା ପୂର୍ବରୁ ଦୁଇଟି ଜଙ୍ଗଲ ଆଇନ ରାଜ୍ୟ ସରକାର ପରିବର୍ତ୍ତନ କରିସାରିଛନ୍ତି, ଯାହା ଉଚ୍ଚ ପୁଞ୍ଜି ପ୍ରତିବନ୍ଧକ ଓ ଭୂପୃଷ୍ଠ ଅଧିକାରର ସୁଯୋଗ। ଏଫ୍‌ଆର୍‌ଏ-୨୦୦୬ ଆଇନ ପ୍ରତ୍ୟାହାର କରାଯାଇଛି। ଫଳରେ ଆଦିବାସୀଙ୍କ ଅଧିକାର ଉପରେ ପ୍ରତିବନ୍ଧକ ଲାଗିଛି। ଡିଏମ୍‌ଏଫ୍ ଏବେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥିଲେ ମଧ୍ୟ ସଂଶୋଧନ ପରେ ଏହା କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯିବ। ସେହିପରି ଏମ୍‌ଏଫ୍‌ପି- ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଆଦିବାସୀଙ୍କ ପାଖରେ ଏବେ କୌଣସି ଅଧିକାର ନାହିଁ। ଜଙ୍ଗଲ କ୍ଷୟ, ମୃତ୍ତିକା କ୍ଷୟ, ଭୂତଳ ଜଳ ସ୍ତର ହ୍ରାସ ଓ ଅନେକ ପବିତ୍ର ଜଙ୍ଗଲ ବା ଗ୍ରୋଭ୍ସର ବିନାଶ ଘଟୁଛି। ତଥାପି ରାଜ୍ୟ ସରକାର ଏହାର ଉତ୍ତରଦାୟିତ୍ୱ ନେଉନାହାନ୍ତି। ସେହିପରି ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଗତ ୨୦୦୬ ଅଗଷ୍ଟରେ ଜିଲ୍ଲାପାଳଙ୍କୁ ଭିଟୋ ପାୱାର୍ ଦେଇଦେଲେ। ଫଳତଃ ଗ୍ରାମସଭା ଯଦି ଥରକେ ନିର୍ଣ୍ଣୟ କରିନ ପାରିଲା, ସେ କ୍ଷେତ୍ରରେ ଜିଲ୍ଲାପାଳ ଭିଟୋ କ୍ଷମତା ଅନୁସାରେ ନିଷ୍ପତ୍ତି ନେଇପାରିବେ।

# ବଢୁଛି ନିଶାଡ଼ିଙ୍କ ଉତ୍ପାତ, ପୁଲିସ ଧରୁଛି ନିଶାଡ଼ି ଗାଡ଼ି ଚାଳକ



ଭୁବନେଶ୍ୱର,୧୨।୯: ନିଶାମୁକ୍ତି ପାଇଁ ସରକାରଙ୍କ ବଡ଼ ଘୋଷଣା ସହ ପୁଲିସ ଓ ଅନ୍ୟ ସଂସ୍ଥାମାନଙ୍କ ଶପଥ ସତ୍ତ୍ୱେ ରାଜଧାନୀରେ ନିଶା ଉପଦ୍ରବ ବଢ଼ି ବଢ଼ି ଚାଲିଛି। ଶିକ୍ଷାନୁଷ୍ଠାନର କ୍ୟାମ୍ପସ୍‌ଗୁଡ଼ିକୁ ନିଶାମୁକ୍ତ କରିବା ଲାଗି ଉଚ୍ଚଶିକ୍ଷା ବିଭାଗର ଘୋଷଣା ସେମିତି କିଛି ପ୍ରଭାବ ପକାଇବା ଭଳି ମନେ ହେଉନାହିଁ।

ନିକଟରେ ରାଜଧାନୀର ହୃତପିଣ୍ଡରେ ଥିବା ରାଜଧାନୀ କଲେଜ ଫାଟକ ନିକଟରୁ ନିଶା ବେପାରୀଙ୍କୁ ଗିରଫ କରାଯିବା ଓ ବିଧାନସଭା, ସଚିବାଳୟ ଓ କମିଶନରେଟ୍ ପୁଲିସ ମୁଖ୍ୟ ଦପ୍ତରର ଅନତି ଦୂରରେ ଥିବା ରବୀନ୍ଦ୍ର ମଣ୍ଡପ ଛକ ନିକଟରେ ନିଶାଡ଼ିଙ୍କ ଦୌରାତ୍ମ୍ୟରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ସମେତ ଆଉ କିଛି ବ୍ୟକ୍ତି ଆହତ ହେବା ଘଟଣାରୁ ପୁଲିସକୁ କିଭଳି ନିଶାଡ଼ିମାନେ ଖାତିର କରୁନାହାନ୍ତି ତାହା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ଦୀର୍ଘ ବର୍ଷ ଧରି ନିଶା ନିବାରଣ କ୍ଷେତ୍ରରେ କାମ କରିଆସୁଥିବା କର୍ମୀମାନେ କହୁଛନ୍ତି।

ଗୋଟିଏ ପଟେ ରାଜ୍ୟରେ କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଥିବା ବେଳେ ୨୦୨୯ ସୁଦ୍ଧା ଦେଶକୁ ନିଶାମୁକ୍ତ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀମାନେ ଘୋଷଣା କରୁଛନ୍ତି। ବିଜେପି ମଧ୍ୟ ଓଡ଼ିଶା ପାଇଁ ଥିବା ନିର୍ବାଚନୀ ସଂକଳ୍ପରେ ୨୦୨୯ ସୁଦ୍ଧା ଓଡ଼ିଶା ସମ୍ପୂର୍ଣ୍ଣ ମଦମୁକ୍ତ ହେବ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଆସିଛି।

ରାଜଧାନୀରେ ଅପରାଧ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଏହାକୁ ଦମନ କରିବା ପାଇଁ ଖୋଦ୍ ପୁଲିସ ମହାନିର୍ଦ୍ଦେଶକ ନିକଟରେ କମିଶନରେଟ୍ ପୁଲିସର ଅଧିକାରୀମାନଙ୍କୁ ତାଗିଦ କରିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ରାଜଧାନୀରେ ଯେତେସବୁ ଅପରାଧ ଘଟୁଛି, ସେଥିରୁ ଅଧିକାଂଶ ନିଶାଡ଼ିଙ୍କ ପ୍ରାବଲ୍ୟ ଯୋଗୁ ଉପୁଜୁଥିବା ଅନେକ ଅବସରପ୍ରାପ୍ତ ପୁଲିସ ଅଧିକାରୀ ସ୍ୱୀକାର କରୁଛନ୍ତି।

ମଦ ସହ ବ୍ରାଉନସୁଗର, ଚରସ, ହେରୋଇନ୍, ଅଫିମ, ଗଞ୍ଜେଇ, କଫ୍ ସିରପ୍ ଓ ଅନ୍ୟ ନିଶା ବଟିକା ରାଜଧାନୀରେ ହାଉଯାଉ। ବିଶେଷକରି ନିଶା ବେପାରୀମାନେ ଯୁବ ସମାଜକୁ ଟାର୍ଗେଟ୍ କରି ସେମାନଙ୍କ ସାମ୍ରାଜ୍ୟ ବଢ଼ାଇ ଚାଲୁଛନ୍ତି। ରାଜ୍ୟର ଯୁବପିଢ଼ିଙ୍କ ଭିତରେ ନିଶାର ଭୟାବହତା ଘେନି ରାଜ୍ୟ ଯୁବ ନୀତିରେ ମଧ୍ୟ ସ୍ୱୀକାର କରାଯାଇଛି। ଯୁବକମାନଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ସଚେତନ କରିବା ଲାଗି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ସହ ଗଣଦୌଡ଼ମାନଙ୍କରେ ବି ଭାଗ ନେଉଛନ୍ତି। ତେବେ ରାଜଧାନୀର ଅନେକ ପ୍ରମୁଖ ଶିକ୍ଷାନୁଷ୍ଠାନରୁ ଆରମ୍ଭ କରି ପାର୍କ ପର୍ଯ୍ୟନ୍ତ ନିଶାଡ଼ିଙ୍କ ଦୌରାତ୍ମ୍ୟ ସ୍ପଷ୍ଟ ବାରି ହୋଇଯାଉଛି। ରାତି ତ ଦୂରର କଥା ଦିନବେଳା ବି ମଦ ଦୋକାନଗୁଡ଼ିକରେ ଯେଭଳି ଭିଡ଼ ହେଉଛି ଏବଂ ସେଥିରେ ସଂଖ୍ୟାଧିକ ଯୁବକ ଥିବା ଦେଖାଯାଉଛି, ତାହା ନିଶାର ଭୟାବହତାକୁ ପ୍ରମାଣିତ କରୁଛି। ଏଭଳି ସ୍ଥିତିରେ ଚୋରା ନିଶା ବିରୋଧରେ ସରକାରଙ୍କ କାର୍ଯ୍ୟକ୍ରମ ଚାଲୁଥିଲେ ମଧ୍ୟ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଢେର କମ୍ ରହୁଥିବା ଘେନି ଅତୀତରେ ସିଏଜି ମଧ୍ୟ ତାଙ୍କ ରିପୋର୍ଟରେ ଉଦ୍‌ବେଗର ସହ ଉଲ୍ଲେଖ କରିଛନ୍ତି। ନିଶା ଯୋଗୁ ଅନେକ ଦୁର୍ଘଟଣା ଘଟୁଥିବା ପରିପ୍ରେକ୍ଷୀରେ କମିଶନରେଟ୍ ପୁଲିସ ମଦୁଆ ଗାଡ଼ି ଚାଳକମାନଙ୍କୁ ରାସ୍ତା ଅବରୋଧ କରି ରାତିରେ ଧରୁଛି। ନିଶାଡ଼ିମାନେ କେତେକ କ୍ଷେତ୍ରରେ ପୁଲିସକୁ ଧମକଚମକ ଦେବା ସହ ଆକ୍ରମଣ କରିବାକୁ ମଧ୍ୟ ପଛାଉନାହାନ୍ତି। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା ପାଇଁ ନିଶାଡ଼ି ଓ ନିଶା ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ସଂଗଠନ ମତ ବ୍ୟକ୍ତ କରୁଛନ୍ତି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୧୩ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Sunday 13 September 2026, Bhubaneswar

# ଆଜିର ଫ୍ୟାସନ କାଲିର ଅନୁତାପ




ଫ୍ୟାସନ୍ ଜଗତର ଗୋଟିଏ ବିଶେଷତା ହେଉଛି, ଏହା ସର୍ବଦା ଏକ ବୃତ୍ତାକାର ପଥରେ ଗତି କରେ। ବର୍ତ୍ତମାନ ସୋସିଆଲ୍ ମିଡିଆ ଯୁଗରେ ୮୦ ଦଶକର 'ରେଟ୍ରୋ ଲୁକ୍' ସେହିଭଳି ଏକ ଜବରଦସ୍ତ କ୍ରେଜ୍ ସୃଷ୍ଟି କରିଛି। ଢିଲା ଗାଢ଼ ରଙ୍ଗର ଜ୍ୟାକେଟ୍, ଡିସ୍କୋ ଲୁକ୍, ବଡ଼ ଆକାରର ସନ୍‌ଗ୍ଲାସ୍, ଏବଂ ନିଆରା କେଶସଜ୍ଜା ଆଜିର ଯୁବପିଢ଼ିଙ୍କ ରିଲ୍ସ ଓ ପୋଷ୍ଟଗୁଡ଼ିକରେ ବହୁଳ ଭାବରେ ଦେଖିବାକୁ ମିଳୁଛି। ତେବେ ଏହି ଆକର୍ଷଣୀୟ ଟ୍ରେଣ୍ଡ କେବଳ ଏକ ଫ୍ୟାସନ୍‌ରେ ସୀମିତ ନାହିଁ, ଏହା ପଛରେ ଲୁଚି ରହିଛି ଇଣ୍ଟରନେଟ୍ କମ୍ପାନୀଗୁଡ଼ିକର ଏକ ବିଶାଳ ବ୍ୟବସାୟିକ ଅଭିସନ୍ଧି। ଆଜିର ଯୁବପିଢ଼ି ଯେତେବେଳେ ୮୦ ଦଶକର ଲୁକ୍ ଆପଣାଇ ନିଜର ଶହ ଶହ ଫଟୋ ଓ ଭିଡିଓ ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରୁଛନ୍ତି, ସେତେବେଳେ ସେମାନେ ଅଜାଣତରେ ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀଗୁଡ଼ିକୁ ନିଜର ବାୟୋମେଟ୍ରିକ ତଥ୍ୟ ଓ ଚେହେରାର ଫଟୋ ଭେଟି ଦେଉଛନ୍ତି। ଏହି ଫଟୋଗୁଡ଼ିକ କେବଳ ଲାଇକ୍ କିମ୍ବା କମେଣ୍ଟ ପାଇଁ ସୀମିତ ରହୁନାହିଁ, ବରଂ ଏଗୁଡ଼ିକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଫେସିଆଲ୍ ରେକୋଗ୍ନିସନ୍ ପ୍ରଯୁକ୍ତିବିଦ୍ୟାକୁ ତାଲିମ୍ ଦେବା ପାଇଁ ବ୍ୟବହାର କରାଯାଉଛି। ଇଣ୍ଟରନେଟ୍ ବ୍ୟବସାୟୀମାନେ ନିଜର ଏଆଇ ମଡେଲ୍ ସୁଦୃଢ଼ କରିବା ପାଇଁ ଆମର କୋଟି କୋଟି ଫଟୋକୁ ବିନା କୌଣସି ମୂଲ୍ୟରେ ଏକତ୍ରିତ କରୁଛନ୍ତି। 'ଯଦି ଆପଣ କୌଣସି ସେବା ପାଇଁ ଟଙ୍କା ଦେଉନାହାନ୍ତି, ତେବେ ଆପଣ ନିଜେ ସେହି ବ୍ୟବସାୟର ସାମଗ୍ରୀ' ଇଣ୍ଟରନେଟ୍ ଜଗତର ଏହି ପୁରୁଣା ନିୟମ ଆଜି ରେଟ୍ରୋ ଟ୍ରେଣ୍ଡ୍ କ୍ଷେତ୍ରରେ ସତ୍ୟ ପ୍ରମାଣିତ ହେଉଛି। ୮୦ ଦଶକର ଫିଲ୍ଟର୍, ରେଟ୍ରୋ ମେକଅପ୍ କ୍ୟାମେରା ଆପ୍ସ ଏବଂ ସୋସିଆଲ୍ ମିଡିଆ ପ୍ଲାଟଫର୍ମଗୁଡ଼ିକ ଆମକୁ ମାଗଣାରେ ମନୋରଞ୍ଜନ ଯୋଗାଇବା ବାହାନାରେ ଆମର ବ୍ୟକ୍ତିଗତ ଗୋପନୀୟତା ଛଡ଼ାଇ ନେଉଛନ୍ତି। ଆମର ଚେହେରା, ସ୍ୱାଭାବିକ ପ୍ରତିକ୍ରିୟା ଏବଂ ପସନ୍ଦ-ଅପସନ୍ଦର ଡାଟାକୁ ଆଧାର କରି କମ୍ପାନୀଗୁଡ଼ିକ ବିଜ୍ଞାପନ ବ୍ୟବସାୟରୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏହି ବିନା ବିଚାରର ଡାଟା ପ୍ରଦାନ ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଆପଣଙ୍କର ବହୁବିଧ ଫଟୋ ଏବଂ ଚେହେରାର ନିଖୁଣ ଡାଟାକୁ ବ୍ୟବହାର କରି ଅସାଧୁ ବ୍ୟକ୍ତିମାନେ ନକଲି ଭିଡିଓ କିମ୍ବା ଚିତ୍ର ପ୍ରସ୍ତୁତ କରିବାର ସମ୍ଭାବନା ରହିଛି। ଆପଣଙ୍କ ଫଟୋ ଓ ବ୍ୟକ୍ତିଗତ ସୂଚନାକୁ ତୃତୀୟ ପକ୍ଷ ବ୍ୟବସାୟୀଙ୍କ ପାଖରେ ବିକ୍ରି କରାଯାଇ ସେଥିଂ ଓ ଫ୍ୟାସନ୍ ବ୍ରାଣ୍ଡଗୁଡ଼ିକୁ ଯୋଗାଇ ଦିଆଯାଉଛି। ସୋସିଆଲ୍ ମିଡିଆ ଆଲଗୋରିଦମ୍ ଆମକୁ କେବଳ ଟ୍ରେଣ୍ଡରେ ବାନ୍ଧି ରଖି ଆମର ଆତ୍ମବିଶ୍ୱାସକୁ ନିୟନ୍ତ୍ରଣ କରୁଛି। ଫ୍ୟାସନ୍‌କୁ ଉପଭୋଗ କରିବା ଭୁଲ୍ ନୁହେଁ, କିନ୍ତୁ ଅନ୍ଧଭାବେ ଡିଜିଟାଲ୍ ସାମ୍ରାଜ୍ୟ ଜାଲରେ ପଡ଼ିବା ବିଚାରନୀୟ। ଆମକୁ ସୋସିଆଲ୍ ମିଡିଆ ବ୍ୟବହାର ସମୟରେ କିଛି ନିୟମ ପାଳନ କରିବାକୁ ପଡ଼ିବ। ଯେକୌଣସି ଫୋଟୋ-ଏଡିଟିଂ ଆପ୍ କିମ୍ବା ରେଟ୍ରୋ ଫିଲ୍ଟର ଆପକୁ 'ଟର୍ମସ ଆଣ୍ଡ କଣ୍ଡିସନ୍ସ' ନ ପଢ଼ି ଅନୁମତି ଦିଅନ୍ତୁ ନାହିଁ। ନିଜର ପ୍ରତ୍ୟେକ ବ୍ୟକ୍ତିଗତ ମୁହୂର୍ତ୍ତ ଓ ଫଟୋକୁ ସର୍ବସାଧାରଣରେ ସେୟାର କରିବାରୁ ନିବୃତ୍ତ ରୁହନ୍ତୁ। ନିଜର ଡାଟା ଗୋପନୀୟତା ପ୍ରତି ସଚେତନ ହୁଅନ୍ତୁ। ୮୦ ଦଶକର ରେଟ୍ରୋ ଟ୍ରେଣ୍ଡ ନିଶ୍ଚିତ ଭାବରେ ଆମକୁ ଏକ ସୁନ୍ଦର ଅତୀତର ଅନୁଭୂତି ଦେଉଛି। କିନ୍ତୁ ଆମେ ମନେରଖିବା ଉଚିତ ଯେ, ଆଜିର ଡିଜିଟାଲ୍ ଯୁଗରେ କୌଣସି ଜିନିଷ ସମ୍ପୂର୍ଣ୍ଣ 'ମାଗଣା' ନୁହେଁ। ଆମର ଗୋଟିଏ ସେଲ୍ଫି କିମ୍ବା ରିଲ୍ ଅନ୍ୟ କାହାର ବ୍ୟବସାୟର ମୂଳଧନ ସାଜୁଛି। ତେଣୁ, ଆଜିର ଫ୍ୟାସନ୍ ଖୁସି କାଲି ପାଇଁ ଡିଜିଟାଲ୍ ଅନୁତାପ ଓ ଶୋଷଣର କାରଣ ନ ସାଜୁ, ସେଥିପାଇଁ ପ୍ରତ୍ୟେକ ସୋସିଆଲ୍ ମିଡିଆ ବ୍ୟବହାରକାରୀ ସାବଧାନ ଓ ସଚେତନ ହେବା ଜରୁରୀ।

# ବିଶ୍ୱ ମଞ୍ଚରେ ଭାରତର ନୂଆ ପଦଚିହ୍ନ



ବିଶ୍ୱ ରାଜନୀତିର ଦିଗ ବଦଳୁଛି, ଅର୍ଥନୀତିର କେନ୍ଦ୍ର ବଦଳୁଛି, ଶକ୍ତିର ସମୀକରଣ ବଦଳୁଛି ଏବଂ ଏହି ବଦଳୁଥିବା ପରିସ୍ଥିତିରେ ଭାରତର ଭୂମିକା ଆଜି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ପାଇଛି। ବ୍ରିକ୍ସ ସମ୍ମିଳନୀ ଏହି ପରିବର୍ତ୍ତନର ଏକ ବଡ଼ ପ୍ରତୀକ। ବ୍ରାଜିଲର ରିଓ ଦେ ଜାନେଇରୋରେ ୨୦୨୫ ମସିହାରେ ଅନୁଷ୍ଠିତ ସପ୍ତଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ବିଶ୍ୱ ଦକ୍ଷିଣର ସହଯୋଗ, ଅଧିକ ସମାବେଶୀ ବିଶ୍ୱ ଶାସନ, ଜଳବାୟୁ ପରିବର୍ତ୍ତନ, ଅର୍ଥନୈତିକ ସହଯୋଗ, ସ୍ୱାସ୍ଥ୍ୟ, କୃତ୍ରିମ ବୁଦ୍ଧିମତ୍ତା ଓ ବିଶ୍ୱ ଶାସନ ବ୍ୟବସ୍ଥାର ସଂସ୍କାର ଭଳି ଅନେକ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହି ସମ୍ମିଳନୀର ଘୋଷଣାପତ୍ରରେ ୧୨୬ଟି ପ୍ରତିବଦ୍ଧତା ସାମିଲ ହୋଇଥିଲା ଏବଂ ୨୦୨୬ରେ ଭାରତର ଅଧ୍ୟକ୍ଷତାକୁ ସମ୍ପୂର୍ଣ୍ଣ ସମର୍ଥନ ଦିଆଯାଇଥିଲା। ଏହା କେବଳ ଏକ ଆନ୍ତର୍ଜାତିକ ସମ୍ମିଳନୀର ଘଟଣା ନୁହେଁ; ଏହା ଭାରତ ପାଇଁ ନିଜର ଚିନ୍ତାଧାରା, ନିଜର ପ୍ରାଥମିକତା ଓ ନିଜର ବିଶ୍ୱଦୃଷ୍ଟିକୁ ଆହୁରି ସ୍ପଷ୍ଟ କରିବାର ଏକ ଐତିହାସିକ ସୁଯୋଗ। ବ୍ରିକ୍ସ ଆଜି ଆଉ କେବଳ କିଛି ଉଦୀୟମାନ ଅର୍ଥନୀତିର ମଞ୍ଚ ନୁହେଁ; ଏହା ବିଶ୍ୱ ଦକ୍ଷିଣର ସ୍ୱରକୁ ଏକାଠି କରିବାର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇଉଠୁଛି। ଏହି ପରିବର୍ତ୍ତନର ମଧ୍ୟରେ ଭାରତର ଦାୟିତ୍ୱ ମଧ ବଢ଼ିଛି। ଆମ ପାଇଁ ଏହା ଗର୍ବର ବିଷୟ ଯେ ଭାରତ ଏପରି ଏକ ମଞ୍ଚର ନେତୃତ୍ୱ ନେବାର ସୁଯୋଗ ପାଉଛି, କିନ୍ତୁ ଏହି ଗର୍ବ ସହିତ ଦାୟିତ୍ୱକୁ ମଧ ବୁଝିବା ଦରକାର। ବିଶ୍ୱ ରାଜନୀତିରେ ଭାରତର ଶକ୍ତି କେବଳ ତାହାର ବିଶାଳ ଜନସଂଖ୍ୟା, ବଢ଼ୁଥିବା ଅର୍ଥନୀତି କିମ୍ବା ସାମରିକ କ୍ଷମତାରେ ନୁହେଁ; ଭାରତର ପ୍ରକୃତ ଶକ୍ତି ହେଉଛି ତାହାର ଗଣତାନ୍ତ୍ରିକ ପରମ୍ପରା, ବହୁତ୍ୱବାଦୀ ସମାଜ, ଶାନ୍ତିର ପରମ୍ପରା, ବିକାଶଶୀଳ ଦେଶମାନଙ୍କ ସମସ୍ୟାକୁ ବୁଝିବାର କ୍ଷମତା ଏବଂ ସମସ୍ତଙ୍କ ସହିତ ସମ୍ପର୍କ ରଖିବାର କୂଟନୈତିକ ଦକ୍ଷତା। ବ୍ରିକ୍ସରେ ଭାରତକୁ ଏହି ସବୁ ଶକ୍ତିକୁ ଏକାଠି କରି ଏକ ନୂଆ ଦିଗ ଦେଖାଇବାକୁ ହେବ। ବିଶ୍ୱର ଅନେକ ଦେଶ ଆଜି ଯୁଦ୍ଧ, ଖାଦ୍ୟ ସଙ୍କଟ, ଶକ୍ତି ସଙ୍କଟ, ଋଣଭାର, ଜଳବାୟୁ ପରିବର୍ତ୍ତନ ଓ ଅସମାନତାର ଚାପରେ ରହିଛନ୍ତି। ଏପରି ସମୟରେ ବ୍ରିକ୍ସ ଯଦି କେବଳ ଘୋଷଣା କରି ଥମିଯାଏ, ତେବେ ତାହାର ଐତିହାସିକ ଗୁରୁତ୍ୱ କମିଯିବ। ଘୋଷଣାକୁ କାର୍ଯ୍ୟରେ ପରିଣତ କରିବା ହିଁ ଏବେ ସବୁଠାରୁ ବଡ଼ ପରୀକ୍ଷା। ବିଶେଷକରି ବିଶ୍ୱ ଅର୍ଥବ୍ୟବସ୍ଥାରେ ଅଧିକ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱର ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ରିକ୍ସ ଘୋଷଣାପତ୍ରରେ ଆନ୍ତର୍ଜାତିକ ଅନୁଷ୍ଠାନଗୁଡ଼ିକରେ ଉନ୍ନତ ପ୍ରତିନିଧିତ୍ୱ ଓ ସଂସ୍କାରର ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ଏହି ପ୍ରସଙ୍ଗରେ ଭାରତର ସ୍ୱର ଯେତେ ଦୃଢ଼ ହେବ, ବିଶ୍ୱ ଦକ୍ଷିଣର ସ୍ୱର ସେତେ ଶକ୍ତିଶାଳୀ ହେବ। କିନ୍ତୁ ଏଠାରେ ଏକ କଥା ସ୍ପଷ୍ଟ ହେବା ଦରକାର ବ୍ରିକ୍ସ କୌଣସି ଦେଶ ବିରୋଧୀ ମଞ୍ଚ ହେବା ଉଚିତ ନୁହେଁ। ଭାରତର ବିଦେଶନୀତିର ମୂଳ ଶକ୍ତି ହେଉଛି ସନ୍ତୁଳନ। ଭାରତ ସମସ୍ତ ପ୍ରମୁଖ ଶକ୍ତି ସହିତ ସମ୍ପର୍କ ରଖି ନିଜର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ କରିଆସିଛି। ତେଣୁ ବ୍ରିକ୍ସ ମଧ୍ୟରେ ଭାରତର ଭୂମିକା ହେବା ଉଚିତ ସେତୁ ନିର୍ମାଣର, ଭିନ୍ନତା ବଢ଼ାଇବାର ନୁହେଁ। ବିଶ୍ୱ ଅର୍ଥନୀତିରେ ନୂଆ ଅବସର ସୃଷ୍ଟି, ପରସ୍ପର ବାଣିଜ୍ୟ ବୃଦ୍ଧି, ନୂଆ ପ୍ରଯୁକ୍ତିର ଆଦାନପ୍ରଦାନ, ଖାଦ୍ୟ ଓ ଶକ୍ତି ସୁରକ୍ଷା, ସ୍ୱାସ୍ଥ୍ୟ ସହଯୋଗ ଏବଂ ଯୁବପିଢ଼ି ପାଇଁ ନୂଆ ସୁଯୋଗ ଏହି ସବୁ କ୍ଷେତ୍ରରେ ବ୍ରିକ୍ସକୁ ଫଳପ୍ରଦ କରିବା ଆବଶ୍ୟକ। ୨୦୨୫ର ଆଲୋଚନାରେ ଅର୍ଥ, ବାଣିଜ୍ୟ, ଖାଦ୍ୟ ସୁରକ୍ଷା ଓ ବିଶ୍ୱ ଅର୍ଥବ୍ୟବସ୍ଥାର ସଂସ୍କାର ଭଳି ବିଷୟ ମଧ ଗୁରୁତ୍ୱ ପାଇଥିଲା। ଭାରତ ପାଇଁ ଏହାର ଅର୍ଥ ହେଉଛି ଆମର କୃଷକ, ଛୋଟ ବ୍ୟବସାୟୀ, ଶିଳ୍ପ, ଯୁବ ଉଦ୍ୟୋଗୀ ଓ ନୂଆ ପିଢ଼ିର ପ୍ରତିଭାମାନେ ଏହି ସହଯୋଗର ପ୍ରତ୍ୟକ୍ଷ ଲାଭ ପାଇବା ଦରକାର। ଆନ୍ତର୍ଜାତିକ ସମ୍ମିଳନୀର ସଫଳତା କେବଳ ନେତାମାନଙ୍କ ଆଲୋଚନା କିମ୍ବା ଘୋଷଣାରେ ମାପିହେବ ନାହିଁ; ତାହାର ପ୍ରକୃତ ମାପଦଣ୍ଡ ହେଉଛି ସାଧାରଣ ମଣିଷର ଜୀବନରେ ଆସୁଥିବା ପରିବର୍ତ୍ତନ। ଯଦି ବ୍ରିକ୍ସ ଦେଶମାନଙ୍କ ସହଯୋଗରେ ଭାରତୀୟ ଉତ୍ପାଦ ପାଇଁ ନୂଆ ବଜାର ଖୋଲେ, ଭାରତୀୟ ଯୁବକଙ୍କ ପାଇଁ ନୂଆ ଚାକିରି ଓ ଉଦ୍ୟୋଗ ସୁଯୋଗ ତିଆରି ହୁଏ, ଭାରତୀୟ କୃଷକଙ୍କ ଉତ୍ପାଦ ପାଇଁ ନୂଆ ଚାହିଦା ସୃଷ୍ଟି ହୁଏ ଏବଂ ନୂଆ ପ୍ରଯୁକ୍ତି ସହଜରେ ଉପଲବ୍ଧ ହୁଏ, ତେବେ ତାହାକୁ ହିଁ ସଫଳତା କୁହାଯିବ। ଆଜିର ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ମଧ ଏକ ନିର୍ଣ୍ଣାୟକ ଶକ୍ତି ହୋଇଉଠିଛି। ବ୍ରିକ୍ସ ଆଲୋଚନାରେ ଏହି କ୍ଷେତ୍ରକୁ ମଧ ଗୁରୁତ୍ୱ ମିଳିଛି। ଭାରତ ପାଇଁ ଏଠାରେ ଅପାର ସୁଯୋଗ ରହିଛି। ଆମର ଯୁବ ପ୍ରତିଭା, ବିଜ୍ଞାନୀ, ପ୍ରଯୁକ୍ତିବିଦ୍ ଓ ଉଦ୍ୟୋଗୀମାନେ ବିଶ୍ୱ ସହିତ ମିଶି ନୂଆ ସମାଧାନ ତିଆରି କରିପାରିବେ। କିନ୍ତୁ ପ୍ରଯୁକ୍ତିର ବିକାଶ ସହିତ ନୀତି, ସୁରକ୍ଷା ଓ ମାନବିକ ମୂଲ୍ୟବୋଧକୁ ମଧ ସମାନ ଗୁରୁତ୍ୱ ଦେବାକୁ ହେବ। ଜଳବାୟୁ ପରିବର୍ତ୍ତନର ପ୍ରଶ୍ନ ମଧ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱର। ଜଳବାୟୁ ସଙ୍କଟର ଭାର ଗରିବ ଓ ବିକାଶଶୀଳ ଦେଶମାନେ ଅଧିକ ବହନ କରୁଛନ୍ତି। ତେଣୁ ଜଳବାୟୁ ନ୍ୟାୟର ପ୍ରଶ୍ନକୁ ବିଶ୍ୱ ମଞ୍ଚରେ ଦୃଢ଼ତାର ସହ ଉଠାଇବା ଭାରତର ଦାୟିତ୍ୱ। ଏହି ଦାୟିତ୍ୱ କେବଳ କୂଟନୈତିକ ଭାଷଣରେ ସୀମିତ ରହିଲେ ଚଳିବ ନାହିଁ; ଦେଶ ଭିତରେ ମଧ ସ୍ୱଚ୍ଛ ଶକ୍ତି, ଜଳ ସୁରକ୍ଷା, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶରେ ଆମକୁ ଆହୁରି ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ। ଭାରତର ବ୍ରିକ୍ସ ନେତୃତ୍ୱର ଆଉ ଏକ ବଡ଼ ପରୀକ୍ଷା ହେବ ଭିନ୍ନ ଦେଶର ଭିନ୍ନ ହିତକୁ ଏକାଠି କରିବା। ସମସ୍ତ ସଦସ୍ୟ ଦେଶର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମାନ ନୁହେଁ। ମତଭେଦ ରହିବ, ହିତରେ ପାର୍ଥକ୍ୟ ରହିବ, କିନ୍ତୁ ସହଯୋଗର ସମ୍ଭାବନାକୁ ମତଭେଦର ଛାୟାରେ ହରାଇବା ଉଚିତ ନୁହେଁ। ଭାରତର କୂଟନୈତିକ ପରମ୍ପରା ଏଠାରେ ଉପଯୋଗୀ ହୋଇପାରେ। ଆଲୋଚନା, ସମ୍ମାନ, ସମାନତା ଓ ସହମତିର ଆଧାରରେ ଆଗକୁ ବଢ଼ିବା ହିଁ ଭାରତର ଶ୍ରେଷ୍ଠ ପଥ। ବ୍ରିକ୍ସକୁ ଯଦି ବିଶ୍ୱ ଦକ୍ଷିଣର ଆଶାର ମଞ୍ଚ କରିବାକୁ ହୁଏ, ତେବେ ତାହାକୁ ଗରିବ ଦେଶମାନଙ୍କ ସ୍ୱର ଶୁଣିବାକୁ ହେବ। ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି, ଚାକିରି ଓ ପ୍ରଯୁକ୍ତି ଏହି ସବୁ ହେଉଛି ସାଧାରଣ ଲୋକଙ୍କ ପ୍ରକୃତ ଚିନ୍ତା। ବଡ଼ ରାଷ୍ଟ୍ରମାନଙ୍କ ଶକ୍ତି ପ୍ରଦର୍ଶନ ଠାରୁ ବଡ଼ କଥା ହେଉଛି ଛୋଟ ଓ ବିକାଶଶୀଳ ଦେଶମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା। ଏହି ଦୃଷ୍ଟିରୁ ଭାରତର ଅଧ୍ୟକ୍ଷତା ଏକ ସୁଯୋଗ ମଧ, ଏକ ପରୀକ୍ଷା ମଧ। ସୁଯୋଗ କାରଣ ଭାରତ ନିଜର ଦୃଷ୍ଟିକୋଣକୁ ବିଶ୍ୱ ମଞ୍ଚରେ ଆଗକୁ ନେଇପାରିବ; ପରୀକ୍ଷା କାରଣ କଥାକୁ କାର୍ଯ୍ୟରେ ପରିଣତ କରିବାର ଦାୟିତ୍ୱ ଏବେ ଅଧିକ। ଆମେ ଆଶା କରିବା ଉଚିତ ଯେ ଭାରତ ବ୍ରିକ୍ସକୁ କେବଳ ଶକ୍ତିର ମଞ୍ଚ ନୁହେଁ, ବରଂ ସହଯୋଗର ମଞ୍ଚରେ ପରିଣତ କରିବ। ଏପରି ଏକ ମଞ୍ଚ, ଯେଉଁଠାରେ ଉନ୍ନତିର ଅଧିକାର, ଶାନ୍ତିର ଆବଶ୍ୟକତା, ପରିବେଶର ସୁରକ୍ଷା ଓ ସମାନ ସୁଯୋଗର ଦାବିକୁ ଗୁରୁତ୍ୱ ମିଳିବ। ଭାରତର ସ୍ୱାର୍ଥ ଓ ବିଶ୍ୱ ଦକ୍ଷିଣର ସ୍ୱାର୍ଥ ଅନେକ କ୍ଷେତ୍ରରେ ପରସ୍ପର ସଂପୃକ୍ତ। ତେଣୁ ଭାରତ ଯଦି ନିଜର ବିକାଶ ଅନୁଭବ, ପ୍ରଯୁକ୍ତି କ୍ଷମତା, ଗଣତାନ୍ତ୍ରିକ ଅଭିଜ୍ଞତା ଓ କୂଟନୈତିକ ଦକ୍ଷତାକୁ ବିଶ୍ୱ ଦକ୍ଷିଣର ସାମୂହିକ ଉନ୍ନତି ସହିତ ଯୋଡ଼ିପାରେ, ତେବେ ବ୍ରିକ୍ସରେ ଭାରତର ନେତୃତ୍ୱ ଏକ ନୂଆ ଅଧ୍ୟାୟ ଲେଖିପାରିବ। ଆଜି ବିଶ୍ୱ ଭାରତକୁ କେବଳ ଏକ ବଡ଼ ଦେଶ ଭାବେ ଦେଖୁନାହିଁ; ଭାରତକୁ ଏକ ଦାୟିତ୍ୱଶୀଳ ଶକ୍ତି ଭାବେ ଦେଖୁଛି। ଏହି ବିଶ୍ୱାସକୁ ଅତୁଟ ରଖିବା ଆମର ଦାୟିତ୍ୱ। ବ୍ରିକ୍ସ ସମ୍ମିଳନୀର ଆଲୋକରେ ଭାରତ ପାଇଁ ସବୁଠାରୁ ବଡ଼ ବାର୍ତ୍ତା ହେଉଛି ବିଶ୍ୱ ନେତୃତ୍ୱ କେବଳ ଶକ୍ତିରେ ମିଳେ ନାହିଁ, ବିଶ୍ୱାସରେ ମିଳେ; କେବଳ ଭାଷଣରେ ମିଳେ ନାହିଁ, କାର୍ଯ୍ୟରେ ମିଳେ। ଆଜି ଭାରତ ପାଖରେ ସେହି ବିଶ୍ୱାସ ଅର୍ଜନ କରିବାର ସୁଯୋଗ ଅଛି। ଆମକୁ ଏମିତି ଏକ ବ୍ରିକ୍ସ ଗଢ଼ିବାକୁ ହେବ, ଯାହା ବିଭାଜନର ନୁହେଁ, ସଂଯୋଗର ପ୍ରତୀକ ହେବ; ପ୍ରତିଦ୍ୱନ୍ଦ୍ୱିତାର ନୁହେଁ, ସହଯୋଗର ପ୍ରତୀକ ହେବ; କେବଳ ବଡ଼ ଦେଶର ଆକାଂକ୍ଷାର ନୁହେଁ, ସାଧାରଣ ମଣିଷର ଆଶାର ପ୍ରତିନିଧି ହେବ। ଏହି ହେଉ ଭାରତର ଲକ୍ଷ୍ୟ, ଏହି ହେଉ ଭାରତର ବାର୍ତ୍ତା ଏବଂ ଏହି ହେଉ ଆସନ୍ତା ବିଶ୍ୱ ବ୍ୟବସ୍ଥାରେ ଭାରତର ଗୌରବମୟ ପଦଚିହ୍ନ।

ସୌଭାଗ୍ୟ ରଞ୍ଜନ ମହାନ୍ତି
ମୋବାଇଲ୍: ୯୪୩୭୯୯୪୩୭୯

# ଗଣେଶଙ୍କ ଦ୍ୱାଦଶ ନାମ



ସୌର ଚନ୍ଦ୍ର ମହାପାତ୍ର

**ସୁମୁଖ ଏକଦନ୍ତ କପିଳା ଗଜକର୍ଣ୍ଣ ଲମୋଦର ନିକଟ ବିଘ୍ନନାଶକ, ବିନାୟକ ଧୂମ୍ରକେତୁ, ଗଣାଧ୍ୟକ୍ଷ ଭାଲଚନ୍ଦ୍ର, ଗଜାନନ**

ଓଡ଼ିଶାରେ ଗଣେଶ ପୂଜା ଶରତ ଋତୁରେ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଅନ୍ୟତମ। ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ଦିନ ଏହା ପାଳନ କରାଯାଏ। ପ୍ରାୟ ପ୍ରତ୍ୟକ ଘରେ ଓ ବିଦ୍ୟାଳୟ ମାନଙ୍କରେ ଏ ଉତ୍ସବ ଅନୁଷ୍ଠିତ ହୁଏ। ସେ ଦିନ ଅନେକ ଉପବାସ କରନ୍ତି ଓ ବିଦ୍ୟା, ଧନ, ଶୁଭ କାମନା କରି ଶୁଦ୍ଧ ପୂତ ମନରେ ଗଣାପତି ପୂଜା କରନ୍ତି। ଆମ ଦେଶରେ ସମସ୍ତେ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। ଶ୍ରୀ ଗଣେଶାୟ ନମଃ ପ୍ରାୟ ସବୁ ଶୁଭ କର୍ମର ଆଦ୍ୟ ଉଚ୍ଚାରଣ।

ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା। ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧି ଦାତା ଭାବେ ସେ ପୂଜ୍ୟ। ପୁରାଣ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନନାଶକ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଏ। 'ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦନ ପ୍ରଭୋ। ମମ ବିଘ୍ନ ବିନଶୟ ଗଣାଧିପତୟେ ନମଃ।' ଓଡ଼ିଶାରେ ଗଣେଶ ପୂଜା ବିଶେଷ ମହତ୍ତ୍ୱପୂର୍ଣ୍ଣ। ଓଡ଼ିଶାର ପ୍ରାୟ ସବୁ ତୀର୍ଥ ସ୍ଥଳରେ ମନ୍ଦିର ମାନଙ୍କରେ ଗଣେଶ ମୂର୍ତ୍ତି ବିରାଜମାନ। ଶ୍ରୀମନ୍ଦିରନରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି। ଇତିହାସ କହେ କାଞ୍ଚି ବିଜୟ କରି ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କ ଇଷ୍ଟ ଦେବତା ଏହି ଗଣପତି ମୂର୍ତ୍ତି ଅଣାଇ ଶ୍ରୀମନ୍ଦିରରେ ଅଧିଷ୍ଠିତ କରାଇଥିଲେ। ଗୋଟିଏ ଶ୍ଳୋକରେ ଗଣେଶଙ୍କର ବର୍ଣ୍ଣନା କରିବାକୁ ଯାଇ ଶାସ୍ତ୍ରରେ କୁହାଯାଇଛି - 'ସୁମୁଖ ଏକଦନ୍ତ କପିଳା ଗଜକର୍ଣ୍ଣ ଲମୋଦର ନିକଟ ବିଘ୍ନନାଶକ, ବିନାୟକ ଧୂମ୍ରକେତୁ, ଗଣାଧକ୍ଷ ଭାଲଚନ୍ଦ୍ର, ଗଜାନନ।' ଅର୍ଥାତ୍ ଗଣେଶଙ୍କର ବର୍ଣ୍ଣନାରେ କୁହାଯାଇଛି - ସୁଦୃଶ୍ୟ ବଦନ, ଏକଦାନ୍ତ, ବିଶିଷ୍ଟ, କଳାରଙ୍ଗ, ହାତୀକର୍ଣ୍ଣ ବିଶିଷ୍ଟ, ବିଶାଳ ଉଦର, ଭୟଙ୍କର ସମସ୍ତ ଅମଙ୍ଗଳ ନାଶକ, ପାଉଁଶ ରଙ୍ଗର ଧ୍ୱଜ ଧାରଣକାରୀ, ଗଣଙ୍କର ଅଧିପତି, ମଥାରେ ଚନ୍ଦ୍ରମାଙ୍କ ଟିକା ଧାରଣ କରିଥିବା ଏବଂ ହାତୀ ମୁହଁ ଥିବା ଦେବତା। କିନ୍ତୁ ପ୍ରତ୍ୟେକ ନାମର ଅନ୍ତର୍ନିହିତ ଉଦ୍ଦେଶ୍ୟ ଅଲଗା।

ଗଣେଶଙ୍କ ଏକ ନାମ ହେଉଛି ସୁମୁଖ। ଯାହାର ଅର୍ଥ ସୁନ୍ଦର ମୁଖମଣ୍ଡଳ। ପ୍ରତି ପୂଜାରେ ପ୍ରଥମେ ପୂଜା ପାଉଥିବା ଗଣେଶଙ୍କ ପବିତ୍ର ଓ ସୁନ୍ଦର ମୁଖମଣ୍ଡଳ ଭକ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଥାଏ। ସେହିପରି ତାଙ୍କର ଅନ୍ୟ ଏକ ନାମ ହେଉଛି ଏକଦନ୍ତ। ସାଧାରଣ ଭାବରେ ଏହାର ଅର୍ଥ ଏକଦନ୍ତ ବିଶିଷ୍ଟ ଦେବତା। ଏହାପରଠାରୁ ଗଣେଶ ଏକଦନ୍ତ ଭାବରେ ଖ୍ୟାତ ହେଲେ। ସେ 'କପିଳ' ନାମରେ ନାମିତ। ଆକ୍ଷରିକ ଅର୍ଥରେ କପିଳର ଅର୍ଥ ପାଉଁଶବର୍ଣ୍ଣ। କିନ୍ତୁ ଧୂଆଁଳିଆ କଳାରଙ୍ଗର ଗାଈକୁ କୁହାଯାଏ କପିଳା ସେ ସମସ୍ତ ଅମଙ୍ଗଳ ଏବଂ ସବୁପ୍ରକାର ଚିନ୍ତା ବିନାଶ କରି ମଣିଷକୁ ସୁସ୍ଥ ରଖନ୍ତି। ତେଣୁ ତାଙ୍କ ପାଇଁ କପିଳ ନାମ ଏକାନ୍ତ ପ୍ରଯୁଜ୍ୟ। ସେହିପରି ତାଙ୍କର ଅନ୍ୟ ଏକ ନାମ ହେଉଛି ଗଜକର୍ଣ୍ଣ।ହାତୀର କାନ ଧାରଣ କରିଥିବା ଦେବତା ଗଣେଶ। ଏହି ନାମରେ ସେ ଖୁବ୍ ଖ୍ୟାତ୍। ତାଙ୍କର କାନ ଆମ୍ଭମାନଙ୍କୁ ଶିକ୍ଷା ଦିଏ ଯେ ପ୍ରଥମେ ଭଲ ଭାବରେ ସବୁକଥା ଶୁଣ, ଭୁଲ ଠିକ୍ ମନ ଭିତରେ ଚିନ୍ତା କର, ଏହା ପୂର୍ବରୁ ଗୋଟିଏ ବି ଶବ୍ଦ ଉଚ୍ଚାରଣ କରନାହିଁ। ଭକ୍ତ ଜନତାଙ୍କୁ 'ଲମ୍ବୋଦର' ଭାବେ ପ୍ରାର୍ଥନା କରନ୍ତି। ଏହା ପଛର କାରଣଟି ହେଉଛି ଗଣେଶଙ୍କର ପେଟ ଖୁବ୍ ବଡ଼। ଏଥିପାଇଁ ତାଙ୍କୁ କୁହାଯାଏ ଲମ୍ବୋଦର। କିନ୍ତୁ ପ୍ରକୃତ ଅର୍ଥରେ ଲମ୍ବୋଦର ତାଙ୍କୁ ହିଁ କୁହାଯାଏ ଯିଏ ସବୁକିଛି ଭଲ ବିଦ୍ୟା ଗ୍ରହଣ କରିପାରନ୍ତି ଏବଂ ସାଇତି ପାରନ୍ତି। ସେ 'ବିକଟ' ନାମରେ ନାମିତ। ଗଣେଶଙ୍କ ଷଷ୍ଠ ନାମ ବିକଟ ବା ଭୟଙ୍କର। ଗଣେଶଙ୍କ ଶରୀର ମଣିଷ ପରି କିନ୍ତୁ ମୁହଁ ହାତୀର। ହାତୀପରି ଗଣେଶ ଭୟଙ୍କର ହୋଇଯାଆନ୍ତି। ତାଙ୍କ ଭକ୍ତଙ୍କ ଆଗରେ ଅମଙ୍ଗଳ ଆସିଲେ। ଏହି ଅମଙ୍ଗଳକୁ ନାଶ କରିବା ପାଇଁ ସେ ବିକଟ ହୋଇଯାଆନ୍ତି। ତାଙ୍କର ଅତି ପ୍ରିୟ ନାମ ହେଉଛି 'ବିଘ୍ନନାଶକ'।

ସବୁ ପ୍ରକାର ଅମଙ୍ଗଳ ଓ ବିପର୍ଯ୍ୟୟର ନାଶ କରନ୍ତି ଗଣେଶ। ଅଥର୍ବ ଶୀର୍ଷ ଅନୁଯାୟୀ ଆମେ ଗଣେଶକୁ ଯୋଡ଼ ହସ୍ତରେ ପ୍ରାର୍ଥନା କଲେ ସେ ସବୁପ୍ରକାର ବିଘ୍ନ ବିନାଶ କରନ୍ତି। ସେହିପରି ତାଙ୍କର ଅନ୍ୟ ଏକ ନାମ ହେଉଛି 'ବିନାୟକ' ଗଣେଶଙ୍କ ଏହି ଅଷ୍ଟମ ନାମର ଆକ୍ଷରିକ ଅର୍ଥ ବିଶେଷ ନାୟକ। ଏହାର ଅନ୍ତର୍ନିହିତ ଅର୍ଥ ହେଉଛି ଯେତେବେଳେ ପ୍ରିୟବଚନ ବା ପ୍ରାର୍ଥନା ଦ୍ୱାରା ଗଣେଶଙ୍କୁ ସନ୍ତୁଷ୍ଟ କରାଯାଏ ତେବେ ସେ ଭକ୍ତର ରାସ୍ତାରେ ଥିବା ସବୁ ବାଧା ଦୂର କରନ୍ତି। 'ଧୂମ୍ରକେତୁ' ହେଉଛି ତାଙ୍କର ଅନ୍ୟତମ ନାମ। ଯାହାର ଅର୍ଥ ଅଗ୍ନି ବା ଧୂଆଁପରି ଏକ ପତାକା। ଏହାର ଭାବାର୍ଥ ହେଉଛି ଏମିତି ନିଷ୍ପତ୍ତି ଯାହା ପ୍ରତିକୂଳ ପରିସ୍ଥିତିରେ ବି ପତାକା ପରି ଫର ଫର ହୋଇ ଉଡୁଥାଏ। ତାଙ୍କର ଅନ୍ୟତମ ନାମ ହେଉଛି 'ଗଣାଧକ୍ଷ'। ଗଣାଧକ୍ଷର ପ୍ରକୃତ ଅର୍ଥ ହେଉଛି ଗଣ ବା ନର, ଅସୁର, ନାଗ, ଚତୁର୍ବେଦ, ଚାରି ପୁରୁଷାର୍ଥର ସ୍ୱାମୀ। ବେଦ କୁହେ ଗଣେଶ ବିଶ୍ୱବ୍ରହ୍ମାଣ୍ଡର ଅଧକ୍ଷ। ଭକ୍ତ ଜନତାଙ୍କୁ 'ଭାଲଚନ୍ଦ୍ର' ନାମରେ ପ୍ରାର୍ଥନା କରନ୍ତି। : ଏହାର ଅର୍ଥ ଯେ ଚନ୍ଦ୍ରଙ୍କୁ ମଥାରେ ପିନ୍ଧନ୍ତି। ଚନ୍ଦ୍ରଙ୍କୁ ମଥାରେ ଧାରଣ କରି ଗଣେଶ ନିଜ ଆଖପାଖ ପରିବେଶକୁ କୋମଳ ଓ ଶୀତଳ କରିଦିଅନ୍ତି। ସର୍ବୋପରି ତାଙ୍କର ଅତିପ୍ରିୟ ନାମ ହେଉଛି 'ଗଜାନନ'। ହାତୀ ମୁଣ୍ଡ ଥିବା ଦେବତା ଗଜାନନ। ଶରୀର ମଣିଷର ମସ୍ତକ ହାତୀର। ଶାସ୍ତ୍ରରେ କୁହାଯାଇଛି ଉଭୟ ମଣିଷ ଓ ହାତୀର ଆୟୁ ୧୨୦ ବର୍ଷ। ଉଭୟର ଗୁଣକୁ ଏକାଠି ହେଲେ ମଣିଷ ସଫଳ ହେବ।

ଗଣେଶଙ୍କ ବିଗ୍ରହ ଗଜମୁଖୀ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁ କାର ସ୍ୱରୂପ ପରଂ ବ୍ରହ୍ମ ଭାବେ ମଧ ପୂଜିତ। ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି - 'ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମା' ଆମ ସାମାଜିକ ପ୍ରଥା ଅନୁସାରେ ବିନାୟକ ବ୍ରତ ଏକ ମହାନ ବ୍ରତ। ଶ୍ରୀ ଗଣେଶାୟ ନମଃ ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ। ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନେଶ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଏ - 'ଓଁ ନମୋ ଗଣେଶ ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ ମମ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ'।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ଇମେଲ : SOURA999MOHAPATRA@GMAIL.COM



# କଟକର ସାମାଜିକ ଜୀବନ



ବିକ୍ରମ ମହାପାତ୍ର



ଓଡ଼ିଶାର ପ୍ରାଚୀନତମ ଇତିହାସ ଗ୍ରନ୍ଥ 'ମାଦଳା ପାଞ୍ଜି'ରେ ଉଲ୍ଲେଖ ରହିଛି ଯେ ଭୌମ ବଂଶର ରାଜା ନୃପକେଶରୀ ଖ୍ରୀଷ୍ଟ ୯୮୯ରେ ନିଜ ରାଜଧାନୀ କଟକରେ ହିଁ ସ୍ଥାପନ କରିଥିଲେ। କଟକ ସହର ଅର୍ଥ ଏହାର ପରିଚୟ ହେଉଛି ହଜାର ବର୍ଷରୁ ଉର୍ଦ୍ଧ୍ୱ। ଓଡ଼ିଶାର ସଂସ୍କୃତି, ସାହିତ୍ୟ ଓ ଶିକ୍ଷାର ଅନ୍ୟତମ ପ୍ରାଣ କେନ୍ଦ୍ର ହେଉଛି କଟକ। ନୃପକେଶରୀ ଗଢ଼ିଥିବା ଅଭିନବ କଟକ ହେଉଛି ଖ୍ରୀଷ୍ଟୀୟ ୯ମ ଶତାବ୍ଦୀର ସୃଷ୍ଟି। ଅନେକ ହୁଏତ ଜାଣି ନଥିବେ ବର୍ତ୍ତମାନ ଆମେ ଯେଉଁ କଟକ ସହରକୁ ଦେଖୁଛେ ଯାହାକି ରାଜା ନୃପ କେଶରୀଙ୍କ ଦ୍ୱାରା ଶୁଭ ଦିଆଯାଇଥିଲା ତେବେ ନୃପକେଶରୀଙ୍କ ସେ ଦିନର କଟକ ଥିଲା ବର୍ତ୍ତମାନ ସମୟର ବିଡ଼ାନାସୀ ଗ୍ରାମ। କଟକର ଦୁଇପଟେ ମହାନଦୀ ଓ କାଠଯୋଡ଼ି ନଦୀ। ମହାନଦୀ, କାଠଯୋଡ଼ୀର ସଙ୍ଗମସ୍ଥଳ କୁହାଯାଉଥିବା ସହରର ପଶ୍ଚିମାଞ୍ଚଳରେ ହେଉଛି ଏହି 'ବିଡ଼ାନାସୀ ଗ୍ରାମ'। ଋକ ବେଦରେ ଉଲ୍ଲେଖ ରହିଛି ଯେ ନଦୀର ସଙ୍ଗମସ୍ଥଳ ହେଉଛି ପବିତ୍ର। ତତ୍କାଳୀନ ଇଂରେଜ ଶାସନ ସମୟରେ ନଦୀ କୂଳରେ ସହର ସବୁ ଗଢ଼ି ଉଠିଥିଲା। କଟକ ସହର ଦେଖିଛି ନୃପକେଶରୀଙ୍କ ରାଜ ଶାସନ ଠାରୁ ମୋଗଲ, ମରହଟ୍ଟା, ବ୍ରିଟିଶଙ୍କ ଠାରୁ ବର୍ତ୍ତମାନର ପ୍ରଜାତନ୍ତ୍ର ସମୟ। ଅନଙ୍ଗଭୀମ ଦେବଙ୍କ ବାରବାଟୀ ଦୁର୍ଗ ଆଜି ସେହି ଭଗ୍ନ ସ୍ମୃତି ଭିତରେ ମନେପକାଉଛି ସହରର ଅନେକ କଥା, ଅନେକ ଅତୀତର ଘଟଣାବଳୀ।

ନୃପକେଶରୀଙ୍କ କଟକ ସହର ଆଜିର ସମୟକୁ ଦେଖିଲେ ଅନେକଙ୍କୁ ବିଶ୍ୱାସ ନଲାଗି ପାରେ ଏଇଠି ସହରର ସର୍ବୋଚ୍ଚ ନ୍ୟାୟାଳୟ ଏଇଠି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ ହସ୍ପିଟାଲ, ଏଇଠି ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏଇଠି ହିଁ ରେଳ ଷ୍ଟେସନ, ଛତ୍ରବଜାର, ମାଲଗୋଦାମ, ଏଇଠି ହିଁ ଶିଶୁ ଭବନ, ବିଳାସପୂର୍ଣ୍ଣ ହୋଟେଲ ଠାରୁ ପ୍ରେକ୍ଷାଳୟ, ସଭାସମିତି ଗୃହ ଠାରୁ ମନୋଜ୍ଞ ଉଦ୍ୟାନ। ଅତୀତର ନୌବାଣିଜ୍ୟ ଏହି ସହରର ନଦୀ କୂଳକୁ କୋଳାହଳ ମୟ କରିଥିବା ଏବେ ମଧ କଟକ ସହରର ରାଜ୍ୟର ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଭାବେ ପରିଚିତ। ଅଭିନବ ବିଡ଼ାନାସୀ ଏବେ ଅନେକ ଉନ୍ନତି ଓ ପ୍ରଗତି ଭିତରେ 'ବିଡ଼ାନାସୀର' ପରିଚୟ ପାଇଲାଣି। କଟକଟି ସହର ହେଲେ ମଧ ଏ ସହର ଭିତରେ ରହିଛି ଅନେକ ଗାଁ, ପଡ଼ା ଆଉ ସାହି ବସ୍ତି। କଟକର ଭାଇଚାରା ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ଏହି ସହରରେ ଓଡ଼ିଆଙ୍କ ବ୍ୟତୀତ, ମୁସଲମାନ, ଖ୍ରୀଷ୍ଟିଆନ, ତେଲଗୁ, ମାରୱାଡ଼ି, ଗୁଜୁରାଟୀ, ବିହାରୀ, ବଙ୍ଗାଳୀ, ପଞ୍ଜାବୀ, ତାମିଲ, କେରଳୀ ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ସମ୍ପ୍ରଦାୟର ଲୋକମାନେ ଏଠି ସ୍ନେହ ପ୍ରୀତି ସଂହତି ଓ ସଂସ୍କୃତିକୁ ନେଇ ନିଜ ଜୀବନ ଓ ଗୁଜୁରାଣ ନିର୍ବାହ କରୁଛି।

ଦଶହରା ହେଉ ବା ବାଲିଯାତ୍ରା, ଏହା ହେଉଛି କଟକୀ ଜୀବନ ସଂସ୍କୃତିର କେବଳ ସାମାଜିକ ପାର୍ବଣ ନୁହଁ ବରଂ ଖାନଦାନୀ ପରିଚୟ ଆଉ ସମୃଦ୍ଧିର ଦାସ୍ତାବିଜ। ଝିଅ ବିଭାଘରେ ଶାଶୁଘରକୁ ଗଲାବେଳେ ସବାରୀରେ କନ୍ୟା କାନ୍ଦଣା ଶୁଭେ, ବର ପାଲିଙ୍କି ପାଟଛତା ନେଇ ଶୋଭଯାତ୍ରାରେ ବାହାରେ, ବ୍ରତଚାରୀର ବ୍ରତପୋନୟନ ହୁଏ ଆଉ ଯେଉଁଠି ଜୀବନ ସରେ ସେଠି ସେ ଲୋକ ସାଉ ଭାଇଙ୍କ କାନ୍ଧରେ ଶ୍ମଶାନକୁ ଯାଇଥାଏ। କେହି କେହି କୁହନ୍ତି 'କଟକରେ ରାତି ନାହିଁ କି ପୁରୀରେ ଜାତି ନାହିଁ' ଦିନ ଥିଲା ଡେରି ରାତି ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହୁଥିଲା। ଏବେ ମଧ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଛି ଛୋଟିଆ ମୋଟିଆ ଦୋକାନ ଖୋଲା ରହୁଛି। ତେବେ କଟକ ସହରରେ ରହିଛି ଅନେକ ପ୍ରାଚୀନତମ ମଠ, ମନ୍ଦିର, ଦେବାଳୟ, ଚର୍ଚ୍ଚ ଓ ମସଜିଦ୍।

ଏଇ ହେଉଛି ଏପରି ସହର ଯେଉଁଠି ଜଣେ ଧନୀ ବି ଜୀବନ ଜିଇଁ ପାରେ ଜଣେ ଗରିବ ମଧ ଜୀବନ ନିର୍ବାହ କରିପାରେ। ପେଟ ପାଟଣା ପାଇଁ ଏହି ସହରରେ ଲକ୍ଷ ଲକ୍ଷ ଲୋକ ନିଜ ଜୀବନ ଜୀବିକାକୁ ନେଇ ଆଗେଇ ଚାଲିଛନ୍ତି ଆଉ ସେମାନଙ୍କ ସହିତ ସେମାନଙ୍କର ସୁଖ ଦୁଃଖ ମଧ୍ୟ ସବୁଠି ହିଁ ଈଶ୍ୱରଙ୍କ ଜୟଜୟକାର ଆଉ ନିଜ ଇଷ୍ଟଦେବଙ୍କ କୃପା ପାଇବା ପାଇଁ ସମସ୍ତଙ୍କର ପ୍ରାର୍ଥନା ଓ ଗୁହାରୀ। ସହରରେ ଭାଇଚାରା ଏପରି ଯେ ମହାନଦୀ ଓ କାଠଯୋଡ଼ୀରେ ଅନେକ ପାଣି ବୋହିଗଲାଣି ସିନା କିନ୍ତୁ ଭାଇଚାରା ଅକ୍ଷୁର୍ଣ୍ଣ ହୋଇ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକମାନେ କଟକ ଓ ମର୍କତ ନଗରରେ ଜାଗାବାଡ଼ି କିଣି ଘରଦ୍ୱାର କରି ଏକ ପ୍ରକାର କଟକିଆ ବି ହୋଇଗଲେଣି। ସମୟ ସୁଅରେ କଟକ ଆଗେଇ ଚାଲିଛି ଏ ସବୁ ଭିତରେ ହଜାର ବର୍ଷର ସ୍ମୃତି, ବିସ୍ମୃତି ସବୁକୁ ନିଜ ଭିତରେ ଧରି। ଅତୀତର ଗରିମାମୟ ସ୍ମୃତିକୁ ଗର୍ଭରେ ଧରି କଟକର ଚଳମାନ ସମାଜ ଯୁଗ ଯୁଗ ଧରି ପରିବର୍ତ୍ତନର ଘୂର୍ଣ୍ଣନ ମଧରେ ରହି ଆସିଛି, ଶାନ୍ତ, ସୁଧୀର ଅଥଚ ଚଳଚଞ୍ଚଳ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧,
ଦୂରଭାଷ :୯୪୩୭୦୨୧୬୧୫
E-MAIL :
ABHISEKMOHAPATRA1999@
GAMIL.COM



# ଜଟିଳ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ଆରମ୍ଭ ହେଲା ବ୍ରିକ୍ସ ମହାକୁମ୍ଭ

## ବିଶ୍ୱ ବାଣିଜ୍ୟ, ଯୋଗାଣ ଶୃଙ୍ଖଳା ଓ ଶକ୍ତି ପ୍ରବାହ ଉପରେ ଗୁରୁତ୍ୱ

## ପାଶ୍ଚାତ୍ୟ ପ୍ରଭାବମୁକ୍ତ ସୀମାପାର ଦେୟ ପ୍ରଣାଳୀ ନେଇ ଆଲୋଚନା

ନୂଆଦିଲ୍ଲୀ,୧୨।୯: ବିଶ୍ୱବ୍ୟାପୀ ଜଟିଳ ଭୂ-ରାଜନୈତିକ ପରିସ୍ଥିତି ମଧ୍ୟରେ ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ 'ଭାରତ ମଣ୍ଡପମ୍'ଠାରେ ଶନିବାର ଦୁଇଦିନିଆ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆରମ୍ଭ ହୋଇଛି। ଭାରତର ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବ୍ରିକ୍ସ ଶିଖର ସମ୍ମିଳନୀ ୧୨ ଓ ୧୩ ତାରିଖ ଯାଏ ଚାଲିବ।

ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ 'ଭାରତ ମଣ୍ଡପମ୍'ଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋବୋ ସୁବିଆନ୍ତୋ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା, ମିଶର ରାଷ୍ଟ୍ରପତି ଅବଦୁଲ ଫତ୍ତାହ ଏଲ୍-ସିସି ଏବଂ ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍ ପ୍ରମୁଖ ବିଭିନ୍ନ ଦେଶରୁ ଆସିଥିବା ବିଶ୍ୱନେତାମାନଙ୍କୁ ଉଷ୍ମ ସ୍ୱାଗତ କରିଛନ୍ତି। ଏହାସହ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ନେତାମାନେ ମଧ୍ୟ ସମ୍ମିଳନୀ ସ୍ଥଳରେ ପହଞ୍ଚିଛନ୍ତି।

ଚଳିତ ବର୍ଷ 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ନିର୍ମାଣ' ଶୀର୍ଷକକୁ ବ୍ରିକ୍ସ ଶିଖର ସମ୍ମିଳନୀର ମୁଖ୍ୟ ବିଷୟ ବା ଥିମ୍ ଭାବରେ ଗ୍ରହଣ କରାଯାଇଛି। ଏହି ବିଷୟବସ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନକୈନ୍ଦ୍ରିକ ଦୃଷ୍ଟିକୋଣ ଓ 'ପ୍ରଥମେ ମାନବିକତା' ନୀତିକୁ ପ୍ରତିଫଳିତ କରୁଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ମଧ୍ୟପ୍ରାଚ୍ୟ ଓ ୟୁକ୍ରେନରେ ଜରି ରହିଥିବା ଯୁଦ୍ଧ କାରଣରୁ ବିଶ୍ୱବ୍ୟାପୀ ଶକ୍ତି ଏବଂ ଜାହାଜ ଚଳାଚଳ ଗମ୍ଭୀର ଭାବେ ବାଧାପ୍ରାପ୍ତ ହୋଇଛି। ଏହା ସହିତ ବିଭିନ୍ନ ଦେଶ ଉପରେ ଲାଗୁ ହୋଇଥିବା କଷ୍ଟକର ଶୁଳ୍କ (ଟାରିଫ୍) ଓ ଏହି ସମସ୍ୟାଗୁଡ଼ିକର ମୁକାବିଲା ପାଇଁ ସଦସ୍ୟ ଦେଶମାନଙ୍କ ମଧ୍ୟରେ ମତଭେଦ ଜାରି ରହିଥିବା ବେଳେ ନୂଆଦିଲ୍ଲୀ ଆୟୋଜନ କରିଥିବା ଏହି ବୈଠକକୁ ସମଗ୍ର ବିଶ୍ୱରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି।

ସମ୍ମିଳନୀର ମୁଖ୍ୟ ଏଜେଣ୍ଡା ମଧ୍ୟରେ ପାଶ୍ଚାତ୍ୟ ପ୍ରଭାବରୁ ମୁକ୍ତ ହୋଇ ଅଣ-ପଶ୍ଚିମ ସୀମାପାର ଦେୟ ପ୍ରଣାଳୀ (କ୍ରସ-ବର୍ଡର ପେମେଣ୍ଟ ଚ୍ୟାନେଲ) ର ପ୍ରସାର ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ମିଳିତ ସହଯୋଗ ରହିଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମିଶରର ରାଷ୍ଟ୍ରପତି ଅବଦୁଲ ଫତ୍ତାହ ଏଲ୍-ସିସି, ଇଥିଓପିଆର ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଏବଂ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋବୋ ସୁବିଆନ୍ତୋ ଅଂଶଗ୍ରହଣ କରିଛନ୍ତି। ଏହାବ୍ୟତୀତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପକ୍ଷରୁ ଆବୁଧାବିର କ୍ରାଉନ୍ ପ୍ରିନ୍ସ ଓ ବ୍ରାଜିଲ ପକ୍ଷରୁ ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରା ପ୍ରତିନିଧି ଭାବେ ଉପସ୍ଥିତ ଅଛନ୍ତି।

ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ବ୍ରିକ୍ସ ନେତାମାନେ ପାରସ୍ପରିକ ସହଯୋଗକୁ ଆହୁରି ଗଭୀର କରିବା ଓ ସାଧାରଣ ସ୍ୱାର୍ଥ ଜଡ଼ିତ ବିଷୟଗୁଡ଼ିକରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ବିଚାରବିମର୍ଶ କରିବାକୁ ଯାଉଛନ୍ତି। ଏହାବ୍ୟତୀତ ସେମାନେ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ବିକାଶ ସମ୍ପର୍କରେ ନିଜ ନିଜର ମତ ପୋଷଣ କରିବେ। ବହୁପାକ୍ଷିକ ସହଯୋଗକୁ ମଜବୁତ କରିବା ଓ ସମଗ୍ର ବିଶ୍ୱ ସମୁଦାୟକୁ ପ୍ରଭାବିତ କରୁଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ଉପରେ ଏହି ଆଲୋଚନାରେ ମୁଖ୍ୟତଃ ଗୁରୁତ୍ୱ ଦିଆଯିବ।

**ୟୁଏଇ କ୍ରାଉନ ପ୍ରିନ୍ସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ**

## ଭାରତ-ୟୁଏଇ ବାଣିଜ୍ୟ କରିଡର ବିସ୍ତାର ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ: ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୟୁଏଇର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍‌ଙ୍କୁ ଭେଟିଛନ୍ତି। ନୂଆଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ବୈଠକରେ ଦୁଇ ଦେଶ ବାଣିଜ୍ୟ, ଶକ୍ତି ସୁରକ୍ଷା କ୍ଷେତ୍ରରେ ସହଭାଗୀ ସମୃଦ୍ଧି ଉପରେ ଆଲୋଚନା କରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଉଭୟ ପକ୍ଷ ବାଣିଜ୍ୟ କରିଡର ଓ ନିବେଶ ବିସ୍ତାରକୁ ପ୍ରୋତ୍ସାହନ ଦେବା ଉପରେ ସହମତ ହୋଇଛନ୍ତି। ଭାରତ -ୟୁଏଇ ସମ୍ପର୍କରେ ଗତ କିଛି ବର୍ଷ ହେଲା ପରିବର୍ତ୍ତନ ଆସିଛି। ଦୁଇ ଦେଶ ନିଜ ମହତ୍ୱାକାଂକ୍ଷାକୁ ଆହୁରି ଉଚ୍ଚ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦି ନିଜର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଏଥିସହ ନିବେଶ ସମ୍ପର୍କଠାରୁ ଆରମ୍ଭ କରି ରଣନୈତିକ ଶକ୍ତି ଭିତ୍ତିଭୂମି ଯାଏ ଭାରତ ଓ ୟୁଏଇ ମଧ୍ୟରେ ଅପାର ସମ୍ଭାବନା ରହିଛି ବୋଲି ମୋଦି କହିଛନ୍ତି।

## ଚତୁର୍ଥ ଥର ଭାରତର ଅଧ୍ୟକ୍ଷତା

ନୂଆଦିଲ୍ଲୀ: ଭାରତ ଚଳିତ ବର୍ଷ ଜାନୁଆରୀ ୧ ତାରିଖରୁ ଚତୁର୍ଥ ଥର ପାଇଁ ବ୍ରିକ୍ସ ଗୋଷ୍ଠୀର ଅଧ୍ୟକ୍ଷତା ଗ୍ରହଣ କରିଛି। ଏହାପୂର୍ବରୁ ଭାରତ ୨୦୧୨, ୨୦୧୬ ଏବଂ ୨୦୨୧ ମସିହାରେ ସଫଳତାର ସହ ବ୍ରିକ୍ସ ଶିଖର ସମ୍ମିଳନୀର ଅଧ୍ୟକ୍ଷତା କରିସାରିଛି। ବିଶେଷ କରି ୨୦୨୬ ମସିହାର ଏହି ଶିଖର ସମ୍ମିଳନୀ ବ୍ରିକ୍ସ ଗଠନର ୨୦ ବର୍ଷ ପୂର୍ତ୍ତି ସହିତ ସମୟ ଅତିବାହିତ କରୁଥିବାରୁ ଏହାର ଗୁରୁତ୍ୱ ଅଧିକ ରହିଛି। ଦୁଇ ଦଶନ୍ଧିର ଏହି ଯାତ୍ରା ମଧ୍ୟରେ ବ୍ରିକ୍ସ ଆଜି ବିଶ୍ୱ ଅର୍ଥନୀତି ଓ ଭୂ-ରାଜନୀତିରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ଚଳିତ ବର୍ଷ ଭାରତ 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ନିର୍ମାଣ' ଓ 'ଅନ୍ତର୍ଭୁକ୍ତ ବିଶ୍ୱ ଶାସନ ଓ ବହୁପାକ୍ଷିକତାକୁ ମଜବୁତ କରିବା' ଭଳି ପ୍ରମୁଖ ବିଷୟବସ୍ତୁକୁ ଆଧାର କରି ଏଜେଣ୍ଡା ସ୍ଥିର କରିଛି। ବିଶ୍ୱବ୍ୟାପୀ ଜଟିଳ ଭୂ-ରାଜନୈତିକ ପରିସ୍ଥିତି, ମଧ୍ୟପ୍ରାଚ୍ୟ ଓ ୟୁକ୍ରେନ ଯୁଦ୍ଧଜନିତ ଶକ୍ତି ସଙ୍କଟ ଏବଂ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ଭାରତର ଏହି ନେତୃତ୍ୱ ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳାକୁ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ଚତୁର୍ଥ ଅଧ୍ୟକ୍ଷତା ଭାରତ ପାଇଁ ପାରସ୍ପରିକ ସହଯୋଗକୁ ଆଗକୁ ବଢ଼ାଇବା, ଅଣ-ପଶ୍ଚିମ ସୀମାପାର ଦେୟ ପ୍ରଣାଳୀର ପ୍ରସାର କରିବା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ମିଳିତ ସହଯୋଗ ସ୍ଥାପନ କରି ଗୋଷ୍ଠୀର ଭବିଷ୍ୟତର ପ୍ରାଥମିକତାଗୁଡ଼ିକୁ ଏକ ନୂତନ ରୂପ ଦେବାର ଏକ ବିଶ୍ୱସ୍ତରୀୟ ସୁଯୋଗ ସୃଷ୍ଟି କରିଛି।

**● ବ୍ରିକ୍ସ ପୂର୍ବରୁ ବଡ଼ କୂଟନୈତିକ ସଫଳତା**

## ପୁଣି ଆରମ୍ଭ ହେବ ଗୁଆଙ୍ଗଝୁ-ନୂଆଦିଲ୍ଲୀ ବିମାନ ସେବା

ନୂଆଦିଲ୍ଲୀ/ବେଜିଂ: ବ୍ରିକ୍ସ ଶିଖର ସମ୍ମିଳନୀ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କର ସୁଧାର ଆଣୁଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଭାରତ ଗସ୍ତ ପୂର୍ବରୁ ଏକପ୍ରକାର ମିରାକ୍ଲ ହୋଇଛି। ଛଅ ବର୍ଷ ପରେ ଗୁଆଙ୍ଗଝୁ ଓ ନୂଆଦିଲ୍ଲୀ ମଧ୍ୟରେ ପୁଣି ବିମାନ ସେବା ଆରମ୍ଭ କରାଯିବ ବୋଲି ଚାଇନା ଦକ୍ଷିଣ ଏୟାରଲାଇନ୍ସ ଘୋଷଣା କରିଛି। କମ୍ପାନୀ କହିଛି ଯେ, ସେପ୍ଟେମ୍ବର ୨୧ ତାରିଖରୁ ଗୁଆଙ୍ଗଝୁ-ନୂଆଦିଲ୍ଲୀ ରୁଟରେ ନିୟମିତ ଯାତ୍ରୀ ସେବା ଆରମ୍ଭ ହେବ। ଦକ୍ଷିଣ ଏସିଆର ଆଠଟି ରାଉଣ୍ଡ-ଟ୍ରିପ୍ ରୁଟ୍‌ରେ ପ୍ରତି ସପ୍ତାହରେ ୧୦୦ଟି ବିମାନର ଅଧିକ ଉଡ଼ାଣ ଭରିବ। ଗତ ଛଅ ବର୍ଷ ଧରି ଗ୍ୱାଙ୍ଗଜୋ-ନୂଆଦିଲ୍ଲୀ ବିମାନ ଚଳାଚଳ ବନ୍ଦ ରହିଥିଲା।

## ଭାରତ-ଭିଏତନାମ ଦ୍ୱିପାକ୍ଷିକ ବୈଠକ



ନୂଆଦିଲ୍ଲୀ: ବ୍ରିକ୍ସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭିଏତନାମ ପ୍ରଧାନମନ୍ତ୍ରୀ ଲେ ମିନ୍ ହଙ୍ଗଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ ହୋଇଛି। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଭାରତ ଓ ଭିଏତନାମ ମଧ୍ୟରେ ଏକ ଉନ୍ନତ ବ୍ୟାପକ ରଣନୈତିକ ସହଭାଗୀତା ରହିଛି। ଦୁଇ ଦେଶର ସମ୍ପର୍କ ଦୀର୍ଘଦିନ ଧରି ପ୍ରତିରକ୍ଷା ଓ ସୁରକ୍ଷା, ଫିନଟେକ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଉଦୀୟମାନ କ୍ଷେତ୍ରରେ ସହଯୋଗ ଉପରେ ଆଧାରିତ। ଦୁଇ ଦେଶ ବହୁପାକ୍ଷିକ ଫୋରମରେ ମଧ୍ୟ ପରସ୍ପର ସହିତ ସହଯୋଗ ଜାରି ରଖିଛନ୍ତି। ଭିଏତନାମର ସରକାରୀ ଗଣମାଧ୍ୟମ 'ଭଏସ୍ ଅଫ୍ ଭିଏତନାମ' ଅନୁଯାୟୀ, ଭିଏତନାମ ବ୍ରିକ୍ସ ସମ୍ମିଳନୀକୁ ଭାରତ ସହିତ ଏହାର ସମ୍ପର୍କକୁ ଆହୁରି ମଜବୁତ କରିବା ସହିତ ବ୍ରିକ୍ସ ସଦସ୍ୟ ଓ ଅଂଶୀଦାର ଦେଶମାନଙ୍କ ସହିତ ସହଯୋଗ ବିସ୍ତାର କରିବାର ଏକ ସୁଯୋଗ ଭାବରେ ଦେଖୁଛି।

## ଗୁହାରି କରି କରି ପାକିସ୍ତାନ ନୟାନ୍ତ, ମିଳୁନି ବ୍ରିକ୍ସ ସଦସ୍ୟତା

ନୂଆଦିଲ୍ଲୀ: ବ୍ରିକ୍ସ ସଙ୍ଗଠନରେ ସାମିଲ ହେବା ପାଇଁ ପାକିସ୍ତାନ ୨୦୨୩ ମସିହାରୁ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସଫଳ ହୋଇପାରିନାହିଁ। ୨୦୨୩ ମସିହାରେ ବ୍ରିକ୍ସର ସଦସ୍ୟତା ପାଇଁ ପାକିସ୍ତାନ ଆନୁଷ୍ଠାନିକ ଭାବେ ଆବେଦନ କରିଥିଲା।



ଦେଶର ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗ୍ଲୋବାଲ ସାଉଥ୍ ସଙ୍ଗଠନରେ ନିଜର ଭାଗିଦାରୀ ବୃଦ୍ଧି କରିବା ଓ ବିଶ୍ୱ ଆର୍ଥିକ ସହଯୋଗରେ ଅଂଶଗ୍ରହଣ କରିବା ପାକିସ୍ତାନର ମୁଖ୍ୟ ଲକ୍ଷ୍ୟ। ବିଶ୍ୱ ବ୍ୟାଙ୍କ ଓ ଆଇଏମ୍ଏଫ୍ ଉପରେ ନିର୍ଭରଶୀଳତା କମାଇବା ପାଇଁ ପାକିସ୍ତାନ ବ୍ରିକ୍ସ ଦ୍ୱାରା ପରିଚାଳିତ ନ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କରେ ୫୮୦ ନିୟୁତ ଡଲାରର ଅଂଶଧନ ମଧ୍ୟ କ୍ରୟ କରିଛି।

ବ୍ରିକ୍ସର ନିୟମାବଳୀ ଅନୁଯାୟୀ, କୌଣସି ନୂତନ ଦେଶକୁ ସଦସ୍ୟତା ପ୍ରଦାନ କରିବାକୁ ହେଲେ ବର୍ତ୍ତମାନର ସମସ୍ତ ସଦସ୍ୟ ଦେଶଙ୍କର ସମ୍ମତି ଆବଶ୍ୟକ।

ରୁଷିଆ ଓ ଚୀନ୍ ସହିତ ପାକିସ୍ତାନର ସମ୍ପର୍କ ଭଲ ଥିଲେ ବି ଭାରତର ସମ୍ମତି ବିନା ପାକିସ୍ତାନର ପ୍ରବେଶ ଅସମ୍ଭବ ହୋଇପଡ଼ିଛି। ବ୍ରିକ୍ସ ନିକଟରେ ଇଜିପ୍ଟ, ଇଥିଓପିଆ, ଇରାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସକୁ ନୂତନ ସଦସ୍ୟ ଭାବରେ ଗ୍ରହଣ କରି 'ବ୍ରିକ୍ସ+'ରେ ପରିଣତ ହୋଇଛି।

## ସ୍ମାରକ ଡାକଟିକଟ ଉନ୍ମୋଚିତ



ନୂଆଦିଲ୍ଲୀ, ୧୨।୯: ବ୍ରିକ୍ସର ଦୁଇ ଦଶନ୍ଧି ପୂର୍ତ୍ତି ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଆଜି ଦୁଇଟି ସ୍ମାରକ ଡାକଟିକଟ ଉନ୍ମୋଚିତ ହୋଇଛି। 'ବ୍ରିକ୍ସ: ସହଯୋଗର ଦୁଇ ଦଶନ୍ଧି, ୨୦୦୬-୨୦୨୬)' ଲେଖାଥିବା ଏହି ସ୍ମାରକ ଡାକଟିକଟଗୁଡ଼ିକ ଆଲୋଚନା ଓ ସହଯୋଗର ଏକ ମୂଲ୍ୟବାନ ମଞ୍ଚ ଭାବେ ବ୍ରିକ୍ସର ବିକାଶକୁ ପ୍ରତିଫଳିତ କରୁଛି। ଏହି ଦୁଇଟି ଡାକଟିକଟରେ 'ସ୍ଥିରତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱ ପାଇଁ ନିର୍ମାଣ' ଶୀର୍ଷକ ବିଷୟବସ୍ତୁ ଅଧୀନରେ ଭାରତର ୨୦୨୬ ବ୍ରିକ୍ସ ଅଧ୍ୟକ୍ଷତାର ପ୍ରାଥମିକତାଗୁଡ଼ିକୁ ମଧ୍ୟ ପ୍ରତିଫଳିତ କରାଯାଇଛି। ପ୍ରଥମ ଡାକଟିକଟରେ ପାରସ୍ପରିକ ସମ୍ମାନ, ବୁଝାମଣା ଓ ଏକତାର ଭାବନା ସହ ଏକ ମଞ୍ଚ ଭାବେ ବ୍ରିକ୍ସର ଆବିର୍ଭାବକୁ ପ୍ରତିଫଳିତ କରାଯାଇଛି। ଦ୍ୱିତୀୟ ଡାକଟିକଟରେ ବ୍ରିକ୍ସର ଲୋଗୋ ସହ ଭାରତର ଅଧ୍ୟକ୍ଷତା ପଛରେ ରହିଥିବା 'ମାନବିକତା ପ୍ରଥମ' ଓ 'ଜନକୈନ୍ଦ୍ରିକ' ଦୃଷ୍ଟିକୋଣକୁ ପ୍ରଦର୍ଶିତ କରାଯାଇଛି।

## ୧୧ ମହାଶକ୍ତିଙ୍କ ମହା ସମାବେଶ

**● ରୁଦ୍ଧଦ୍ୱାର ବୈଠକରୁ ବୃକ୍ଷରୋପଣ ଓ ଭୋଜି ସମାରୋହ**

ନୂଆଦିଲ୍ଲୀ: ବ୍ରିକ୍ସ ଗୋଷ୍ଠୀରେ ବର୍ତ୍ତମାନ ୧୧ଟି ସଦସ୍ୟ ଦେଶ ରହିଛନ୍ତି। ସେହି ଦେଶଗୁଡ଼ିକ ହେଉଛନ୍ତି ହେଉଛନ୍ତି ବ୍ରାଜିଲ, ଚୀନ୍, ମିଶର, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)। ଏହାସହ ବେଲାରୁସ, କ୍ୟୁବା, ବଲିଭିଆ, କାଜାଖସ୍ତାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ତାନ ଓ ଭିଏତନାମ ମଧ୍ୟ ଏହାର ଭାଗୀଦାରୀ (ପାର୍ଟନର) ଦେଶ ଭାବେ ରହିଛନ୍ତି। ଚଳିତ ଶିଖର ସମ୍ମିଳନୀ 'ଅନ୍ତର୍ଭୁକ୍ତ ବିଶ୍ୱ ଶାସନ ଓ ବହୁପାକ୍ଷିକତାକୁ ମଜବୁତ କରିବା' ବିଷୟବସ୍ତୁ ଉପରେ ଆଧାରିତ ବ୍ରିକ୍ସ ସଦସ୍ୟ ଦେଶମାନଙ୍କ ଏକ ବନ୍ଦ କୋଠରୀ ବୈଠକ ସହିତ ଆରମ୍ଭ ହେବ। ଏହାପରେ ବିଶ୍ୱନେତାମାନେ 'ଭାରତ ଇନୋଭେଟ୍ସ ପ୍ରଦର୍ଶନୀ' ପରିଦର୍ଶନ କରିବା ସହ ମିଳିତ ଫଟୋଗ୍ରାଫ୍ ଓ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସେହିପରି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଥିବା ସମସ୍ତ ବିଶ୍ୱନେତାଙ୍କ ସମ୍ମାନାର୍ଥେ ଏକ ଭୋଜିର ଆୟୋଜନ କରିବେ।

## ସମ୍ପର୍କ ଆଗକୁ ନେବା ଲାଗି ଭାରତ-ଇଥିଓପିଆ ପ୍ରତିବଦ୍ଧ

ନୂଆଦିଲ୍ଲୀ: ବ୍ରିକ୍ସ ସମ୍ମିଳନୀ ୨୦୨୬ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଇଥିଓପିଆନ ପ୍ରତିପକ୍ଷ ଆବି ଅହମ୍ମଦଙ୍କ ସହ ହାଇଦ୍ରାବାଦ ହାଉସରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଉଭୟ ଭାରତର ପ୍ରଧାନମନ୍ତ୍ରୀ ଓ ଇଥିଓପିଆ ପ୍ରଧାନମନ୍ତ୍ରୀଙ୍କ ଏକ ମିଳିତ ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ



ଦୁଇ ନେତା ପରସ୍ପର ସହ ହାତ ମିଳାଉଥିବା ଓ ଆଲିଙ୍ଗନ କରୁଥିବା ଦେଖାଯାଉଛି। ବୈଠକ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ବିଳମ୍ବିତ ହୋଇଥିଲା। ବୈଠକରେ ଦୁଇ ନେତା ଭାରତ-ଇଥିଓପିଆ ସମ୍ପର୍କ ଓ ସହଯୋଗକୁ ସୁଦୃଢ଼ କରିବାକୁ ସହମତ ହୋଇଛନ୍ତି। ଦୁଇ ଦେଶ ସେମାନଙ୍କ ଐତିହାସିକ ସମ୍ପର୍କକୁ ରଣନୈତିକ ସହଭାଗୀତାସ୍ତରକୁ ଉନ୍ନୀତ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

**ମାଲେସିଆ-ଭାରତ ମିଳିତ ପୁଞ୍ଜିନିବେଶ**

## ନିଜର ପ୍ରଶଂସା ଶୁଣି ହସିଲେ ମୋଦି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ତାଙ୍କ ବୈଶ୍ୱିକ ପ୍ରଭାବର ପ୍ରଶଂସା କରିଛନ୍ତି ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍। ବ୍ରିକ୍ସ ସମ୍ମିଳନୀ ଅବସରରେ ଭାରତ-ମାଲେସିଆ ମଧ୍ୟରେ ଦ୍ୱିପାକ୍ଷିକ କଥାବାର୍ତ୍ତା ସମୟରେ ଦୁଇ ନେତାଙ୍କ ମଧ୍ୟରେ ପାରସ୍ପରିକ ତାଳମେଳ ଓ ଉଷ୍ମତା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା। ମାଲେସିଆ ପ୍ରତିପକ୍ଷଙ୍କୁ ଭେଟିବା ପରେ ମୋଦି ତାଙ୍କ ମୁହଁରୁ ନିଜର ଲୋକପ୍ରିୟତା କଥା ଶୁଣି ଖୁବ୍ ହସିଥିଲେ। ଇବ୍ରାହିମ୍ ମୋଦିଙ୍କୁ ଭେଟିବା ପରେ କହିଥିଲେ, ଆପଣ ଏତେ ଲୋକପ୍ରିୟ ଯେ ଆପଣଙ୍କ ପାଖକୁ ବାର୍ତ୍ତା ପଠେଇବାକୁ ମୋତେ ମେସେଜ୍ ଆସିଛି। ଏହା ଶୁଣି ପ୍ରଧାନମନ୍ତ୍ରୀ ମୋଦୀ ନିଜ ହସ ରୋକିପାରି ନଥିଲେ। ଗଣମାଧ୍ୟମ ମଧ୍ୟ ଏପରି ବିରଳ ଦୃଶ୍ୟକୁ



ସେମାନଙ୍କ କ୍ୟାମେରାରେ ଧରି ରଖିଥିଲେ। ଦୁଇ ନେତା ଏହି ଅବସରରେ ଶକ୍ତି, ପ୍ରତିରକ୍ଷା, ବାଣିଜ୍ୟ ଓ ପୁଞ୍ଜି ନିବେଶ ପରି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ।

## ପୁଟିନଙ୍କ ବୁଲେଟ ପ୍ରୁଫ୍ କାର ଅରୁସ୍ ସେନାଟ୍

**● ସ୍ପେଶାଲ୍ କାର୍‌ରେ ଭାରତ ବୁଲିବେ ଜିନପିଙ୍ଗ**

୧୮ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କିନ୍ତୁ ତାଙ୍କ ଗସ୍ତ ଯେତିକି ଚର୍ଚ୍ଚାରେ ନାହିଁ, ତାଠାରୁ ଅଧିକ ଚର୍ଚ୍ଚାରେ ରହିଛି ତାଙ୍କର ସୁରକ୍ଷା ବ୍ୟବସ୍ଥା ଓ ଅତ୍ୟାଧୁନିକ ଆର୍ମର୍ଡ କାର୍ ବା ଅସ୍ତ୍ର ଖଚିତ କାର ଅରୁସ୍ ସେନାଟ୍। ସାଧାରଣତଃ କୌଣସି ଦେଶର ରାଷ୍ଟ୍ରମୁଖ୍ୟ ବିଦେଶ ଯାତ୍ରା କଲେ ଗନ୍ତବ୍ୟ ଦେଶରେ ସ୍ଥାନୀୟ ସରକାରୀ ଗାଡ଼ି ବ୍ୟବହାର କରନ୍ତି। ହେଲେ ପୁଟିନ୍ ଏ କ୍ଷେତ୍ରରେ ଅଲଗା। ପୁଟିନ ଯେଉଁ ଦେଶକୁ ଯାଆନ୍ତି, ନିଜର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସହ ନିଜର ଅସ୍ତ୍ର ଖଚିତ କାର୍କୁ ମଧ୍ୟ ସାଙ୍ଗରେ ନେଇଯାଆନ୍ତି। ସେହିଭଳି ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଆସିଛନ୍ତି। ତାଙ୍କର ସ୍ୱତନ୍ତ୍ର ସୁରକ୍ଷା କାର୍ ମଧ୍ୟ ଆକର୍ଷଣର କେନ୍ଦ୍ର ପାଲଟିଛି। ଭାରତ ଗସ୍ତ ସମୟରେ ସି ଜିନପିଙ୍ଗ ହଙ୍ଗଚି ଏନ-୭୦୧ ଲିମୋଜିନ୍ ବ୍ୟବହାର କରିବେ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ ଏନ-୭୦୧ ପ୍ରାୟ ୫.୫ ମିଟର ଲମ୍ବା ଏବଂ ଏହାର ଡିଜାଇନ୍ ହଙ୍ଗଚି ଏଲ-୫ ଲିମୋଜିନ୍ ସହ ସାମଞ୍ଜସ୍ୟ ରଖେ। କାର୍‌ଟିରେ ବୁଲେଟ୍‌ପ୍ରୁଫ୍ ଗ୍ଲାସ୍, ବୁଲେଟ୍‌ପ୍ରୁଫ୍ ଟାୟାର୍ ଏବଂ ମଜବୁତ ଆର୍ମର୍ ପ୍ଲେଟିଂ ଥିବା ଦାବି କରାଯାଏ। ଛୋଟ ବିସ୍ଫୋରଣ ଓ ରାସାୟନିକ ଆକ୍ରମଣରୁ ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା ଥିବା କଥା ମଧ୍ୟ କୁହାଯାଇଛି।



**ଜେଲର କଳାଦିନ କଥା କହିଲେ ଅଭିନେତ୍ରୀ**

## 'ତିହାର ଜେଲ୍‌ର ଚେକିଂ ଖୁବ୍ କଡ଼ା ଓ କଷ୍ଟକର'

ନୂଆଦିଲ୍ଲୀ,୧୨।୯: ତିହାର ଜେଲରେ ତାଙ୍କୁ ୨୭ଥର ଉଲଗ୍ନ ହେବାକୁ ପଡ଼ିଛି ବୋଲି ନିଜର ଜେଲରେ କଟିଥିବା କଳାଦିନ ସମ୍ପର୍କରେ କହିଛନ୍ତି ଅଭିନେତ୍ରୀ ସନ୍ଦୀପା ଭିର୍କ। ୬ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ସେ ସାଢ଼େ ଚାରି ମାସ ତିହାର ଜେଲ୍‌ରେ ରହିଥିଲେ। ଜେଲ୍ ଭିତରେ ସେ ସମ୍ମୁଖୀନ ହୋଇଥିବା ଅକଥନୀୟ ନିର୍ଯାତନା ଓ କଠିନ ପରିସ୍ଥିତି ସମ୍ପର୍କରେ ଏକ ସାକ୍ଷାତକାରରେ କହିଛନ୍ତି। ଏକ ଗଣମାଧ୍ୟମ ସାକ୍ଷାତକାରରେ ସନ୍ଦୀପା କହିଛନ୍ତି ଯେ, ତିହାର ଜେଲ୍



ଭିତରେ ଚେକିଂ ପ୍ରକ୍ରିୟା ଅତ୍ୟନ୍ତ କଡ଼ା ଓ କଷ୍ଟକର। ବାରମ୍ବାର ପୋଷାକ ଓହ୍ଲାଇବାକୁ ବାଧ୍ୟ କରାଯାଏ। ଅନେକ ସମୟରେ ନଗ୍ନ କରି ଶରୀର ଯାଞ୍ଚ କରାଯାଏ, ଯାହାକି କୌଣସି ନିର୍ଯାତନାଠାରୁ କମ୍ ନୁହେଁ। ଜେଲ୍ ଭିତରେ ଠିକ୍ ଭାବରେ ଖାଦ୍ୟ ମଧ୍ୟ ମିଳେ ନାହିଁ। ଦୁଇ ଚାମଚ ପନିପରିବା ଓ ପାଣି ପରି ଚା' ଦିଆଯାଏ। ଜେଲ୍‌ରୁ କୋର୍ଟ ଓ କୋର୍ଟରୁ ଜେଲ୍ ଯିବା ସମୟରେ କଡ଼ା ଚେକିଂ କରାଯାଏ। ପ୍ରତିଥର କୋର୍ଟ ଯିବା ପୂର୍ବରୁ ମହିଳା ପୁଲିସ କର୍ମଚାରୀମାନେ ଯାଞ୍ଚ କରନ୍ତି। ସନ୍ଦୀପା କହିଛନ୍ତି ଯେ, ପ୍ରତିଦିନ ୩ ଥର ପର୍ଯ୍ୟନ୍ତ ଚେକିଂ ସମୟରେ ପୋଷାକ ଖୋଲିବାକୁ ପଡ଼ିଥାଏ। ପ୍ରତି ୧୪ ଦିନରେ କୋର୍ଟକୁ ଯିବାକୁ ପଡୁଥିବାରୁ ସେ ମୋଟ ୨୭ ଥର ଏପରି ଅମାନୁଷିକ ଚେକିଂର ସମ୍ମୁଖୀନ ହୋଇଛନ୍ତି ଓ ପ୍ରତିଦିନ ଭିନ୍ନ ଭିନ୍ନ କର୍ମଚାରୀମାନେ ତାଙ୍କୁ ଏଭଳି ଅବସ୍ଥାରେ ଦେଖିଛନ୍ତି।

**'ତର୍କାରୀରେ ଦୁଇ ଚାମଚ ପରିବା, ନାସ୍ତାରେ ପାଣି ପରି ଚା'**



## ଆଜି ମହିଳା ଏସିଆ କପ୍ ଫାଇନାଲ୍

# ଶ୍ରୀଲଙ୍କା ବିପକ୍ଷରେ ବଦ୍‌ଲା ଲକ୍ଷ୍ୟରେ ଭାରତ

ଦୁବାଇ,୧୨।୯: ଚଳିତ ମହିଳା ଏସିଆ କପ୍‌ରେ ଆସନ୍ତାକାଲି ଖେଳାଯିବ ଫାଇନାଲ୍। ଏଥିରେ ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟଙ୍କ ମଧ୍ୟରେ ମୁକାବିଲା ହେବ। ଗତ ୨୦୨୪ ସଂସ୍କରଣରେ ଶ୍ରୀଲଙ୍କା ଭାରତକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିବା ବେଳେ ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତେବେ ଚଳିତ ସଂସ୍କରଣରେ ଭାରତ ଦମ୍ଦାର ପ୍ରଦର୍ଶନ ଆଗରେ ଶ୍ରୀଲଙ୍କା ଅପେକ୍ଷାକୃତ ଦୁର୍ବଳ ମନେହୁଏ। କାରଣ ଭାରତ ପ୍ରତିଯୋଗିତାରେ ଅପରାଜିତ ରହିଛି। ଖେଳିଥିବା ୪ଟି ମ୍ୟାଚ୍‌ରେ ଏକତରଫା ବିଜୟ ହାସଲ କରିଛି। କୌଣସି ପ୍ରତିପକ୍ଷ ଭାରତକୁ ନା ବୋଲିଂରେ ନା ବ୍ୟାଟିଂରେ ଟକ୍କର ଦେବାରେ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଖେଳିଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ପାକିସ୍ତାନକୁ ହରାଇଥିଲେ ମଧ୍ୟ ଏହା ସଂଘର୍ଷପୂର୍ଣ୍ଣ ଥିଲା। ତା'ଛଡ଼ା ଏସିଆ କପ୍ ଇତିହାସରେ ଭାରତର ପ୍ରଦର୍ଶନ ତୁଳନାରେ ଶ୍ରୀଲଙ୍କାର ପ୍ରଦର୍ଶନ ନଗଣ୍ୟ ରହିଛି। କାରଣ ଶ୍ରୀଲଙ୍କା ଥରଟିଏ ମାତ୍ର ଚାମ୍ପିଅନ୍ ହୋଇଥିବା ବେଳେ ଭାରତ ରେକର୍ଡ ୭ ଥର ଟାଇଟଲ୍ ହାତେଇବାରେ ସକ୍ଷମ ହୋଇଛି। ସେହିପରି ଦୁଇ ଦେଶର ଖେଳାଳିଙ୍କ ମଧ୍ୟରେ ଭାରତର ପ୍ରମୁଖ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଅଦ୍ୟାବଧି ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ବେଳେ ଶ୍ରୀଲଙ୍କା ମୁଖ୍ୟତଃ ଅଧିନାୟିକା ଚମାରି ଅଥାପଥ୍ଥୁଙ୍କ ଉପରେ ନିର୍ଭରଶୀଳ ରହିଆସିଛି। ତା'ଛଡ଼ା ଭାରତର ସ୍ମୃତି ମନ୍ଧାନା ଗୋଟିଏ ଶତକ ହାସଲ କରିସାରିଥିବା ବେଳେ ତାଙ୍କ ଓପନିଂ ଯୋଡ଼ିଦାର ଶେଫାଳୀ ବର୍ମା ମଧ୍ୟ ଭଲ ଫର୍ମରେ ଅଛନ୍ତି। ଏହାଛଡ଼ା ଭାରତ ଅଦ୍ୟାବଧି ଖେଳିଥିବା ପ୍ରତିଟି ଏସିଆ କପ୍ ସଂସ୍କରଣରେ ଫାଇନାଲ୍‌କୁ ଉଠିଛି। ତେଣୁ ଆଗାମୀକାଲିର ଫାଇନାଲ୍‌ରେ ଭାରତକୁ ଫେଭରିଟ୍ ବୋଲି ମନେ କରାଯାଉଛି। ଏପରି ହେଲେ ଭାରତ ଗତ ସଂସ୍କରଣରେ ବରଣ କରିଥିବା ପରାଜୟର ବଦଳା ନେଇପାରିବ।

● ବେଆଇନ ବନ୍ଧୁକ କାରଖାନା ଠାବ

## ୫ ଦେଶୀ ବନ୍ଧୁକ ସହ ୩ ଗିରଫ

ଭଞ୍ଜନଗର, ୧୨।୯ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ପୁଲିସ ଏକ ବେଆଇନ ଦେଶୀ ବନ୍ଧୁକ ନିର୍ମାଣ ୟୁନିଟ୍ ଉପରେ ଗତକାଲି ରାତିରେ ଚଢ଼ାଉ କରି ୫ଟି ଏସ୍‌ବିଏମ୍‌ଏଲ୍ (ସିଙ୍ଗଲ ବ୍ୟାରେଲ୍ ମଜଲ୍ ଲୋଡିଂ) ବନ୍ଧୁକ ସମେତ ବନ୍ଧୁକ ନିର୍ମାଣରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ଜବତ କରିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ ମଧ୍ୟ କରିଛି। ପୁଲିସ୍‌ଠାରୁ ମିଳିଥିବା ସୂଚନାନୁଯାୟୀ, ଗତକାଲି ରାତି ପ୍ରାୟ ୨ଟା ସମୟରେ ତାରସିଂ ଥାନା ଅନ୍ତର୍ଗତ ବଦାଙ୍ଗି-ଗୋପନାଗର ଛକ ଅଞ୍ଚଳରେ ବେଆଇନ ଭାବେ ଦେଶୀ ବନ୍ଧୁକ ତିଆରି ହେଉଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ତାରସିଂ ଥାନା ଓ ଗାଲେରୀ ପୁଲିସର ମିଳିତ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୁଲିସ ବିଲେଇଶାହି ଗ୍ରାମର ୩ ଜଣଙ୍କୁ ଗିରଫ କରିଥିଲା। ତଲାସି ବେଳେ ସେମାନଙ୍କ ନିକଟରୁ ୫ଟି ଦେଶୀ ଏସ୍‌ବିଏମ୍‌ଏଲ୍ ବନ୍ଧୁକ ଜବତ ହୋଇଥିଲା। ଏଥିସହ ଗୋପନାଗର ଛକ ହାଟରେ ଥିବା ସନ୍ଦିଗ୍ଧ ବନ୍ଧୁକ ନିର୍ମାଣସ୍ଥଳରୁ ଗୋଟିଏ ଗ୍ରାଇଣ୍ଡର୍, ୨ଟି ଡ୍ରିଲ୍ ମେସିନ୍, ୨ଟି ବ୍ଲୋଅର୍, ୨ଟି ଇଲେକ୍ଟ୍ରିକ୍ ପାଲୁ ମେସିନ୍, ଗୋଟିଏ ଇଲେକ୍ଟ୍ରିକ୍ କଟର, ଗୋଟିଏ ଟ୍ରିଗର ମେକାନିଜମ୍, ୪ଟି ହାମର୍, ୨ଟି ଭାଇସ୍ ପ୍ରେସ୍ ମେସିନ୍, ୨ଟି ହ୍ୟାଣ୍ଡ ପାଲୁ ମେସିନ୍, ୩ଟି ଚିମୁଟା, ୨ଟି ହଲୋ ରଡ୍, ୪ଟି ଫାଇଲ୍, ଗୋଟିଏ ମଜଲ୍ ବ୍ୟାରେଲ୍, ଗୋଟିଏ ମୋଟର, ଗୋଟିଏ ଆରି/କଟର ଏବଂ ଗୋଟିଏ ଶାର୍ପେନିଂ ଷ୍ଟୋନ୍ ଜବତ କରାଯାଇଛି। ଜବତ ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ରପାତିରୁ ଉକ୍ତ ସ୍ଥାନରେ ବିନାନୁମତିରେ ବନ୍ଧୁକ ନିର୍ମାଣ ହେଉଥିବାର ପ୍ରମାଣ ମିଳିଛି। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଏଠାରେ ବନ୍ଧୁକ ତିଆରି କରି ବେଆଇନ ଭାବେ ଗ୍ରାହକଙ୍କୁ ଯୋଗାଉଥିବା ନେଇ ସୂଚନା ଦେଇଥିବା ପୁଲିସ ପ୍ରକାଶ କରିଛି। ଏନେଇ ତାରସିଂ ଥାନାରେ କେସ୍ ନଂ.୩୩୭/୧୨.୦୯.୨୦୨୬ ରୁଜୁ ହୋଇଛି। ଆର୍ମସ୍ ଆକ୍ଟର ଧାରା ୨୫(୧)(ଏ), ୨୫(୧-ବି)(ଏ) ଓ ୨୫(୧-ବି)(ସି) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତାରସିଂ ଥାନା ଆଇଆଇସି ଶୁଭଲକ୍ଷ୍ମୀ ପୂଜାରୀଙ୍କ ତତ୍ତ୍ୱାବଧାନରେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ବେଆଇନ ବନ୍ଧୁକ ନିର୍ମାଣ, ବିକ୍ରି ଓ ଯୋଗାଣରେ ସମ୍ପୃକ୍ତ ନେଟୱାର୍କ ଓ ଅସ୍ତ୍ରଶସ୍ତ୍ର ପାଇଁ କଞ୍ଚାମାଲର ଉତ୍ସ ସମ୍ପର୍କରେ ପୁଲିସ ଅଧିକ ତଦନ୍ତ କରୁଛି।



## ୪ ଛାତ୍ରଙ୍କୁ ଟ୍ରାନ୍ସଫର ସାର୍ଟିଫିକେଟ୍

କୋଲକାତା, ୧୨।୯ (ସଂଚାର ବ୍ୟୁରୋ): ଜଲପାଇଗୁଡ଼ି ଜିଲ୍ଲାସ୍କୁଲର ପ୍ରଧାନଶିକ୍ଷକଙ୍କ ଉପରେ ଆକ୍ରମଣ ଘଟଣାରେ ଚାରିଜଣ ଛାତ୍ରଙ୍କୁ 'ଟ୍ରାନ୍ସଫର ସାର୍ଟିଫିକେଟ୍' (ଟିସି) ପ୍ରଦାନ କରାଯାଇଛି। ବର୍ତ୍ତମାନ ସେହି ଚାରିଜଣ ଛାତ୍ରଙ୍କୁ ଅଟକ ରଖାଯାଇଛି। ଶନିବାର ଦିନ ସେମାନଙ୍କୁ କିଶୋର ଅଦାଲତରେ ହାଜର କରାଯାଇଥିଲା। ଆକ୍ରମଣର ଶିକାର ହୋଇଥିବା ପ୍ରଧାନଶିକ୍ଷକ ଧର୍ମା ଚାନ୍ଦ ବାରୋଇ ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ।

## ତାରାପୀଠରୁ ହୁଗୁଳି ଓ ବ୍ୟାଣ୍ଡେଲ ଗ୍ୟାଙ୍ଗର ଦୁର୍ବୃତ୍ତ ଗିରଫ

କୋଲକାତା, ୧୨।୯(ସଂଚାର ବ୍ୟୁରୋ): ତାରାପୀଠରେ ହୁଗୁଳି ଓ ବ୍ୟାଣ୍ଡେଲ ଅଞ୍ଚଳର ବିଭିନ୍ନ ଗ୍ୟାଙ୍ଗର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ୧୫ ଜଣ ବ୍ୟକ୍ତିଙ୍କ ନିକଟରୁ ଚୋରି ହୋଇଥିବା ସୁନା, ମନି ପର୍ସ ଓ ମୋବାଇଲ ଫୋନ୍ ଜବତ କରାଯାଇଛି। କୌଶୀକି ଅମାବାସ୍ୟା ଅବସରରେ ତାରାପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ସେହି ସମୟରେ ଚୋରି ଓ ଛଡ଼ାଇ ନେବା ଭଳି ଘଟଣା ଘଟାଇଥିବା ନେଇ ଉକ୍ତ ଗୋଷ୍ଠୀ ବିରୁଦ୍ଧରେ ଅଭିଯୋଗ ରହିଛି।

## ମଦ ପ୍ରସ୍ତୁତି କଞ୍ଚାମାଲ ଜବତ, ଜଣେ ଗିରଫ

କୋଲକାତା, ୧୨।୯(ସଂଚାର ବ୍ୟୁରୋ): ବାଙ୍କୁଡ଼ାରେ ବେଆଇନ ମଦ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ବହୁ ପରିମାଣର କଞ୍ଚାମାଲ ଜବତ କରାଯାଇଛି। ଏକ ଗୁପ୍ତ ସୂଚନା ଆଧାରରେ, ଅବକାରୀ ବିଭାଗ ଶୁକ୍ରବାର ରାତିରେ ଡୁମୁରଜୁରି ଗ୍ରାମରେ ଏକ ସ୍ୱତନ୍ତ୍ର ଚଢ଼ଉ କରିଥିଲା। ଏହି ଅଭିଯାନ ସମୟରେ, ଏକ ଗାଡ଼ିରୁ ୮୦ ଟିଣ ଗୁଡ଼, ୧୦ କିଲୋଗ୍ରାମ 'ବଖର' (ମଦ ଗଜାଇବା ପାଇଁ ବ୍ୟବହୃତ ସାମଗ୍ରୀ) ଏବଂ ବହୁ ପରିମାଣର ଇଷ୍ଟ ଜବତ କରାଯାଇଥିଲା। ଗାଡ଼ି ଚାଳକଙ୍କୁ ଗିରଫ କରାଯାଇଛି ଏବଂ ପୁଲିସ ଏହି

## ୧୨ ଗାଁରେ ମହିଳାଙ୍କ ମଦବିରୋଧୀ ଆନ୍ଦୋଳନ

ଥାନାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ



ଝରିଗାଁ,୧୨।୯(ସଂଚାର ବ୍ୟୁରୋ): ମଦ ବିରୋଧରେ ମହିଳାଙ୍କ ମହାମେଳି। ବେଆଇନ ମଦ ରନ୍ଧା ଓ ବିକ୍ରି ବନ୍ଦ ପାଇଁ ଏକାଠି ହେଲେ ୧୨ଟି ଗ୍ରାମର ମହିଳା। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ପାଲିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏବେ ବେଆଇନ ଭାବେ ଦେଶୀ ମଦ ରନ୍ଧା ସହ ବିକ୍ରି ଚାଲିଛି। ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏନେଇ ଅଞ୍ଚଳର ମହିଳାମାନେ ଅତିଷ୍ଠ ହୋଇ ମଦ ବିକ୍ରି ବନ୍ଦ କରିବାକୁ ଆଗକୁ ଆସିଲେଣି। ଏହି ବ୍ଲକ ଆଦିବାସୀବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରାୟତଃ ସବୁ ଗାଁରେ ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି ହେଉଛି। ନାବାଳକଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକେ ମଦ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବେଳେ ବହୁ ଧନଜୀବନ ନଷ୍ଟ ହୋଇଛି। ମଦ ଯୋଗୁଁ ଅନେକ ପରିବାର ବେସାହାରା ହୋଇପଡ଼ିଛନ୍ତି। ଅନେକ ସମୟରେ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହ ଅଶାନ୍ତି ଦେଖାଦେଇଛି। ଏଣୁ ମଦ ବନ୍ଦ କରିବା ପାଇଁ ମହିଳାମାନେ ଏକତ୍ରିତ ହୋଇ ଅଣ୍ଟା ଭିଡ଼ିଛନ୍ତି। ପଞ୍ଚାୟତର ପାଲିଆ, ଟିପାଗୁଡ଼ା, ଆମ୍ଲିଝରି, ଚେଷ୍ଟିଆମଣ୍ଡା, ସଲାଗୁଡ଼ା, ପଲୁଗୁଡା, କୋକଡାକନାଡ଼ି, ବାସୁଦେବଗଡ଼ା, ପୂଜାରୀଗୁଡ଼ା, କନ୍ଦଗୁଡ଼ା, ମୋତିବନ୍ଧଗୁଡ଼ା ଓ ସତିଘାଟଗୁଡ଼ା ଆଦି ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ ଶତାଧିକ ମହିଳା ଆଜି ଅପରାହ୍ଣ ପ୍ରାୟ ୩ଟାରେ ଝରିଗାଁ ଥାନାକୁ ଆସି ଥାନାଧିକାରୀ ରଚିତା ମାଡକାମୀଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଆଇନକୁ ହାତକୁ ନ ନେଇ ପୁଲିସକୁ ସହଯୋଗ କଲେ ବେଆଇନ ମଦ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ମହିଳାମାନଙ୍କୁ ପରାମର୍ଶ ଦେଇଛନ୍ତି।

## ୭ ପଦକ ଓ ୩ ରେକର୍ଡ ପାଇଁ ଆଦ୍ୱିକାଙ୍କୁ ସମ୍ବର୍ଦ୍ଧନା

■ ଆଦ୍ୱିକାଙ୍କୁ ୧ ଲକ୍ଷ ଟଙ୍କା ସହ ସ୍କୁଲ ଫି' ଛାଡ଼

■ ଘୋଷଣା କଲେ ଡିଏନ ଗ୍ରୁପ୍ ଅଧ୍ୟକ୍ଷ




ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ବ୍ୟାଙ୍କକ୍‌ରେ ଅନୁଷ୍ଠିତ ସନ୍ତରଣ ପ୍ରତିଯୋଗିତାରେ ଅସାଧାରଣ ସଫଳତା ହାସଲ କରିଥିବା ଡିଏନ୍ ୱିସଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ୍‌ର ତୃତୀୟ ଶ୍ରେଣୀ ଛାତ୍ରୀ ତଥା ଉଦୀୟମାନ ସନ୍ତରଣ ତାରକା ଆଦ୍ୱିକା ଉତ୍କଳଙ୍କୁ ସ୍କୁଲ୍ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି।

ଆଦ୍ୱିକାଙ୍କ ଏହି ଐତିହାସିକ ସଫଳତାକୁ ସମ୍ମାନ ଜଣାଇ ସ୍କୁଲ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଏନ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ଡିଏନ୍ ୱିଜଡମ୍ ଟ୍ରି ଗ୍ଲୋବାଲ୍ ସ୍କୁଲ୍‌ର ଚେୟାରମ୍ୟାନ୍ ଜଗଦୀଶ ପ୍ରସାଦ ନାୟକ ଆଦ୍ୱିକାଙ୍କୁ ୧ ଲକ୍ଷ ଟଙ୍କାର ଚେକ୍, ଏକ ଶିଲ୍ଡ ଓ ପ୍ଲାକ୍ ପ୍ରଦାନ କରି ସମ୍ମାନିତ କରିଥିଲେ। ଏଥିସହ ଆଦ୍ୱିକାଙ୍କ ପ୍ରତିଭା ଓ କ୍ରୀଡ଼ା କ୍ଷେତ୍ରରେ ତାଙ୍କ ଅବଦାନକୁ ଉତ୍ସାହିତ କରିବା ପାଇଁ ସେ ଏକ ବଡ଼ ଘୋଷଣା କରିଥିଲେ। ଆଦ୍ୱିକା ଯେତେଦିନ ପର୍ଯ୍ୟନ୍ତ ଏହି ସ୍କୁଲ୍‌ରେ ଅଧ୍ୟୟନ କରିବେ, ସେତେଦିନ ପର୍ଯ୍ୟନ୍ତ ପ୍ରତିବର୍ଷ ତାଙ୍କର ସମ୍ପୂର୍ଣ୍ଣ ସ୍କୁଲ୍ ଫି' ଛାଡ଼ କରାଯିବ ବୋଲି ଶ୍ରୀ ନାୟକ ଘୋଷଣା କରିଥିଲେ। ଭବିଷ୍ୟତରେ ଆଦ୍ୱିକାଙ୍କ କ୍ରୀଡ଼ା କ୍ୟାରିୟର ପାଇଁ ମଧ୍ୟ ସ୍କୁଲ୍ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଆଦ୍ୱିକାଙ୍କ ଏହି ସଫଳତା ତାଙ୍କ କଠିନ ପରିଶ୍ରମ, ନିୟମିତ ପ୍ରଶିକ୍ଷଣ ଓ ଦୃଢ଼ ମନୋବଳର ଫଳ ବୋଲି ଡିଏନ୍ ଗ୍ରୁପ୍ ଅଧ୍ୟକ୍ଷ କହିବା ସହ ଏହି ସଫଳତା ସମଗ୍ର ସ୍କୁଲ୍ ସମୁଦାୟକୁ ପ୍ରେରଣା ଦେଇଛି ବୋଲି କହିଥିଲେ।

ସମ୍ବର୍ଦ୍ଧନା ସମାରୋହରେ ଆଦ୍ୱିକାଙ୍କ ମା' ଗାୟତ୍ରୀ ତ୍ରିପାଠୀ ସ୍କୁଲ୍ ପକ୍ଷରୁ ଦିଆଯାଇଥିବା ସମ୍ମାନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଆଦ୍ୱିକାଙ୍କ ସଫଳତା ପଛରେ ଥିବା ତାଙ୍କ ମେଣ୍ଟର୍, ଶିକ୍ଷକ ଓ ସ୍କୁଲ୍‌ର ସହଯୋଗକୁ ସେ ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ନିଜ ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହ ସ୍କୁଲ୍‌ର ଛାତ୍ରୀ ହୋଇଥିବାରୁ ଗର୍ବିତ ବୋଲି କହିଥିଲେ ଆଦ୍ୱିକା। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବା ଓ ରେକର୍ଡ ଭାଙ୍ଗିବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ସେ କହିଥିଲେ। ମାତ୍ର ୮ ବର୍ଷ ବୟସରେ ଆଦ୍ୱିକା ବ୍ୟାଙ୍କକ୍‌ର ଅନ୍ତର୍ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ପଦକ ଜିତିବା ସହ ୩ଟି ନୂଆ ଚାମ୍ପିୟନଶିପ୍ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତା ଓଡ଼ିଶା ସମେତ ଦେଶର କ୍ରୀଡ଼ା ମହଲରେ ଗର୍ବର ବିଷୟ ପାଲଟିଛି।

## ମଧ୍ୟପ୍ରାଚ୍ୟରେ 'ଆଞ୍ଚଳିକ ପୁଲିସ୍'ର ଆବଶ୍ୟକତା ନାହିଁ: ପେଜେସ୍କିଆନ୍

ନୂଆଦିଲ୍ଲୀ,୧୨।୯: ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାକୁ ନୂଆଦିଲ୍ଲୀ ଆସିଥିବା ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ବିଶ୍ୱ ମଞ୍ଚରେ ଆମେରିକାକୁ ତୀବ୍ର ସମାଲୋଚନା କରିଛନ୍ତି। ମଧ୍ୟପ୍ରାଚ୍ୟରେ ଆମେରିକାକୁ ଆଞ୍ଚଳିକ ପୁଲିସ୍ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ପେଜେସ୍କିଆନ୍ ସ୍ପଷ୍ଟ ଶବ୍ଦରେ କହିଛନ୍ତି। ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ପାଇଁ ଦୁଇ ଦେଶ ମଧ୍ୟରେ ତୀବ୍ର ଯୁଦ୍ଧ ଲାଗିଥିବାବେଳେ ଇରାନ ରାଷ୍ଟ୍ରପତି ଏହା କହିଛନ୍ତି। ମଧ୍ୟପ୍ରାଚ୍ୟରେ ଆଞ୍ଚଳିକ ଅଖଣ୍ଡତା ଓ ସୁରକ୍ଷା ଗ୍ୟାରେଣ୍ଟି କେବଳ ଏହି ଅଞ୍ଚଳରେ ଥିବା ମୁଖ୍ୟ ଦେଶମାନଙ୍କ ଦ୍ୱାରା ଦିଆଯାଇପାରିବ ବୋଲି ଇରାନ ରାଷ୍ଟ୍ରପତି କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃଆରି ୨୮ରୁ ଇରାନ-ଆମେରିକା ମଧ୍ୟରେ ଯୁଦ୍ଧ ଲାଗି ରହିଛି। ଆମେରିକା-ଇସ୍ରାଏଲ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ହୋଇଥିଲା। ଜବାବରେ ଇରାନ ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ସୈନ୍ୟ ଆଡ୍ଡା ଉପରେ ଆକ୍ରମଣ କରିବା ସହିତ ହର୍ମୁଜ ପ୍ରଣାଳୀ ବନ୍ଦ ରଖିଛି। ସେବେଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ବନ୍ଦ ରହିଛି।

## ଅଟୋ-ଟ୍ରାକ୍ଟର ଧକ୍କା: ଜଣେ ମୃତ, ୪ ଆହତ

କୋଲକାତା, ୧୨।୯(ସଂଚାର ବ୍ୟୁରୋ): ଶନିବାର ସକାଳେ କାଲନା-ବର୍ଦ୍ଧମାନ ରାସ୍ତାର ସାରଗଡ଼ିଆ କ୍ରସିଂ ନିକଟରେ ଏକ ଅଟୋ ଓ ଟ୍ରାକ୍ଟର ମଧ୍ୟରେ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଚାରିଜଣ ଆହତ ହୋଇଛନ୍ତି। ମୃତକଙ୍କୁ ଦୀପ ପ୍ରାମାଣିକ (୨୬) ଭାବେ ଚିହ୍ନଟ କରାଯାଇଛି। ଆହତଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଅଛନ୍ତି। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଶନିବାର ସକାଳ ପ୍ରାୟ ୮ଟା ସମୟରେ ୭ରୁ ୮ ଜଣ ଯାତ୍ରୀଙ୍କୁ ନେଇ ଏକ ଅଟୋ ଇସଲାମପୁରରୁ ଧାତ୍ରିଗ୍ରାମ ଅଭିମୁଖେ ଯାଉଥିଲା। ସାରଗଡ଼ିଆ କ୍ରସିଂ ନିକଟରେ ଅଟୋଟି ଏକ ଟ୍ରାକ୍ଟର ସହ ଧକ୍କା ହୋଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଯାତ୍ରୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଡାକ୍ତର ଦୀପ ପ୍ରାମାଣିକଙ୍କୁ ମୃତ ଘୋଷଣା କରିଥିଲେ।

## ଶୁଭେନ୍ଦୁଙ୍କ ଟାର୍ଗେଟରେ ସିପିଏମ୍-ତୃଣମୂଳ

କୋଲକାତା, ୧୨।୯ (ସଂଚାର ବ୍ୟୁରୋ): ଦମ୍‌ଦମ୍‌ରେ ଗଣେଶ ପୂଜାର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସିପିଏମ୍ ଓ ତୃଣମୂଳକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ସିପିଏମ୍‌ର ୩୪ ବର୍ଷିଆ ଶାସନ କାଳରେ 'ସନାତନ' ସଂସ୍କୃତିର ପରମ୍ପରାକୁ ବଜାୟ ରଖାଯାଇନଥିଲା। ଅନ୍ୟପକ୍ଷରେ ତୃଣମୂଳ ଶାସନର ୧୫ ବର୍ଷ ମଧ୍ୟରେ ବଙ୍ଗଳାକୁ 'ଜମାତ୍-କରଣ' କରିବାକୁ ଉଦ୍ୟମ କରାଯାଇଥିଲା। ବାମପନ୍ଥୀ ଦଳକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଥିଲେ, ସେମାନଙ୍କ ଷ୍ଟଲ୍‌ରେ ଆପଣ ବିବେକାନନ୍ଦଙ୍କ ପୁସ୍ତକ ପାଇବେ ନାହିଁ। କେବଳ ମାର୍କ୍ସ ଓ ଲେନିନ୍‌ଙ୍କ ପୁସ୍ତକ ହିଁ ଦେଖିବାକୁ ପାଇବେ।

## ମାଲ୍ୟାଙ୍କ ବିରୋଧରେ ମାମଲା ଚାଲିବ: ଇଡି



ମୁମ୍ବାଇ, ୧୨।୯: ବ୍ୟାଙ୍କଗୁଡ଼ିକ ଋଣ ଟଙ୍କାର ବଡ଼ ଅଂଶ ଆଦାୟ କରିନେଇଥିଲେ ମଧ୍ୟ ବିଜୟ ମାଲ୍ୟାଙ୍କ ବିରୋଧରେ ଚାଲିଥିବା ମନି ଲଣ୍ଡରିଂ ମାମଲା ବନ୍ଦ ହେବ ନାହିଁ ବୋଲି ବମ୍ବେ ହାଇକୋର୍ଟଙ୍କୁ କହିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ମାଲ୍ୟାଙ୍କ ସମ୍ପତ୍ତିରୁ ବ୍ୟାଙ୍କଗୁଡ଼ିକ ଟଙ୍କା ଆଦାୟ କରିସାରିଥିବାରୁ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ବନ୍ଦ କରାଯାଉ ବୋଲି ମଲ୍ୟା କରିଥିବା ଆବେଦନର ବିରୋଧ କରି ଇଡି ଏହି ମତ ରଖିଛି। ସେପ୍ଟେମ୍ବର ୮ରେ ଦାଖଲ କରିଥିବା ସତ୍ୟପାଠରେ ଇଡି କହିଛି, ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମ୍‌କୁ ପ୍ରାୟ ୧୪,୧୩୧.୬ କୋଟି ଟଙ୍କାର ସମ୍ପତ୍ତି ହସ୍ତାନ୍ତର କରାଯାଇଛି। ତେବେ ସମ୍ପତ୍ତି ଫେରସ୍ତ କିମ୍ବା ଋଣ ଆଦାୟ ହେବା ଦ୍ୱାରା ମନି ଲଣ୍ଡରିଂ ମାମଲା ଆପେଆପେ ଶେଷ ହୁଏ ନାହିଁ। ଋଣ ଆଦାୟ ଏକ ଆର୍ଥିକ ପ୍ରକ୍ରିୟା ହୋଇଥିବା ବେଳେ ଅପରାଧିକ ମାମଲା ଅଲଗା ବୋଲି ଇଡି ଦର୍ଶାଇଛି।

## ୟୁକ୍ରେନରେ ୟୁରୋପୀୟ ସେନା ମୁତୟନକୁ ଯୁଦ୍ଧ ବିବେଚନା କରାଯିବ



ନୂଆଦିଲ୍ଲୀ, ୧୨।୯: ୟୁକ୍ରେନ୍‌କୁ ସେନା ପଠାଇବା ନେଇ ଚାଲିଥିବା ଆଲୋଚନା ଉପରେ ୟୁରୋପୀୟ ଦେଶଗୁଡ଼ିକୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କଡ଼ା ଚେତାବନୀ ଦେଇଛନ୍ତି। ୟୁକ୍ରେନ ଭୂଖଣ୍ଡରେ କୌଣସି ବିଦେଶୀ ସେନା ମୁତୟନ ହେଲେ ତାହା ସିଧାସଳଖ ରୁଷ୍ ସହ ଯୁଦ୍ଧ ବୋଲି ବିବେଚନା କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ପୁଟିନ କହିଛନ୍ତି ଯେ ମସ୍କୋ ୟୁରୋପ ପାଇଁ କୌଣସି ବିପଦ ସୃଷ୍ଟି କରୁନାହିଁ। ରୁଷ୍‌ର ୟୁରୋପୀୟ ଦେଶଗୁଡ଼ିକ ସହ ବିବାଦରେ ଛନ୍ଦି ହେବାର କୌଣସି କାରଣ ନାହିଁ ଏବଂ ସେମାନଙ୍କୁ ଧମକ ଦେବାର ଆବଶ୍ୟକତା ମଧ୍ୟ ନାହିଁ। ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କିତ ସମସ୍ତ ବିଷୟର ସମାଧାନ ହୋଇସାରିଛି। ସୋଭିଏତ୍ ୟୁନିଅନ୍‌ର ପତନ ପରବର୍ତ୍ତୀ ସମସ୍ତ ଘଟଣାବଳୀ ରୁଷ୍‌ର ସମ୍ମତିକ୍ରମେ ସଂଘଟିତ ହୋଇଥିଲା। ଏହି ଚୁକ୍ତିନାମା ବିରୋଧୀ କୌଣସି ବି ପଦକ୍ଷେପ ରୁଷ୍‌ର ସ୍ୱାର୍ଥ, ଅନ୍ତର୍ଜାତୀୟ ଆଇନର ମୂଳ ନୀତି ଏବଂ ଜାତିସଂଘ ନୀତିର ବିରୋଧୀ ଅଟେ। ୟୁକ୍ରେନରେ ସେନା ମୁତୟନ ପାଇଁ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ଚାଲିଥିବା ଚର୍ଚ୍ଚା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ସେ ଏହି ବକ୍ତବ୍ୟ ରଖିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନ୍ତର୍ଜାତୀୟ ମଞ୍ଚରେ...

ବ୍ରିକ୍ସ ପକ୍ଷରୁ ସମସ୍ତ ପ୍ରକାର ଆତଙ୍କବାଦକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିରେ ସୀମାପାର ଆତଙ୍କବାଦ, ଆତଙ୍କବାଦୀ ପାଣ୍ଠି ଯୋଗାଣ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳୀ ପ୍ରସଙ୍ଗ ସ୍ଥାନ ପାଇବା ସହ ଏପ୍ରିଲ ୨୨, ୨୦୨୫ରେ ଜମ୍ମୁ-କଶ୍ମୀରରେ ଘଟିଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କରାଯାଇଛି। ପାରସ୍ପରିକ ସମ୍ମାନ, ସାର୍ବଭୌମ ସମାନତା, ଏକତା ଏବଂ ସର୍ବସମ୍ମତି ଭିତ୍ତିରେ କାର୍ଯ୍ୟ କରିବାକୁ ଗୋଷ୍ଠୀ ପ୍ରତିଶ୍ରୁତିବଦ୍ଧ ରହିଛି। ରାଜନୈତିକ-ନିରାପତ୍ତା, ଆର୍ଥିକ-ମାନଦଣ୍ଡ ଓ ସାଂସ୍କୃତିକ-ଜନସାଧାରଣ ସମ୍ପର୍କ-ଏହି ତିନୋଟି ମୁଖ୍ୟ ସ୍ତମ୍ଭରେ ସହଯୋଗକୁ ଆହୁରି ମଜବୁତ କରିବାକୁ ବ୍ରିକ୍ସ ନେତାମାନେ ସହମତ ହୋଇଛନ୍ତି। ବିବାଦଗୁଡ଼ିକୁ ଆଲୋଚନା, ପରାମର୍ଶ ଓ କୂଟନୈତିକ ଜରିଆରେ ସମାଧାନ କରିବା ସହ ଦ୍ୱନ୍ଦ୍ୱର ମୂଳ କାରଣଗୁଡ଼ିକୁ ଦୂର କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଗାଜାରେ ଯୁଦ୍ଧବିରତି ବଜାୟ ରଖିବା, ବାଧାମୁକ୍ତ ଭାବେ ମାନବୀୟ ସହାୟତା ପହଞ୍ଚାଇବାକୁ ସମର୍ଥନ କରାଯାଇଛି। ମାଦକଦ୍ରବ୍ୟ ସମ୍ବନ୍ଧୀୟ ଅପରାଧ, ଅସ୍ତ୍ରଶସ୍ତ୍ର ଚାଲାଣ, ଆତଙ୍କବାଦୀ ପାଣ୍ଠି ଯୋଗାଣ ଏବଂ ସଂଗଠିତ ଅପରାଧରୁ ସୃଷ୍ଟି ହେଉଥିବା ବେଆଇନ ଆର୍ଥିକ ପ୍ରବାହ ନେଇ ବ୍ରିକ୍ସ ଗଭୀର ଚିନ୍ତା ପ୍ରକାଶ କରିଛି। ଅପରାଧରୁ ମିଳୁଥିବା ଅର୍ଥକୁ ଠାବ କରିବା ଏବଂ ଏହାର ମୁକାବିଲା ପାଇଁ ଦୃଢ଼ ସୀମାପାର ସହଯୋଗ ଆବଶ୍ୟକ ବୋଲି କୁହାଯାଇଛି। ଏକପାଖିଆ ଟାରିଫ୍ ଓ ଅଣ-ଟାରିଫ୍ ପଦକ୍ଷେପଗୁଡ଼ିକ ବିଶ୍ୱ ବାଣିଜ୍ୟକୁ ବାଧାପ୍ରାପ୍ତ କରୁଥିବା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ନଷ୍ଟ କରୁଥିବାରୁ ଏହା ଉପରେ ଗମ୍ଭୀର ଚିନ୍ତା ପ୍ରକାଶ ପାଇଛି।

### ବ୍ରିକ୍ସ ସମ୍ମିଳନୀରେ...

ପତ୍ତନରୁ ପ୍ରାୟ ୯୨୦ରୁ ୯୫୦ ମିଟର ଉଚ୍ଚତାରେ ୧୦୦ ପ୍ରତିଶତ ଆରବିକା କଫି ଚାଷ କରାଯାଇଥାଏ। ଆମ୍ବ, ପଣସ ଓ କମଳା ଜାତୀୟ ଗଛର ପ୍ରାକୃତିକ ଛାଇ ତଳେ କଫି ବଗିଚା ସୃଷ୍ଟି କରାଯାଏ। କଫି ଫଳଗୁଡ଼ିକ ପାଚିବା ପରେ ହାତରେ ତୋଳାଯାଇ ସାବଧାନତାର ସହ ପ୍ରକ୍ରିୟାକରଣ କରାଯାଏ, ଯାହା କୋରାପୁଟ କଫିର ସ୍ୱାଦ ଓ ଗୁଣବତ୍ତାକୁ ବଜାୟ ରଖେ। ଓଡ଼ିଶା ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମର ସମ୍ପୂର୍ଣ୍ଣ ସହଯୋଗରେ କିଣିବା, ଶୁଖାଇବା, ଗ୍ରେଡିଂ, ପ୍ରକ୍ରିୟାକରଣ ଓ ମାର୍କେଟିଂ ପ୍ରକ୍ରିୟା ଶେଷ ହେବା ପରେ ଏହା ଗ୍ରାହକଙ୍କ ପାଖରେ ପହଞ୍ଚିଥାଏ। ୧୧ ସେପ୍ଟେମ୍ବର ୨୦୧୯ରେ 'କୋରାପୁଟ କଫି' ବ୍ରାଣ୍ଡର ଶୁଭାରମ୍ଭ ହୋଇଥିଲା। ଆଦିବାସୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ କଫି ପାଇଁ ଏକ ସୁବ୍ୟବସ୍ଥିତ ବଜାର ସୃଷ୍ଟି କରିବା ଓ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯାହାଦ୍ୱାରା ଆର୍ଥିକ ଲାଭର ଏକ ବଡ଼ ଅଂଶ ଚାଷୀଙ୍କ ପାଖରେ ପହଞ୍ଚିପାରିବ। ବିଗତ ବର୍ଷଗୁଡ଼ିକରେ ଉତ୍ପାଦନ, କ୍ରୟ, ପ୍ରକ୍ରିୟାକରଣ, ବ୍ରାଣ୍ଡିଂ ଓ ଖୁଚୁରା ବିକ୍ରିର ସମ୍ପ୍ରସାରଣ ସହ ଏହା ଏକ ବିଶାଳ କଫି ଇକୋସିଷ୍ଟମ୍‌ରେ ପରିଣତ ହୋଇଛି। 'ଟାଇଗର ବ୍ରାଇଟ୍' କଫିପ୍ରେମୀଙ୍କ ମଧ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ପ୍ରିମିୟମ ଆରବିକା ବ୍ଲେଣ୍ଡରେ ଅରେଞ୍ଜ, ଲେମନ୍ ଓ ସ୍ୱିଟ୍ ଲାଇମ୍ ଫ୍ଲେଭର୍ ସହ କାରାମେଲ, ଚୋକୋଲେଟ୍ ଓ କୋକୋଆ ସ୍ୱାଦ ଭରି ରହିଛି। ପ୍ରାକୃତିକ ଛାଇରେ ବଢୁଥିବା ଓ ସ୍ୱଚ୍ଛତା ମାନଦଣ୍ଡ ସହ ପ୍ରକ୍ରିୟାକୃତ ଏହି କଫିକୁ ପାରମ୍ପରିକ ଭାବେ କାଠ ଖଟ ଉପରେ ରଖି ଖରାରେ ଶୁଖାଯାଏ। ଲାଇଟ୍, ମିଡିୟମ୍ ଓ ଡାର୍କ ରୋଷ୍ଟର ସନ୍ତୁଳିତ ମିଶ୍ରଣ 'ଟାଇଗର ବ୍ରାଇଟ୍'କୁ ଏକ ସ୍ୱତନ୍ତ୍ର ସ୍ୱାଦ ପ୍ରଦାନ କରେ। ଏହି କଫିର ପ୍ରସିଦ୍ଧି ଜାତୀୟ ସ୍ତରରେ ମଧ୍ୟ ସ୍ୱୀକୃତି ପାଇଛି। କୋରାପୁଟ କଫି ଦୁଇ ଥର 'ଫାଇନ୍ କପ୍ ଆୱାର୍ଡ' ଜିତିବା ସହ କଫି ବୋର୍ଡର 'ଫ୍ଲେଭର ଅଫ୍ ଇଣ୍ଡିଆ ଫାଇନ୍ କପ୍ ୨୦୨୪'ରେ ଚତୁର୍ଥ ସ୍ଥାନ ହାସଲ କରିଛି। ଏହି ସଫଳତା କୋରାପୁଟକୁ ଏକ ନୂତନ କଫି-ଉତ୍ପାଦନକାରୀ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବାରେ ସାହାଯ୍ୟ କରିଛି। ବ୍ରିକ୍ସ ସମ୍ମିଳନୀରେ 'ଟାଇଗର ବ୍ରାଇଟ୍'ର ଉପସ୍ଥିତି ଏକ ବିଶେଷ ଗୁରୁତ୍ୱ ବହନ କରୁଛି। ଏହି ସମ୍ମିଳନୀରେ ଉଦୀୟମାନ ଅର୍ଥ ବ୍ୟବସ୍ଥାର ନେତା, ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଏକାଠି ହୋଇଛନ୍ତି, ଯାହା ବିଶ୍ୱ ଦରବାରରେ ଭାରତର ବିବିଧ ଅର୍ଥନୈତିକ ଓ ସାଂସ୍କୃତିକ ଐତିହ୍ୟକୁ ଉପସ୍ଥାପନ କରିବା ପାଇଁ ଏକ ବଡ଼ ମଞ୍ଚ ପ୍ରଦାନ କରିଛି।

### ଲଗାଣ ବର୍ଷାରେ...

ଖାଦ୍ୟର ବ୍ୟବସ୍ଥା କରାଯାଇଛି। ସେହିପରି ମାଲକାନଗିରି ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବନ୍ୟା ସ୍ଥିତି ଏବଂ ସରକାରୀ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ସହ କଥା ହୋଇଛନ୍ତି। ଜିଲ୍ଲାର ୪ଟି ରାସ୍ତା ଉପରେ ଏବେ ପାଣି ଚାଲିଛି। ସୁରକ୍ଷା ଦୃଷ୍ଟିରୁ ଏହି ରାସ୍ତାରେ ଯାତାୟାତକୁ ବନ୍ଦ ରଖାଯାଇଛି। ସେଠାରେ ଅଟକି ରହିଥିବା ଡ୍ରାଇଭରମାନଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ଟିମ୍ ମଧ୍ୟ ସଜାଗ ଥିବା ମନ୍ତ୍ରୀଙ୍କୁ ଜଣାଇଛନ୍ତି ଜିଲ୍ଲାପାଳ। ପାଣି ଜମିଥିବା ୪ଟି ରାସ୍ତାକୁ ଉଚ୍ଚ କରିବା ପାଇଁ ଗତ ବର୍ଷ ରାଜସ୍ୱ ବିଭାଗ ଅର୍ଥ ମଞ୍ଜୁର କରିଛି। ଆସନ୍ତା ମୌସୁମୀରେ ମାଲକାନଗିରିରେ ଏହି ସମସ୍ୟା ରହିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ମାଡ଼ି ଆସୁଛି...

ମାସ ଅକ୍ଟୋବର ଓ ଡିସେମ୍ବର ମଧ୍ୟରେ ବଙ୍ଗୋପସାଗର ଓ ଆରବ ସାଗରରେ ତିନୋଟି ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇପାରେ। ଇସ୍ରୋ ସତର୍କ କରାଇ ଦେଇଛି ଯେ ଘୂର୍ଣ୍ଣିଝଡ଼ ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ପବନ ସହ ବର୍ଷା ଏବଂ ଉଚ୍ଚ ଲହଡ଼ି ମାଡ଼ି ଆସିପାରେ। ଇସ୍ରୋ ଅନୁଯାୟୀ, ଘୂର୍ଣ୍ଣିଝଡ଼ର ତୀବ୍ରତା ୪୪ ବର୍ଷର ରେକର୍ଡ ଭାଙ୍ଗିପାରେ। ପ୍ରତିବର୍ଷ ହେଉଥିବା ଘୂର୍ଣ୍ଣିଝଡ଼ ଅପେକ୍ଷା ଏହା ହାରାହାରି ଅପେକ୍ଷା ୮୩ ପ୍ରତିଶତ ଅଧିକ ହୋଇପାରେ। ଅର୍ଥାତ୍ ଏଗୁଡ଼ିକ ପୂର୍ବାପେକ୍ଷା ଅଧିକ କ୍ଷୟକ୍ଷତି ଘଟାଇବାର ସମ୍ଭାବନା ରହିଛି ବୋଲି ଇସ୍ରୋ ପୂର୍ବାନୁମାନ କରିଛି।

### ଦୀଘାରୁ ମିଳିଲା...

ମିଳିଛି। ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ହୋଟେଲ ମାଲିକ ବାପପୁଅଙ୍କୁ ଖୋଜୁଛି ଏସଟିଏଫ୍। ହୋଟେଲ ମ୍ୟାନେଜରଙ୍କ ସହ ତିନି ଜଣଙ୍କୁ ଧରି ଧରି ଏସଟିଏଫ ପଚରାଉଚରା କରୁଛି। ହୋଟେଲରେ ଏସଟିଏଫ ପହଞ୍ଚିବା ପରେ ହୋଟେଲ ମାଲିକ ଫୋନ ବନ୍ଦ କରି ଫେରାର ଅଛନ୍ତି। ଏହା ମଧ୍ୟରେ ତଦନ୍ତକାରୀଙ୍କ ହାତରେ ଲାଗିଛି ଆଉ ଏକ ସିସିଟିଭି ଫୁଟେଜ୍। ପୂର୍ବରୁ ବିଚିତ୍ରପୁର ନିକଟରୁ ସାମ୍ନାକୁ ଆସିଥିଲା ଏକ କଳା ଥାର୍‌ର ସିସିଟିଭି ଫୁଟେଜ୍। ଏବେ ତଦନ୍ତକାରୀଙ୍କ ହାତରେ ଲାଗିଛି ଦୀଘାର ଆଉ ଏକ ସିସିଟିଭି ଫୁଟେଜ୍। ଫୁଟେଜ୍‌ରେ ରାତି ପ୍ରାୟ ୧୦ଟା ୫୬ ମିନିଟ୍ ସମୟରେ ଏକ କଳା ଥାର୍ ହୋଟେଲ ନିକଟ ଦେଇ ଯାଉଥିବା ଦେଖାଯାଉଛି। ଆଉ ବିଚିତ୍ରପୁର ନିକଟରେ ପୂର୍ବରୁ ମିଳିଥିବା ସିସିଟିଭି ଫୁଟେଜ୍‌ରେ ରାତି ପ୍ରାୟ ୧୧ଟା ୩୫ ମିନିଟ୍‌ରେ ସମାନ ଧରଣର କଳା ଥାର୍ ଯାଉଥିବା ଦେଖାଯାଇଥିଲା। ଦୁଇଟି ଫୁଟେଜ୍ ମଧ୍ୟରେ ପ୍ରାୟ ୩୯ ମିନିଟ୍‌ର ବ୍ୟବଧାନ। ଦୀଘାରୁ ବିଚିତ୍ରପୁର ମଧ୍ୟରେ ଏହି ସମୟରେ ଗାଡ଼ିଟି କେଉଁ ରାସ୍ତା ଦେଇ ଯାଇଥିଲା, ମଝିରେ କେଉଁଠି ରହିଥିଲା କି ନାହିଁ, ତାହା ଏବେ ତଦନ୍ତର ଗୁରୁତ୍ୱପୂର୍ଣ୍ଣ ଦିଗ। ଦୀଘା ଓ ତା'ର ଆଖପାଖ ଅଞ୍ଚଳରେ ଥିବା ହୋଟେଲରେ ୧୦୦ରୁ ଅଧିକ ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରି ତଦନ୍ତକାରୀ ଟିମ୍ ଅନେକ ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି।

### ସିବିଆଇ ତଦନ୍ତ...

ଉତ୍ତର ମାଗିଛନ୍ତି। ପ୍ରଥମ ପ୍ରଶ୍ନଟି ହେଉଛି, ମାଲେସିଆରେ ଦେଖାଯାଉଥିବା ଓରାଙ୍ଗଉଟାନ ଏତେ ବାଟ ଅତିକ୍ରମ କରି ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଭୋଗରାଇରେ ପହଞ୍ଚିଲେ କେମିତି? ଦ୍ୱିତୀୟ ପ୍ରଶ୍ନଟି ହେଉଛି, ଏହି ଘଟଣାରେ ଯଦି ଅନ୍ତର୍ଜାତୀୟ ଲିଙ୍କ ରହିଛି, ତା'ହେଲେ ଏହି ରାକେଟରେ କେଉଁମାନେ ଅଛନ୍ତି? ସେହିପରି ତୃତୀୟ ପ୍ରଶ୍ନଟି ହେଉଛି, ବଜାରରେ ଯାହାର ମୂଲ୍ୟ କୋଟି କୋଟି ଟଙ୍କା, ଏହାକୁ କିଏ କିଣିଥାନ୍ତା? ସେ କହିଛନ୍ତି ଯେ ଏସଟିଏଫ ବର୍ତ୍ତମାନ ସୁଦ୍ଧା ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେଇନାହିଁ। ଏହା ଅତ୍ୟନ୍ତ ଚିନ୍ତାଜନକ। ତଦନ୍ତ ନାମରେ କେବଳ କଳା ରଙ୍ଗର ଥାର୍ ଗାଡ଼ିର ସିସିଟିଭି ଫୁଟେଜକୁ ଦେଖାଯାଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଣ୍ଣାୟକ ମୋଡ଼୍‌ରେ ତଦନ୍ତ ପହଞ୍ଚିପାରିନାହିଁ। ତେଣୁ ମାମଲାଟିକୁ ସିବିଆଇକୁ ହସ୍ତାନ୍ତର କରାଯାଉ।

### ପଞ୍ଚାୟତ ଲଢ଼େଇ...

ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିରୋଧୀ ଦଳ ବିଜେଡି ନିର୍ବାଚନରେ ହାରି ମନୋବଳ ହରାଇଥିବା ନେତାଙ୍କୁ ଏକାଠି କରିବାରେ ଲାଗିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ନେତା ଓ କର୍ମୀମାନେ ନବୀନ ନିବାସରେ ଆସି ହାଜିରା ପକାଉଛନ୍ତି। ତେବେ ଚଳିତ ବର୍ଷାକାଳୀନ ଅଧିବେଶନ ଓ ଆସନ୍ତା ଶୀତ ଅଧିବେଶନ ପରେ ହିଁ ଜାନୁଆରୀ ମାସରୁ ପଞ୍ଚାୟତ ଲଢ଼େଇ ଜୋରଦାର ହେବ। କାରଣ ପଞ୍ଚାୟତ ପରେ ପରେ ପୌର ନିର୍ବାଚନ ଆସିବ। ଏହି ଦୁଇ ନିର୍ବାଚନରେ ଯିଏ ଭଲ କରିବ, ସିଏ ୨୦୨୯ ସାଧାରଣ ନିର୍ବାଚନ ପାଇଁ ମନୋବଳ ବଢ଼ାଇପାରିବ ବୋଲି ତିନି ଦଳର ମୁଖିଆମାନେ ଭଲ ଭାବେ ଜାଣିଛନ୍ତି।

### ସରକାରଙ୍କ ସ୍ପିଡ୍‌କୁ ମ୍ୟାଚ୍...

ପ୍ରଥମ ୫ ମାସରେ ମୋଟ ବ୍ୟୟ ବରାଦରୁ ମାତ୍ର ୨୬.୮ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଛି, ଯାହାକୁ ନେଇ ଚିନ୍ତାରେ ଶାସନ କଳ। କେତେକ ବିଭାଗର ଖର୍ଚ୍ଚ ୧୦ ପ୍ରତିଶତରୁ ମଧ୍ୟ କମ୍। ବଡ଼ ବଜେଟ ହୋଇଥିବା ବେଳେ ଖର୍ଚ୍ଚ ହେଉ ନ ଥିବାରୁ ରାଜ୍ୟ ସରକାରଙ୍କୁ ସିଧା ନିଶାନା କରିଛନ୍ତି ବିରୋଧୀ। ବିଜେଡି କହିଛି ଯେ ଚଳିତ ବର୍ଷ ମାର୍ଚ୍ଚରେ ଯେତେବେଳେ ଆର୍ଥିକ ବଜେଟ୍ ସରକାର ଆଗତ କରିଥିଲେ, ସେତେବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ ଯେ ବଜେଟରେ ମେନ୍ୟୁ ଅଧିକ, ରୋଷେଇ ଘର ଖାଲି। ବିଜେପି ସରକାରରେ ହାତୀ ଭଳି ବଜେଟ୍ ଓ ପିମ୍ପୁଡ଼ି ଭଳି କାମ। ସରକାର ଯାହା ଲକ୍ଷ୍ୟ ରଖିଛନ୍ତି ତାହା ଫଳପ୍ରଦ ହୋଇପାରିବ ନାହିଁ। ସରକାର ଅନୁଶୀଳନ କରିବାର ଆବଶ୍ୟକ ଅଛି ଏବଂ ନିଜର ନୀତି ଓ ଲକ୍ଷ୍ୟ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ବିଜେଡି କହିଛି। ବଜେଟ୍ ଅର୍ଥ ଖର୍ଚ୍ଚ ନେଇ ରାଜ୍ୟ ସରକାର ବାରମ୍ବାର ସମୀକ୍ଷା କରି ସବୁ ବିଭାଗ ତାଗିଦ କରୁଛନ୍ତି। କିନ୍ତୁ କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦରେ ଅଗଷ୍ଟ ଶେଷ ସୁଦ୍ଧା ୫୦,୩୧୯ କୋଟି ଅର୍ଥାତ ୨୬.୮ ପ୍ରତିଶତ ଖର୍ଚ୍ଚ ହୋଇଛି। ଆଉ ୭ ମାସ ଭିତରେ ବଜେଟ ଅର୍ଥ କିପରି ସଠିକ ବିନିଯୋଗ ହେବ, ସରକାରଙ୍କୁ ସେଇ ଚିନ୍ତା ଘାରିଛି।

## ମାଛ ଧରିବାକୁ ଯାଇ ଜଣେ ନିଖୋଜ



କଳାହାଣ୍ଡି,୧୨।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ହାତୀ ନଦୀ ଓ ଉତ୍ତେଇ ନଦୀର ମୋହାନ ଅଞ୍ଚଳରେ ମାଛ ଧରିବାକୁ ଯାଇ ଜଣେ ୫୪ ବର୍ଷୀୟ ବ୍ୟକ୍ତି ପାଣିରେ ଭାସିଯାଇ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ନିଖୋଜ ବ୍ୟକ୍ତି ହେଲେ ବୁଦୁ ପରାଭୋଇ। ତାଙ୍କ ଘର ସେପୁର ଗ୍ରାମ ପଞ୍ଚାୟତ ସାପସିଲେଟ ଗ୍ରାମରେ ବୋଲି ଜଣାପଡ଼ିଛି।

ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବୁଦୁ ପରାଭୋଇ ହାତୀ ନଦୀ ଓ ଉତ୍ତେଇ ନଦୀର ମୋହାନ ଅଞ୍ଚଳକୁ ମାଛ ଧରିବା ପାଇଁ ଯାଇଥିଲେ। ମାଛ ଧରିବା ସମୟରେ ସେ ପାଣିରେ ଭାସିଯାଇ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପ୍ରଥମେ ସ୍ଥାନୀୟ ଲୋକେ ନଦୀ ଅଞ୍ଚଳରେ ବୁଦୁ ପରାଭୋଇଙ୍କୁ ଖୋଜିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ତେବେ ନଦୀରେ ଜଳସ୍ରୋତ ଓ ଗଭୀରତା ଥିବାରୁ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ କରିବାରେ ସମସ୍ୟା ଦେଖାଦେଇଥିବା କୁହାଯାଉଛି। ପରେ ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଜଣାଇ ନିଖୋଜ ବୁଦୁ ପରାଭୋଇଙ୍କୁ ଉଦ୍ଧାର କରିବା ପାଇଁ ସହଯୋଗ ଲୋଡ଼ାଯାଇଥିଲା। ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାର ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ଓଡ୍ରାଫ୍ ଟିମ୍ ପକ୍ଷରୁ ନଦୀର ବିଭିନ୍ନ ସ୍ଥାନରେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ଉଦ୍ଧାର ଅଭିଯାନ ଜାରି ରହିଛି।

## ୬ ମାସ ନ ପୁରୁଣୁ ଭୁଶୁଡ଼ିଲା ଗାର୍ଡୱାଲ, ନିମ୍ନମାନର କାର୍ଯ୍ୟ ଅଭିଯୋଗ



ହିଞ୍ଜିଳିକାଟୁ,୧୨।୯ (ସଂଚାର ବ୍ୟୁରୋ): ଲଗାତାର ବର୍ଷା ଧାରା ପକାଇଲା ଉନ୍ନୟନମୂଳକ କାର୍ଯ୍ୟର ବଡ଼ ଦୁର୍ନୀତି । ନିମ୍ନମାନର କାର୍ଯ୍ୟ ପାଇଁ ଧୋଇଗଲା ଲକ୍ଷ ଲକ୍ଷ ଟଙ୍କାର ଗାର୍ଡୱାଲ । ୬ ମାସ ବି ଗଲାନି ଲକ୍ଷ ଲକ୍ଷ ଟଙ୍କାର କାମ । ଅତି ନିମ୍ନ ମାନର କାର୍ଯ୍ୟ ଯୋଗୁ ନିର୍ମାଣର ମାତ୍ର ୬ ମାସ ମଧ୍ୟରେ ଗାର୍ଡୱାଲ ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏହି ଦୃଶ୍ୟ ଦେଖିବାକୁ ମିଳିଛି ହିଞ୍ଜିଳି ବ୍ଲକ କଣ୍ଟୁରୁ ପଞ୍ଚାୟତ ପୁରୁଣା କାଳୀ ମନ୍ଦିର ନିକଟରେ ପଦନା ପୋଖରୀର ଗାର୍ଡ ୱାଲ । ଫଳରେ କାର୍ଯ୍ୟର ଗୁଣାତ୍ମକମାନ ନେଇ ଏବେ ପ୍ରଶ୍ନ ଉଠିଛି । ଗତ ଏପ୍ରିଲ ମାସରେ ଶେଷ ହୋଇଥିବା ବେଳେ ଗତ ରାତିରେ ଭୁଶୁଡ଼ି ପଡ଼ିଛି । ପ୍ରଥମେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆର୍ଥିକ ବର୍ଷ ୨୦୨୨- ୨୩ ରେ ପୋଖରୀ ପୁନରୁଦ୍ଧାର ସହିତ ୧୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ରହିଥିବା ବେଳେ ପରବର୍ତ୍ତୀ ସମୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ପୁରୁଣା କାଳୀ ମନ୍ଦିର ରାସ୍ତାରେ ଫେବର ଓ ଗାର୍ଡ ୱାଲ ସହିତ ପୁଣି ଅନେକ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ରହିଛି । ଗାର୍ଡ ୱାଲ କାର୍ଯ୍ୟରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ ହୋଇଛି । ଯାହା ଫଳରେ ୬ ମାସ ନ ପୁରୁଣୁ ଏହା ଭୁଶୁଡ଼ିଲା । ପୁରୁଣା ପୁନାଦି ଉପରେ ନୂତନ ଗାର୍ଡୱାଲ ନିର୍ମାଣ କରିବା ଠିକ୍ ନୁହଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।

## ପୁଲିସ ହାତରେ ଆନ୍ତଃରାଜ୍ୟ ସୁନା ଲୁଟେରା
## ଟୁନା ହରିଜନ ସମେତ ୯ ଗିରଫ



ବୋରିଗୁମ୍ମା,୧୨।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ସମେତ ନବରଙ୍ଗପୁର, କଳାହାଣ୍ଡି ପଡୋଶୀ ରାଜ୍ୟ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଡକାୟତି କରିଥିବା କୁଖ୍ୟାତ ଆନ୍ତଃରାଜ୍ୟ ଡକାୟତ ଟୁନା ହରିଜନକୁ ବୋରିଗୁମ୍ମା ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ବିଭିନ୍ନ ଡକାୟତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଟୁନା ହରିଜନ ସମେତ ଆଉ ୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ମନୋଜ ପୂଜାରୀ ସୂଚନା ଦେଇଥିଲେ। ଗିରଫମାନେ ହେଲେ କୁଖ୍ୟାତ ଆନ୍ତଃରାଜ୍ୟ ଡ଼କାୟତ ଟୁନା ହରିଜନ(୪୦) ଓରଫ ସୀମାନ ନାଗ ଘର ନବରଙ୍ଗପୁର ଜିଲ୍ଲା କୁସୁମୀ, ରାମ ହରିଜନ(୧୯), ଘର ନବରଙ୍ଗପୁର ଜିଲ୍ଲା ବିକ୍ରମପୁର, ମଙ୍ଗଳଦାନ ହରିଜନ(୨୬) ଘର ଜୟପୁର ସଦର ଥାନା ଅନ୍ତର୍ଗତ ଦୁବୁଲି ଗ୍ରାମ,ପୁରନ୍ଦର ସରଫ(୪୪ ବର୍ଷ) ଘର କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗମ୍ଭାରୀଗୁଡା, ମହିନ୍ଦ୍ରା ମେହେର(୫୦) କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ମୋହନ ଆଚାରୀ(୨୬) ବୋରିଗୁମ୍ମା, ବେଣୁମାଧବ ଷଡଙ୍ଗୀ(୪୪) ଘର କୁମୁଲି, ରାଜେଶ ବିଶୋଇ(୨୭) ବିସିଂପୁର ଥାନା ଅନ୍ତର୍ଗତ ରଜାପୁଟ, ନିଲୁ ସାମନ୍ତରାୟ(୨୬) ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଖାତିଗୁଡା। ଗିରଫ ବ୍ୟକ୍ତି ମାନଙ୍କ ପାଖରୁ ୨୬୦ ଗ୍ରାମ ସୁନା ଅଳଙ୍କାର,୧୧୦୦ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ଦେଶୀ ପିସ୍ତଲ,୨୦ ଟି ଗୁଳି, ଗୋଟିଏ ବୋଲେରୋ, ଗୋଟିଏ ଆଲଟୋ ,ଗୋଟିଏ ଅଟୋ ଓ ଗୋଟିଏ ବାଇକ, ନଗଦ ୫୦ ହଜାର ଟଙ୍କା ସହ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଏନେଇ ବୋରିଗୁମ୍ମା ଥାନାରେ ଏକ ମାମଲା-କେସ ନମ୍ବର-୨୪୯/୨୫.୦୮.୨୦୨୬ ଦଫା-୩୧୦(୪),୩୧୦(୫),୧୦୯,୧୩୨,୩୨୪(୫),୩୨୪(୬) ବିଏନଏସ ଓ ଆର୍ମ ଆକ୍ଟ ରୁଜୁ କରାଯାଇଛି। ତେବେ ଡ଼କାୟତମାନେ ଚୋରି କରିଥିବା ସୁନା ଅଳଙ୍କାରକୁ କୁମୁଲି ଗ୍ରାମର ଜଣେ କାର୍ଯ୍ୟରତ ଶିକ୍ଷକ ବେଣୁମାଧବ ଷଡଙ୍ଗୀ କିଣିଥିବା ଅଭିଯୋଗରେ ପୋଲିସ ଗିରଫ କରିଛି। ଟୁନା ହରିଜନ ବିଭିନ୍ନ ମନ୍ଦିର ଯଥା ଭୈରବ ମନ୍ଦିର, କାମରା ମନ୍ଦିର, ବିଜାପୁର ଶିବ ମନ୍ଦିର, ବୋଡିଗାଁ ଓ ଭାଁସୁଲିରେ ସଶସ୍ତ୍ର ଡକାୟତିରେ ସାମିଲ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# କେବେ ସରିବ ପ୍ରାଣୀ ଚିକିତ୍ସାଳୟ କୋଠା କାମ ?

### ତିନିବର୍ଷ ହେଲା ଅଧାରେ ଅଟକିଛି
### ପୁରୁଣା କୋଠା ଛାତରୁ ଗଳୁଛି ପାଣି
### ପଚାଶ ବର୍ଷର ପୁରୁଣା କୋଠାରେ ଚାଲିଛି ସେବା କାର୍ଯ୍ୟ



ଆନନ୍ଦପୁର,୧୨।୯ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍‌ର ଏକମାତ୍ର ପ୍ରାଣୀ ଚିକିତ୍ସାଳୟଟି ରହିଛି ସାଇଁକୁଳଠାରେ। ପ୍ରାୟ ୫୦ ବର୍ଷ ପୁରୁଣା ଏହି ଚିକିତ୍ସାଳୟ ଏବେ ନିଜେ ଅସୁସ୍ଥ ଅବସ୍ଥାରେ। ପୁରୁଣା କୋଠାର ଭିତ୍ତିଭୂମି ଦୁର୍ବଳ ହେବା ସହ ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ଅଭିଯୋଗ ହୋଇଛି। ଏଭଳି ଦୟନୀୟ ପରିବେଶରେ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇବା କେତେ ସୁରକ୍ଷିତ, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସମସ୍ୟାର ସମାଧାନ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ନୂତନ ଚିକିତ୍ସାଳୟ କୋଠା ନିର୍ମାଣ ପାଇଁ ୨୦୨୩ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତତ୍କାଳୀନ ଲୋକସଭା ସାଂସଦ ଚନ୍ଦ୍ରାଣୀ ମୁର୍ମୁ ଏବଂ ଘଷିପୁରା ବ୍ଲକ୍ ଅଧ୍ୟକ୍ଷା ସୁଜାତା ସାହୁ ଉପସ୍ଥିତ ଥିଲେ। ହେଲେ ପରିତାପର ବିଷୟ, ଭିତ୍ତିପ୍ରସ୍ତର ସ୍ଥାପନକୁ ତିନି ବର୍ଷ ବିତିଗଲାଣି, କିନ୍ତୁ ଏଯାଏଁ ନୂତନ କୋଠାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ।

ତେବେ ପ୍ରଶ୍ନ ଉଠୁଛି, କିଏ ଏହି ନିର୍ମାଣ କାମର ଠିକାଦାର? ତିନି ବର୍ଷ ଧରି କାହିଁକି ଅଧାରେ ଅଟକିଛି କାମ? ନିର୍ମାଣ କାର୍ଯ୍ୟର ତଦାରଖ କରୁଛି କିଏ? ନୂତନ କୋଠା ଅଧାରେ ପଡ଼ିଥିବା ବେଳେ ଏପଟେ ପୁରୁଣା କୋଠାରେ କାର୍ଯ୍ୟ କରିବାକୁ ମଧ୍ୟ କର୍ମଚାରୀମାନେ ସୁରକ୍ଷିତ ମନେ କରୁନଥିବା କୁହାଯାଉଛି। କେବଳ କୋଠାର ସମସ୍ୟା ନୁହେଁ, ଚିକିତ୍ସାଳୟ ଚାରିପାଖରେ ସୁରକ୍ଷା ବାଡ଼ ନଥିବା ମଧ୍ୟ ଆଉ ଏକ ବଡ଼ ସମସ୍ୟା। ଅଭିଯୋଗ ଅନୁସାରେ, ରାତି ସମୟରେ ଅସାମାଜିକ ବ୍ୟକ୍ତିମାନେ ଅବାଧରେ ପ୍ରବେଶ କରି ମଦ୍ୟପାନ କରୁଥିବା ଅଭିଯୋଗ ହେଉଛି। ଫଳରେ ଚିକିତ୍ସାଳୟର ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି।

ଜିଲ୍ଲାର ଅନ୍ୟ ବ୍ଲକ୍ ଗୁଡ଼ିକରେ କୋଠା ନିର୍ମାଣ ଅଦ୍ୟାବଧି ସରି ସାରିଥିବା ବେଳେ ଏଠାରେ କାହିଁକି ତିନି ବର୍ଷ ହେଲା କୋଠା ନିର୍ମାଣ ଅଧାରେ ଅଟକି ରହିଛି ତାହା ବଡ଼ ପ୍ରଶ୍ନ। ତେବେ ଅଧା ନିର୍ମାଣ ହୋଇ ପଡ଼ିଥିବା ନୂତନ କୋଠା କେବେ ସମ୍ପୂର୍ଣ୍ଣ ହେବ? ପୁରୁଣା କୋଠାର ଦୟନୀୟ ଅବସ୍ଥା ପ୍ରତି କେବେ ଦୃଷ୍ଟି ଦେବ ପ୍ରଶାସନ? ଏବେ ଅପେକ୍ଷା, ପ୍ରଶାସନ ଓ ବିଭାଗ ଏହି ସମସ୍ୟା ଉପରେ କେବେ ନେଉଛି ଦୃଢ଼ ପଦକ୍ଷେପ।

# ଲଗାଣ ବର୍ଷାରେ ଜଳବନ୍ଦୀ ମାଲକାନଗିରି

### ବୁଡ଼ିଲା ପୋଲ, ୩୨୬ନଂ ଜାତୀୟ ରାଜପଥରେ ଯାତାୟାତ ଠପ୍
### ଫସି ରହିଥିବା ଯାତ୍ରୀଙ୍କୁ ପଞ୍ଚାୟତ ତରଫରୁ ରନ୍ଧା ଖାଦ୍ୟ ବଣ୍ଟନ



ମାଲକାନଗିରି,୧୨।୯ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାରେ ଗତ କିଛି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି । ଜିଲ୍ଲାର ପ୍ରମୁଖ ଜୀବନରେଖା କୁହାଯାଉଥିବା ୩୨୬ ନଂ ଜାତୀୟ ରାଜପଥ ପାଣି ଘେରରେ। ମାଲକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ଏହି ରାଜପଥରେ ଥିବା ପୋଟେରୁ, କାଙ୍ଗୁରୁକୋଣ୍ଡା ଏବଂ ଏମଭି-୯୬ ବ୍ରିଜ ଉପରେ ନଦୀର ବନ୍ୟା ପାଣି ପ୍ରବାହିତ ହେଉଛି। ବିଶେଷ କରି ପୋଟେରୁ ବ୍ରିଜ ଉପରେ ପ୍ରାୟ ୩ ଫୁଟରୁ ଅଧିକ ଉଚ୍ଚରେ ପାଣି ଚାଲୁଛି। ଫଳରେ ମାଲକାନଗିରି-ମୋଟୁ ମଧ୍ୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ବ୍ରିଜର ଉଭୟ ପାର୍ଶ୍ୱରେ ଶତାଧିକ ମାଲବାହୀ ଟ୍ରକ, ବସ ଓ ଛୋଟ ଗାଡି ଅଟକି ରହିଛି। ଦୀର୍ଘ ସମୟ ଧରି ଫସି ରହିଥିବା ଯାତ୍ରୀମାନେ ଖାଦ୍ୟ ଓ ପାଣି ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାପାଳ ସମସ୍ତ ପିଇଓ, ରାଜସ୍ୱ ନିରୀକ୍ଷକ, ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହି ତୁରନ୍ତ ଉଦ୍ଧାର ଓ ରିଲିଫ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ବଦିଲି ପଞ୍ଚାୟତ ପ୍ରଶାସନ ତରଫରୁ ମାନବିକତାର ଉଦାହରଣ ଦେଖିବାକୁ ମିଳିଛି । ପୋଟେରୁ ଠାରେ ଫସି ରହିଥିବା ଯାତ୍ରୀମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ ପ୍ରାୟ ୪୦୦ରୁ ଅଧିକ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଯୋଗାଇ ଦିଆଯାଉଛି । ପାଣି ନ କମିବା ଯାଏଁ ଯାତାୟାତ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଏନଟିପିସି ଦର୍ଲିପାଲି ତରଫରୁ ଛାତ୍ରଛାତ୍ରୀଙ୍କୁ ଛତା ବଣ୍ଟନ



ସୁନ୍ଦରଗଡ଼,୧୨।୯ (ସଂଚାର ବ୍ୟୁରୋ): ସମାଜ କଲ୍ୟାଣ ଏବଂ ଶିକ୍ଷାଗତ ସହାୟତା ପ୍ରତି ନିରନ୍ତର ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ଏନଟିପିସି ଦର୍ଲିପାଲି ତରଫରୁ ଶୁକ୍ରବାର ଦିନ ତିନୋଟି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୬୧୦ ଟି ଛତା ବଣ୍ଟନ କରାଯାଇଥିଲା । ଏହି ବଣ୍ଟନରେ ସରକାରୀ ଲୋଚନ ହାଇସ୍କୁଲ ଦର୍ଲିପାଲି, ମନୋଜ ପାଢୀ ହାଇସ୍କୁଲ ସରଣ୍ଡାମାଲ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛଦରମାରେ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯାଇଥିଲା।

ଏହି ପଦକ୍ଷେପର ଲକ୍ଷ୍ୟ ବର୍ଷା ଋତୁରେ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ସ୍କୁଲରେ ସେମାନଙ୍କର ନିୟମିତ ଉପସ୍ଥିତିକୁ ସୁଗମ କରିବା। ବଣ୍ଟନ କାର୍ଯ୍ୟକ୍ରମରେ ଜିଏମ ଇପିଲ୍ ବାଗେ ଏବଂ ଏଜିଏମ (ଏଚ ଆର )ସଞ୍ଜିତ କୁମାର ମିଞ୍ଜ୍ ଏବଂ ଅନ୍ୟାନ୍ୟ ଏନଟିପିସି ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ପ୍ରକାରର ଆବଶ୍ୟକତା ଆଧାରିତ ହସ୍ତକ୍ଷେପ ମାଧ୍ୟମରେ,ଏନଟିପିସି ଦର୍ଲିପାଲି ପ୍ରକଳ୍ପ ପ୍ରଭାବିତ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପିଲାମାନଙ୍କର ଶିକ୍ଷାଗତ ଆବଶ୍ୟକତାକୁ ସମର୍ଥନ କରିଚାଲିଛି,ଏକ ଅଧିକ ଅନୁକୂଳ ଏବଂ ସହାୟକ ଶିକ୍ଷା ପରିବେଶ ପ୍ରତି ଅବଦାନ ରଖିଛି।

# ଲୋକ ଅଦାଲତରେ ହସିଲା ସମାଧାନର ହସ

### ମାନବିକ ବିଚାରରେ ୯ ଲକ୍ଷ ୧୦ ହଜାର ଟଙ୍କାର ବିବାଦର ଅନ୍ତ



କାକଟପୁର/ଅସ୍ତରଙ୍ଗ,୧୨।୯ (ସଂଚାର ବ୍ୟୁରୋ): ନ୍ୟାୟ ମନ୍ଦିରରେ ଯେତେବେଳେ ମାନବିକତା ସହ ନ୍ୟାୟ ମିଶେ, ସେତେବେଳେ ସମାଧାନର ବାଟ ଆପେ ଫିଟିଯାଏ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଅସ୍ତରଙ୍ଗ ଜେ.ଏମ.ଏଫ.ସି କୋର୍ଟର ମାନ୍ୟବର ବିଚାରପତି ଏମ.ଏସ. ସୁଧା ବାଈ ଅଗ୍ରୱାଲ। ଶନିବାର ଅନୁଷ୍ଠିତ ଜାତୀୟ ଲୋକ ଅଦାଲତରେ ତାଙ୍କ ନେତୃତ୍ୱରେ ଏକ ନୂଆ ଇତିହାସ ରଚିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପୁରୀ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୫ଟି ମାମଲା ମଧ୍ୟରୁ ୫ଟି ଯାକ ଫଇସଲା ହୋଇଛି। ଯାହା ଶତ ପ୍ରତିଶତ ସଫଳତା। ସେଥି ମଧ୍ୟରୁ ୩ଟି ଥିଲା ଚେକ୍ ବାଉନ୍ସ ମାମଲା, ଯେଉଁଥିରେ ଦୀର୍ଘ ଦିନ ଧରି ୯ ଲକ୍ଷ ୧୦ ହଜାର ଟଙ୍କାର ବିବାଦ ଲାଗି ରହିଥିଲା। ଏହା ସହ ୨ଟି ଏଫ.ଆର.ଟି ମାମଲାର ମଧ୍ୟ ସଫଳ ସମାଧାନ ହୋଇଛି। ଉଭୟ ପକ୍ଷ ହସ ମୁହଁରେ କୋର୍ଟରୁ ଫେରିଛନ୍ତି, ଯାହା ଲୋକ ଅଦାଲତର ପ୍ରକୃତ ବିଜୟ।

ଏହି ସଫଳତା ପଛରେ ବିଚାରପତି ମହୋଦୟାଙ୍କ ଅଦ୍ଭୁତ ବୁଝାଇବା ଶୈଳୀ ଓ ନ୍ୟାୟ ପ୍ରତି ସମର୍ପଣ ଭାବ ରହିଛି। ତାଙ୍କୁ ସହଯୋଗ କରିଥିଲେ କୋର୍ଟର ଅତ୍ୟନ୍ତ ଦକ୍ଷ ବେଞ୍ଚ କ୍ଲର୍କ ହିମାଂଶୁ ଶେଖର ମଲ୍ଲିକ, ଅଭିଜ୍ଞ ସିନିୟର ଟାଇପିଷ୍ଟ ଉମେଶ ପ୍ରଧାନ ଏବଂ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ରାଜେଶ ପଣ୍ଡା। ଏହି ଟିମ୍ ୱାର୍କ ଯୋଗୁଁ ଅସ୍ତରଙ୍ଗ କୋର୍ଟ ଆଜି ଚର୍ଚ୍ଚାର କେନ୍ଦ୍ରରେ। ଏହି ଅବସରରେ ବିଚାରପତି ଶ୍ରୀମତୀ ଅଗ୍ରୱାଲ କହିଥିଲେ, "ଲୋକ ଅଦାଲତ ହେଉଛି ଜନତାଙ୍କ ନିଜ ଅଦାଲତ। ଏଠାରେ କେହି ହାରେ ନାହିଁ, ସମସ୍ତେ ଜିତନ୍ତି।" ତାଙ୍କର ଏହି ବାର୍ତ୍ତା ଉପସ୍ଥିତ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା। ଅସ୍ତରଙ୍ଗ ଭଳି ଗ୍ରାମାଞ୍ଚଳ କୋର୍ଟରେ ଏଭଳି ସଫଳ ଆୟୋଜନ ନ୍ୟାୟ ବ୍ୟବସ୍ଥା ପ୍ରତି ଲୋକଙ୍କ ଭରସାକୁ ଦୁଇ ଗୁଣିତ କରିଛି।

## ଲଗାଣ ବର୍ଷାରେ ବୁଡ଼ିଲା ଡାଇଭର୍ସନ୍, ଉମରକୋଟ-ଛତିଶଗଡ଼ ଯୋଗାଯୋଗ ବିଚ୍ଛିନ୍ନ

ନବରଙ୍ଗପୁର,ଉମରକୋଟ, ୧୨।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ- ରାଇଘରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ବେହେଡା ନିକଟରେ ଚାଲିଥିବା ତେଲ ନଦୀ ପୋଲର ନିର୍ମାଣ କାର୍ଯ୍ୟ ମଧ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଛି ଗୁରୁତର ସମସ୍ୟା।



ଅର୍ଦ୍ଧନିର୍ମିତ ପୋଲ ନିକଟରେ ଯାତାୟାତ ପାଇଁ ନିର୍ମାଣ କରାଯାଇଥିବା ଡାଇଭର୍ସନ୍ ବର୍ତ୍ତମାନ ବର୍ଷା ଜଳରେ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ଡାଇଭର୍ସନ୍ ଉପରେ ପ୍ରାୟ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇପଡ଼ିଛି। ଫଳରେ ଡାଇଭର୍ସନ୍‌ର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ଉମରକୋଟରୁ ଛତିଶଗଡ଼ ଅଭିମୁଖେ ଯାତାୟାତ ଓ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିବାରୁ ଯାତ୍ରୀ ଓ ଗାଡ଼ି ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଜାରି ରହିଥିବାରୁ ପରିସ୍ଥିତି ଆହୁରି ଗୁରୁତର ହେବା ଆଶଙ୍କା ରହିଛି। ଯାତାୟାତ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମହିଳାଙ୍କ ଦବଙ୍ଗଗିରି: ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାରଙ୍ଗପୁର ଗ୍ରାମବାସୀଙ୍କ ଦାବି



କୋରେଇ,୧୨।୯ (ସଂଚାର ବ୍ୟୁରୋ): ରସୁଲପୁର ବ୍ଲକ କୁଆଖିଆ ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ସରସ୍ୱତୀ ସାହୁ ଗ୍ରାମରେ ଦବଙ୍ଗଗିରି ଦେଖାଇବା ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଗ୍ରାମରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ସହ ଯୁବପିଢ଼ି ଏବଂ ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତକୁ ନଷ୍ଟ କରୁଥିବା ନେଇ ତାଙ୍କ ବିରୁଦ୍ଧରେ ଗ୍ରାମବାସୀମାନେ ପୁଲିସ ମହାନିର୍ଦ୍ଦେଶକ ଓ ଯାଜପୁର ଜିଲ୍ଲାର ଏସପିଙ୍କ କାର୍ଯ୍ୟାଳୟର ପହଂଚି ଅଭିଯୋଗ କରିଛନ୍ତି। ଏଥି ସହିତ ସେ ଗ୍ରାମର ଅନାବାଦୀ, ଗୋଚର ଜମିକୁ ଜୋର ଜବରଦସ୍ତ ଅକ୍ତିଆର କରିଥିବା ବେଳେ ଗ୍ରାମ ବାସି ଅଭିଯୋଗ କଲେ ତାଙ୍କ ନାମରେ ମିଥ୍ୟା କେଶ ଲଗାଇ ଫସାଇଦେବାର ଧମକ ମଧ୍ୟ ଦେଇଥିବା ନେଇ ଗ୍ରାମର ମହିଳା ମାନେ ଅଭିଯୋଗରେ ଜଣାଇଛନ୍ତି।

ଖବରର ସୂଚନା ମୁତାବକ ଗତ କିଛିଦିନ ତଳେ ଗ୍ରାମରେ ସରସ୍ୱତୀଙ୍କ ଘର ନିର୍ମାଣ କାର୍ଯ୍ୟକୁ ନେଇ ଗ୍ରାମରେ ଏକ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହାକୁ ନେଇ ଉଭୟ ପକ୍ଷରୁ ମଧ୍ୟ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଏ ନେଇ ପୋଲିସ ଉଚିତ ତଦନ୍ତ ନକରି ଗ୍ରାମର ଜଣେ ପୁରୁଷକୁ ଆରେଷ୍ଟ କରିଥିବା ବେଳେ ସରସ୍ୱତୀଙ୍କ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ନନିଆଯିବା ହେତୁ ଗ୍ରାମର ଅନେକ ମହିଳା ଓ ପୁରୁଷ ଏ ସଂକ୍ରାନ୍ତରେ ପୁଲିସ ମହାନିର୍ଦ୍ଦେଶକ ଓ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବା ସହ ସରସ୍ୱତୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

# ଭାଙ୍ଗିଲା ପୁରୁଣା ବିଦ୍ୟାଳୟ ଗୃହର କାନ୍ଥ, ଅଳ୍ପକେ ବର୍ତ୍ତିଲେ ସ୍କୁଲ ଛାତ୍ରଛାତ୍ରୀ



ଫୁଲବାଣୀ, ୧୨।୯ (ସଂଚାର ବ୍ୟୁରୋ): ଭାଙ୍ଗିଲା ପୁରୁଣା ବିଦ୍ୟାଳୟ ଗୃହର କାନ୍ଥ ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାଖରେ ନାହିଁ ସୂଚନା। ଏପରି ଘଟଣା କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଭଣ୍ଡାରଙ୍ଗୀ ପଞ୍ଚାୟତର ବାରାବଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ପୂର୍ବାହ୍ନ ୧୧ଘଣ୍ଟା ସମୟରେ ଘଟିଥିବା ଜଣାପଡ଼ିଛି।

ବାରାବଣ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଗୃହ ଭାବରେ ୩୫ବର୍ଷ ତଳେ ତିଆରି ହୋଇଥିଲା। ତାହା ଅସୁରକ୍ଷିତ ଭାବେ ରହିଥିବା ବେଳେ ସେହି ଗୃହରେ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କରାଯାଏ। ସେହିପରି ଆଜି ମଧ୍ୟ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇ ପୂର୍ବାହ୍ନ ୯ଘଣ୍ଟା ସମୟରେ ଛାତ୍ରୀଛାତ୍ରମାନଙ୍କୁ ଖାଇବାକୁ ଦିଆଯାଇଥିଲା। ସମୟ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ହଠାତ ସେହ ଗୃହର କାନ୍ଥ ଭାଙ୍ଗି ଯାଇଥିଲ। ଯାହାଫଳରେ ବଡ଼ ଅଘଟଣାରୁ ବର୍ତ୍ତିଗଲେ ସମସ୍ତେ।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୫୩ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ଆଜି ଶନିବାର ୪୦ଜଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପସ୍ଥିତ ଥିଲେ। ସେହି ଅସୁରକ୍ଷିତ ଗୃହ ଭାଙ୍ଗିଲା ବେଳେ କୌଣସି ଛାତ୍ରୀଛାତ୍ର, ଶିକ୍ଷକ କିମ୍ବା ରାନ୍ଧୁଣିଆ ସେଠାରେ ନଥିଲେ ଯାହା ଫଳରେ ବଡ଼ ଅଘଟଣରୁ ରକ୍ଷା ପାଇଲେ।

ଏହି ବାବଦରେ କାର୍ଯ୍ୟରତ ସହଶିକ୍ଷକ ବସିଆ ନନ୍ଦ କଂହରଙ୍କୁ ପଚାରିବରୁ ସେ କହିଛନ୍ତି ଯେ ବର୍ଷା ଲାଗି ରହିଛି। ସେହି ଗୃହ କେତେବେଳେ ଭାଙ୍ଗି ଯାଇପାରେ। ତେଣୁ ମଧ୍ୟାହ୍ନ ଭୋଜନ ପରେ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସେହି ଗୃହ ଠାରୁ ଦୂରରେ ରହିବା ପାଇଁ ବାରଣ କରିଥିବା ବେଳେ ହଠାତ ସମୟ ପ୍ରାୟ ୧୧ଟା ବେଳେ କାନ୍ଥ ଭାଙ୍ଗି ପଡ଼ିଲା। ଏହି ବାବଦରେ ତୁମୁଡିବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ମୋ ପାଖରେ ଏମିତି କୌଣସି ଖବର ନାହିଁ କିମ୍ବା ସେହି ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୌଣସି ସୂଚନା ଦେଇନାହାନ୍ତି ବୋଲି କହିଛନ୍ତି।

# ସମ୍ ପକ୍ଷରୁ 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍‌ସ' କର୍ମଶାଳା ଉଦ୍‌ଘାଟିତ




ଭୁବନେଶ୍ୱର,୧୨।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ର ସର୍ଜିକାଲ୍ ଅଙ୍କୋଲୋଜି ବିଭାଗ ପକ୍ଷରୁ ଶନିବାର ଦୁଇଦିନିଆ କର୍ମଶାଳା 'ଅଙ୍କୋଲୋଜି ଫର୍ ପୋଷ୍ଟ ଗ୍ରାଜୁଏଟ୍ସ' ଉଦ୍‌ଘାଟିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଓ ଡାକ୍ତରମାନେ ଯୋଗ ଦେଇଛନ୍ତି। ଏହି କର୍ମଶାଳାର ପ୍ରସଙ୍ଗ ରହିଛି 'ଫଣ୍ଡାମେଣ୍ଟାଲ୍‌ସ ଅଫ୍ ଅଙ୍କୋଲୋଜି ଫର ଫ୍ୟୁଚର୍ ସର୍ଜନ୍ସ'।

ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସମାନ୍ତସିଂହାର ଯୋଗ ଦେଇ କହିଥିଲେ ଏଭଳି କର୍ମଶାଳାଦ୍ୱାରା ଭବିଷ୍ୟତର ସର୍ଜନ, ପିଜି ଛାତ୍ରଛାତ୍ରୀ, ଡାକ୍ତର ଓ ଫ୍ୟାକଲ୍ଟି ବହୁମାତ୍ରାରେ ଉପକୃତ ହୋଇପାରିବେ। ଖୁବ୍ କମ୍ ସମୟ ମଧ୍ୟରେ ଉଚ୍ଚ କୋଟରୀ ଆଧୁନିକ ଜ୍ଞାନ କୌଶଳର ଚିକିତ୍ସା ପ୍ରଦାନ କରାଯିବା ସହିତ ରୋବୋଟିକ୍ ମାଧ୍ୟମରେ ରୋଗୀଟିକୁ କିପରି ସର୍ଜରୀ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ କରାଯାଉଛି ବୋଲି ପ୍ରଫେସର ସାମନ୍ତସିଂହାର ଉଦ୍‌ବୋଧନ ଦେବା ସହ ସର୍ଜିକାଲ ଅଙ୍କୋଲୋଜି ବିଭାଗ ଦ୍ୱାରା ଆୟୋଜିତ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଆଡିସ୍‌ନାଲ ଡିନ୍ (ସୁପର ସ୍ପେଶାଲିଟି) ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ କହିଥିଲେ ଯେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ କେବଳ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ନୁହେଁ ବରଂ ଶିକ୍ଷାଦାନ ଏବଂ ତାଲିମ୍ କ୍ଷେତ୍ରରେ ଓଡ଼ିଶା ସମେତ ସାରା ଦେଶରେ ବେଶ୍ ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କର୍କଟ ରୋଗ ଯଥା- ସ୍ତନ କର୍କଟ, ଫୁସ୍‌ଫୁସ୍ କର୍କଟ, କୋଲନ୍ କ୍ୟାନ୍ସର, ଗ୍ୟାଷ୍ଟ୍ରୋ କ୍ୟାନ୍ସର ଏବଂ ପ୍ରୋଷ୍ଟେଟ୍ କ୍ୟାନ୍ସର ବିଷୟରେ ଅବଗତ କରାଇବା ସହ ରୋବୋଟିକ୍ ମାଧ୍ୟମରେ କିପରି ଚିକିତ୍ସା ପ୍ରଦାନ କରାଯାଇପାରିବ ସେ ନେଇ ପ୍ରଶିକ୍ଷିତ କରାଯିବ ବୋଲି ପ୍ରଫେସର ସାହୁ ସୂଚନା ଦେଇଥିଲେ।

କର୍କଟ ରୋଗ ବର୍ତ୍ତମାନ ଦ୍ରୁତ ଗତିରେ ବ୍ୟାପି ଚାଲିଛି। ଭାରତରେ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି।

### ପୁଲିସ ଉପରୁ ଉଠିଗଲାଣି ଆସ୍ଥା
## ଚୋରି ଭୟରେ ଦୋକାନ ଜଗୁଛନ୍ତି ବ୍ୟବସାୟୀ



ବାଲିଆପାଳ,୧୨।୯ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ର ସିମୁଳିଆ ମାର୍କେଟ ଅଞ୍ଚଳରେ ଚୋରି, ଛିନତାଇ ଭଳି ଅପରାଧ ବଢ଼ୁଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଭୟ ବଢ଼ିଛି ପୁଲିସରେ ଅଭିଯୋଗ କରି ମଧ୍ୟ ସୁଫଳ ନମିଳିବାରୁ ନିଜ ଦୋକାନର ସୁରକ୍ଷା ପାଇଁ ବ୍ୟବସାୟୀମାନେ ରାତିରେ ପହରା ଦେଉଛନ୍ତି। ବାଲିଆପାଳ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଚୋରି ଓ ଛିନତାଇ ଭଳି ଘଟଣା ଘଟୁଥିବା ବେଳେ ସିମୁଳିଆ ମାର୍କେଟ ରେ ଗତ ମାସକ ମଧ୍ୟରେ ବିଭିନ୍ନ ଦୋକାନରୁ ବାରମ୍ବାର ଚୋରି ହୋଇଛି ଏନେଇ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ତେବେ ଚୋରି ରୋକିବାରେ ଆଶାନୁରୂପ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରି ସେମାନେ ନିଜେ ପହରା ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ଗତ କିଛି ଦିନ ଆଗରୁ ୪ଟି ଦୋକାନରୁ ଚୋରି ହେବା ପରେ ମାର୍କେଟରେ ଥିବା ପ୍ରାୟ ୧୦୦ ଜଣ ଦୋକାନୀ ଏକାଠି ହୋଇ କମିଟି ଗଠନ କରିଛନ୍ତି। କମିଟି ପକ୍ଷରୁ ପ୍ରତିଦିନ ୫ଜଣ ବ୍ୟବସାୟୀ ରାତିରେ ପହରା ଦେଉଛନ୍ତି। ସେମାନେ ଟର୍ଚ୍ଚ ଓ ହୁଇସିଲ ସହ ପହରା ଦେବା ସହ ସନ୍ଦେହଜନକ ବ୍ୟକ୍ତିଙ୍କୁ ପଚରାଉଚରା କରୁଛନ୍ତି। ଅଧିକ ସନ୍ଦେହହେଲେ ପୁଲିସକୁ ସୂଚନା ଦେଉଛନ୍ତି। ବାରମ୍ବାର ଚୋରି ହେଉଛି। ଏନେଇ ଆମେ ପୁଲିସକୁ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଶେଷରେ ବାଧ୍ୟ ହୋଇ ସମସ୍ତ ଦୋକାନୀ ଏକାଠି ହୋଇ ରାତିରେ ପହରା ଦେବାକୁ ନିଷ୍ପତ୍ତି ନେଇଛୁ।

ଓସେପା ଓ ଓୟୁଏଟି ମଧ୍ୟରେ ବୁଝାମଣା

# ପିଏମଶ୍ରୀ ବିଦ୍ୟାଳୟରେ ସୁଦୃଢ଼ ହେବ ଧନ୍ଦାମୂଳକ ଶିକ୍ଷା



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକରଣ ପ୍ରାଧିକରଣ (ଓସେପା) ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାବହାରିକ ଏବଂ କ୍ଷେତ୍ରଭିତ୍ତିକ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ପାଇଁ ଆଜି ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରାଯାଇଛି।

ଚଳିତ ଶିକ୍ଷାବର୍ଷରୁ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବ୍ୟାବହାରିକ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ପାଇଁ ଓସେପା ଓୟୁଏଟି ସହ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଅଧୀନରେ ୨୬ଟି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଡୁଆଲ୍ ମୋଡ୍ ଭୋକେସନାଲ୍ ଏଜୁକେସନ୍ ପାଇଁ ଓୟୁଏଟି, ଭୁବନେଶ୍ୱର ଓ ନିର୍ଦ୍ଦିଷ୍ଟ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ସହ ଆନୁଷ୍ଠାନିକ ଭାବେ ଯୋଡ଼ାଯାଇଛି।

ଏହି ଯୋଜନା ଦ୍ୱାରା ଛାତ୍ରଛାତ୍ରୀମାନେ ଓୟୁଏଟିର ପରୀକ୍ଷାଗାର, କୃଷି ଫାର୍ମ, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଏବଂ କୃଷି, ପଶୁପାଳନ, ଉଦ୍ୟାନ କୃଷି ଭଳି କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞଙ୍କ ବୈଷୟିକ ସହାୟତା ପାଇପାରିବେ। ଏହି ଅନୁଭୂତି ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତ କାର୍ଯ୍ୟ ପରିବେଶ ବୁଝିବାରେ ଏବଂ ସ୍କୁଲରେ ଶିଖିଥିବା ଦକ୍ଷତାକୁ କାର୍ଯ୍ୟରେ ଲଗାଇବାରେ ସାହାଯ୍ୟ କରିବ। ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସହ ଜଡ଼ିତ ଧନ୍ଦାମୂଳକ କାର୍ଯ୍ୟ ପାଇଁ ସଂରଚିତ ବ୍ୟାବହାରିକ ତାଲିମ ଏବଂ କ୍ଷେତ୍ର ପରିଦର୍ଶନ ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ଶ୍ରେଣୀଗୃହ ଶିକ୍ଷା ଏବଂ ପ୍ରାକ୍ଟିକାଲ୍ କାର୍ଯ୍ୟ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସହ ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା ଅନୁଯାୟୀ ଦକ୍ଷତା ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୋଜଗାର, ଉଦ୍ୟୋଗିତା ଏବଂ କ୍ୟାରିୟର ପ୍ରସ୍ତୁତିକୁ ସୁଦୃଢ଼ କରିବା। ଏହି ୨୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ୬ଟି ଧନ୍ଦାମୂଳକ ବିଷୟରେ ତାଲିମ ଦିଆଯିବ- ଆମ୍ବ ଚାଷ, ବାଇଗଣ/ବିଲାତି ଜାତୀୟ ଫସଲ ଚାଷ, ଧାନ ଚାଷ, ପଶୁ ସ୍ୱାସ୍ଥ୍ୟ, ଦୁଗ୍ଧ ପ୍ରକଳ୍ପ ଏବଂ ସାଇଟ୍ରସ ଜାତୀୟ ଫଳ ଚାଷ। ସମ୍ପୃକ୍ତ ଜିଲ୍ଲାର କୃଷି କ୍ଷେତ୍ରର ସାମର୍ଥ୍ୟ, ସ୍ଥାନୀୟ ସମ୍ବଳ ଏବଂ ଜୀବିକା ସୁଯୋଗକୁ ଦୃଷ୍ଟିରେ ରଖି ଏହି କ୍ଷେତ୍ରଗୁଡ଼ିକୁ ଚୟନ କରାଯାଇଛି।

ଦୁବାଇରେ ପ୍ରବାସୀ ଓଡ଼ିଆଙ୍କ ସହ ମୁଖ୍ୟମନ୍ତ୍ରୀ

# ବିକାଶ ଯାତ୍ରାରେ ଭାଗୀଦାରୀ ହେବାକୁ ଆହ୍ୱାନ



ଦୁବାଇ,୧୨।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୁବାଇରେ ଓଡ଼ିଆ ପ୍ରବାସୀମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ବିଶେଷ ସମାବେଶରେ ୮୦୦ରୁ ଅଧିକ ଓଡ଼ିଆ ସମୁଦାୟର ସଦସ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ପାରମ୍ପରିକ ଲୋକନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶିତ ହୋଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦ ମଧ୍ୟ ଏହି ଉତ୍ସବରେ ଘରୋଇ ଆତ୍ମୀୟତା ଭରି ଦେଇଥିଲା।

ଓଡ଼ିଆ ସମୁଦାୟର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଓଡ଼ିଆ ସମୁଦାୟଙ୍କ ସହ ତାଙ୍କ ଆଲୋଚନାକୁ ନେଇ ସେମାନେ ଖୁସି ଓ ଗର୍ବ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ୟୁଏଇରେ ବସବାସ କରୁଥିବା ଓଡ଼ିଆଙ୍କ ଦୃଢ଼ ସାଂସ୍କୃତିକ ସମ୍ପର୍କକୁ ପ୍ରଶଂସା କରିବା ସହ ବିଦେଶରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଏବଂ ପ୍ରଚାର ପାଇଁ ସେମାନଙ୍କ ଉଦ୍ୟମକୁ ସ୍ୱୀକାର କରିଥିଲେ। ଏହି ସମାବେଶ ଓଡ଼ିଆ ପ୍ରବାସୀ ଓ ମାତୃଭୂମି ମଧ୍ୟରେ ଥିବା ଦୃଢ଼ ଭାବନାତ୍ମକ ସମ୍ପର୍କକୁ ପ୍ରତିଫଳିତ କରିବା ସହ ସୀମାପାର ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଆତ୍ମାକୁ ପ୍ରଦର୍ଶନ କରିଥିଲା।

ଏହି ସମାବେଶ ୟୁଏଇରେ ରହୁଥିବା ଓଡ଼ିଆଙ୍କ ସହ ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିଥିଲା ଏବଂ ପ୍ରବାସୀ ଓଡ଼ିଆଙ୍କୁ ଓଡ଼ିଶାର ନିବେଶ, ଉଦ୍ୟୋଗ, ବାଣିଜ୍ୟ ଏବଂ ବିକାଶ ଯାତ୍ରାରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲା।

# ଗଞ୍ଜେଇ ସହ ଦେଶୀ ବନ୍ଧୁକ ଓ କାର୍ ଜବତ: ୪ ଗିରଫ



ଫୁଲବାଣୀ,୧୨।୯(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନାଞ୍ଚଳରେ ଚୋରା ଗଞ୍ଜେଇ ଚାଲାଣ ବିରୋଧରେ ପୁଲିସର ଅଭିଯାନକୁ ମିଳିଛି ବଡ଼ ସଫଳତା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ବାଲିଗୁଡ଼ା ପୁଲିସ ଚଢ଼ାଉ କରି ୧୦୦ କିଲୋ ୩୦୦ ଗ୍ରାମ ଓଜନର ଗଞ୍ଜେଇ, ୨ଟି ଦେଶୀ ନିର୍ମିତ ଏସବିଏମଏଲ ବନ୍ଧୁକ ଓ ଚୋରା ଗଞ୍ଜେଇ ପରିବହନରେ ବ୍ୟବହୃତ ହେଉଥିବା ସନ୍ଦେହରେ ଓଡି୦୨ଏଏକ୍ସ ୧୦୮୬ ନମ୍ବରବିଶିଷ୍ଟ ଧଳା ରଙ୍ଗର ହୋଣ୍ଡା ସିଟି କାର୍ ଜବତ କରିଛି। ଏହି ଘଟଣାରେ ୪ ଜଣ ଅଭିଯୁକ୍ତ ତୁମୁଡ଼ିବନ୍ଧ ଥାନା ଶଗଡ଼ି ସାହିର ରିତାର୍ଡ ନାୟକ (୨୮), ଲୁହାରାସାହିର ସଚିନ ନାୟକ (୩୧), ଦାରିଙ୍ଗବାଡ଼ି ଥାନା ସିମନବାଡ଼ି କେ. ଶିବ ପ୍ରସାଦ ଆଚାର୍ଯ୍ୟ (୨୮) ଏବଂ ବାଲିଗୁଡ଼ା ଥାନା କିଲୁଗାଁର ବିନୋଦ ପ୍ରଧାନ (୩୨)ଙ୍କୁ ପୁଲିସ ଗିରଫ କରି ବାଲିଗୁଡ଼ା ଥାନାରେ ୨୩୧/୨୬ ନମ୍ବରରେ ଏକ ମାମଲା ରୁଜୁ କରିଛି। ସେମାନଙ୍କ ବିରୋଧରେ ଏନଡିପିଏସ ଆଇନର ଧାରା ୨୦(ବି)(୨)(ସି) ସହ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ବି)(ଏ) ଲାଗୁ ହୋଇଛି। ଏ ସଂକ୍ରାନ୍ତରେ ପୁଲିସ ଦେଇଥିବା ସୂଚନାନୁଯାୟୀ, ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ବାଲିଗୁଡ଼ା ଓ ତୁମୁଡ଼ିବନ୍ଧ ଥାନାରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ରୁଜୁ ହୋଇଥିବା ରେକର୍ଡ ରହିଛି। ସେଗୁଡ଼ିକ ମଧ୍ୟରେ ବାଲିଗୁଡ଼ା ଥାନା କେସ୍ ନଂ.୨୨/୨୦୨୩, ୧୯୬/୨୦୨୫, ୪୮/୨୦୧୭ ଓ ୨୦୪/୨୦୨୬ ଏବଂ ତୁମୁଡ଼ିବନ୍ଧ ଥାନା କେସ୍ ନଂ-୨୯/ ୨୦୨୧, ୧୧/୨୦୨୩, ୩୦/୨୦୨୪ ଓ ୦୯/୨୦୨୫ ରହିଛି। ଗଞ୍ଜେଇର ଉତ୍ସ, ଏହାର ଚୋରାଚାଲାଣ ପଛରେ ଥିବା ନେଟୱର୍କ ଓ ଅବୈଧ ଅସ୍ତ୍ରଶସ୍ତ୍ର ସମ୍ପର୍କରେ ପୁଲିସ ତଦନ୍ତ ଜାରି ରଖିଛି। ଏହି ଚୋରାଚାଲାଣରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହା ନେଇ ମଧ୍ୟ ତଦନ୍ତ ଚାଲିଥିବା ବିଷୟ ବାଲିଗୁଡ଼ା ଏସଡିପିଓ ଶୁଭମ୍ ଭୋଁସଲେ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ଜାଲରେ ରାଉରକେଲା ଅବକାରୀ ଅଧୀକ୍ଷକ



ରାଉରକେଲା,୧୨।୯(ସଂଚାର ବ୍ୟୁରୋ): ଯେତେ ଖୋଜିଲେ ସେତେ ବାହାରୁଛି। ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼ଙ୍କ ଅଚଳାଚଳ ସମ୍ପତ୍ତି। ଭିଜିଲାନ୍ସ ତଦନ୍ତ ସମୟରେ ଭୁବନେଶ୍ୱର ରଘୁନାଥପୁର ଅଞ୍ଚଳରେ ୨୭୦୦ ବର୍ଗଫୁଟର ଦୁଇ ମହଲା କୋଠା ରହିଥିବା ବେଳେ ଭୁବନେଶ୍ୱରରେ ଗୋଟିଏ ଓ ନୟାଗଡ଼ରେ ୩ଟି ପ୍ଲଟ୍ ରହିଛି। ଏପଟେ ୩୩ ଲକ୍ଷ ୯୭ ହଜାର ଜମାରାଶି ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଗତକାଲି ମଦ ଲାଇସେନ୍ସଧାରୀଙ୍କଠାରୁ ବିପୁଳ ଲାଞ୍ଚ ଟଙ୍କା ସଂଗ୍ରହ ବେଳେ ମାଡ଼ି ବସିଥିଲା ଭିଜିଲାନ୍ସ। ୫ ଲକ୍ଷ ଟଙ୍କା ନେଇ ଯାଉଥିବା ଜଣେ ମଦ ଦୋକାନ ସେଲ୍ସମ୍ୟାନ୍ଙ୍କୁ ଭିଜିଲାନ୍ସ ଅଟକାଇ ଟଙ୍କା ଜବତ କରିଥିଲା। ଉଦିତ ନଗରସ୍ଥିତ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ସେପିଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେତେବେଳେ ଗାଡ଼ିରେ ଥିବା ଜଣେ ସ୍ଥାନୀୟ ମଦ ଦୋକାନର ସେଲ୍ସମ୍ୟାନ୍ଙ୍କଠାରୁ ୫ ଲକ୍ଷ ଟଙ୍କା ନଗଦ ମିଳିଥିଲା।

ଏହି ଟଙ୍କା ଅବକାରୀ ଅଧୀକ୍ଷକ ଶ୍ରୀ ବରାଡ଼ ତାଙ୍କ ଘରେ ପହଞ୍ଚାଇବା ପାଇଁ ଦେଇଥିବା ସେଲ୍ସମ୍ୟାନ୍ ଭିଜିଲାନ୍ସକୁ କହିଥିବା ସୂଚନା ମିଳିଛି। ଏନେଇ ଶ୍ରୀ ବରାଡ଼ଙ୍କୁ ପଚରାଉଚରା କରାଯାଇଥିବା ବେଳେ ଉକ୍ତ ଟଙ୍କା ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହାପରେ ଉକ୍ତ ୫ ଲକ୍ଷ ଟଙ୍କାକୁ ଜବତ କରାଯାଇଛି। ଏହି ଘଟଣାରେ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଓ ବାସଭବନରେ ଭିଜିଲାନ୍ସ ପକ୍ଷରୁ ତଲାସି ଆରମ୍ଭ ହୋଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଭିଜିଲାନ୍ସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

# ମେହେନ୍ଦୀ ଛାଡ଼ିନି, ନବବଧୂ ମୃତ

## ପରିବାର ଲୋକଙ୍କ ଯୌତୁକଜନିତ ହତ୍ୟା ଅଭିଯୋଗ



କାକଟପୁର/ଅସ୍ତରଙ୍ଗ,୧୨।୯(ସଂଚାର ବ୍ୟୁରୋ): ହାତରୁ ମେହେନ୍ଦୀ ଛାଡ଼ିନାହିଁ, ଶଙ୍ଖା ଭାଙ୍ଗିନାହିଁ, ହେଲେ ଝିଅ ଜୀବନ ହାରିଗଲା। ପ୍ରେମ ପାଇଁ ପରିବାର ସହ ଲଢ଼େଇ କରି ବାହା ହୋଇଥିଲା, ହେଲେ ବିବାହର ୩ ମାସ ପୂରିବା ଆଗରୁ ତେଲଙ୍ଗାନାରେ ନବବଧୂର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ହୃଦୟ ବିଦାରକ ଘଟଣା ଘଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତରେ। ମୃତ ନବବଧୂ ହେଲେ ମୀନା ବିଶ୍ୱାଳଙ୍କ ଝିଅ ମିଲି ବିଶ୍ୱାଳ। ମିଳିଥିବା ସୂଚନାନୁସାରେ, ମିଲିଙ୍କ ସହ ଜଗତସିଂହପୁର ଜିଲ୍ଲା ବନ୍ଦର ଥାନା ଅନ୍ତର୍ଗତ ସୁନାଧାର ଗାଁର ଗୁପ୍ତେଶ୍ୱର ବିଶ୍ୱାଳଙ୍କ ଦୀର୍ଘ ଦିନର ପ୍ରେମ ସମ୍ପର୍କ ଥିଲା। ଏହି ପ୍ରେମକୁ ପରିବାର ବିରୋଧ କରିଥିଲା। ପ୍ରଥମେ ମିଲିଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ମଧ୍ୟ ହୋଇଥିଲା। ତେବେ ଗ୍ରାମ ମୁରବୀ ଓ ଉଭୟ ପରିବାର ମଧ୍ୟରେ ବୁଝାମଣା ପରେ ଗତ ଜୁନରେ ଧୂମଧାମ୍‌ରେ ବିବାହ ହୋଇଥିଲା। ଏଥିରେ ସବୁ ବିବାଦ ଶେଷ ହେଲା ବୋଲି ମିଲିଙ୍କ ମା' ଭାବିଥିଲେ। ହେଲେ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ବିବାହ ପରେ କାହାଣୀ ବଦଳିଯାଇଥିଲା। ଯୌତୁକ ପାଇଁ ମିଲିଙ୍କୁ ନିର୍ଯାତନା ଦିଆଯାଉଥିଲା। ବାଇକ, ଟଙ୍କା ଓ ସୁନା ଦାବି କରାଯାଉଥିଲା। ଏହାକୁ ନେଇ ସବୁବେଳେ ପରିବାର ଭିତରେ ଝଗଡ଼ା ହେଉଥିଲା। ମାସେ ଭିତରେ ରୋଜଗାର ବାହାନାରେ ଗୁପ୍ତେଶ୍ୱର ତାଙ୍କୁ ତେଲଙ୍ଗାନା ନେଇଯାଇଥିଲେ। ସେଠାରେ ଭଡ଼ା ଘରେ ରହୁଥିଲେ। ମଝିରେ ମଝିରେ ମା' ସହ ଫୋନରେ କଥା ହେଉଥିଲେ ମିଲି। ଗତକାଲି ହଠାତ ଫୋନ ଆସିଲା ଯେ ମିଲି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଏ ଖବର ଶୁଣି ମା'ଙ୍କ ପାଦ ତଳୁ ଯେମିତି ମାଟି ଖସିଯାଇଥିଲା। ଏହା ଆତ୍ମହତ୍ୟା ନୁହେଁ, ଯୌତୁକଜନିତ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମା' ମୀନା ଓ ପରିବାର ଲୋକେ ସିଧା ଅଭିଯୋଗ ଆଣିଛନ୍ତି। ଏନେଇ ଅସ୍ତରଙ୍ଗ ଥାନାରେ ଲିଖିତ ଏତଲା ଦିଆଯାଇଛି। ଅସ୍ତରଙ୍ଗ ପୁଲିସ ତେଲଙ୍ଗାନା ପୁଲିସ ଓ ବନ୍ଦର ଥାନା ପୁଲିସ ସହ ଯୋଗାଯୋଗ କରି ତଦନ୍ତ ଆରମ୍ଭ କରିଛି।

ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ

# ୬ କିମି ଦୂରକୁ ଶୁଭିଲା ଶବ୍ଦ, ଅନେକ ଆହତ



ସୁନ୍ଦରଗଡ଼,୧୨।୯(ସଂଚାର ବ୍ୟୁରୋ): ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ଘଟିଛି। ସୁନ୍ଦରଗଡ଼ କୋଇଡା ଥାନା କମଣ୍ଡୋ ଷ୍ଟିଲ ପ୍ଲାଣ୍ଟରେ ଏହି ବିସ୍ଫୋରଣ ହୋଇଛି। ତେବେ ଏହି ବିସ୍ଫୋରଣର ଶବ୍ଦ ଏତେ ଅଧିକ ଥିଲା ଯେ ଏହା ୬ କିମି ଦୂରତା ପର୍ଯ୍ୟନ୍ତ ଶୁଣାଯାଇଥିଲା। ଏସ୍‌ଏମ୍‌ଏସ୍-୨ରେ ଥିବା ଅନେକ ଶ୍ରମିକ ଏହି ବିସ୍ଫୋରଣରେ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପହଞ୍ଚି କୋଇଡ଼ା ପୁଲିସ ତଦନ୍ତ କରୁଥିବା ବେଳେ ମୃତାହତ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏନେଇ ମାଇନ୍ସ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନର ମଧ୍ୟ କୌଣସି ପ୍ରତିକ୍ରିୟା ମିଳିନାହିଁ। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା କଥା ଯେ ବିସ୍ଫୋରଣର ଶବ୍ଦ ବେଶ୍ ଅଧିକ ଥିଲା ଓ ବିସ୍ଫୋରଣ ପରେ ଭୟରେ ପ୍ଲାଣ୍ଟରେ କାମ କରୁଥିବା କର୍ମଚାରୀମାନେ ବାହାରକୁ ଚାଲିଆସିଥିଲେ।

# ଦୋକାନ ଛାତ ତାଡ଼ି କୋଟିଏ ଟଙ୍କାର ସୁନା ଅଳଙ୍କାର ଲୁଟ୍




ଝାରସୁଗୁଡ଼ା,୧୨।୯(ସଂଚାର ବ୍ୟୁରୋ): କୋଟିଏ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ଝାରସୁଗୁଡ଼ା ଦୋକାନ ଛାତ ତାଡ଼ି କୋଟିଏ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ରାସ୍ତାପଡ଼ ଜୁଏଲାରୀ ଦୋକାନରୁ ଦୁର୍ବୃତ୍ତମାନେ ଏହି ସୁନା ଅଳଙ୍କାର ଆଦି ଲୁଟିନେଇଛନ୍ତି। ଝାରସୁଗୁଡ଼ା ସହରସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ସହରର ମୁଖ୍ୟ ରାସ୍ତା ଥିବା ମଙ୍ଗଳପୁରିଆ ସୁନା ଦୋକାନରେ ଘଟିଛି ଏହି ଅଘଟଣ। ଗତ ବିଳମ୍ବିତ ରାତିରେ ଏକ ଚୋର ଦଳ ରାସ୍ତା କଡ଼ରେ ଥିବା ଅନ୍ୟ ଦୋକାନ ବାହାରେ ପାର୍କିଂରୁ ସ୍କୁଟିରେ ଚଢ଼ି ଛାତ ଉପରକୁ ଯାଇଥିଲେ। ସେଠାରୁ ଏହି ସୁନା ଦୋକାନ ଛାତ ଉପରକୁ ଯାଇ ପାର୍ଶ୍ୱରେ ଥିବା କାଚକୁ କଟରରେ କାଟି ସୁନା ଦୋକାନର ପ୍ରଥମ ମହଲାରେ ପଶିଥିଲେ ଓ ପରେ ତଳେ ଥିବା ଏହି ଦୋକାନରେ ପ୍ରବେଶ କରିଥିଲେ। ଦୋକାନରୁ ପାଖାପାଖି ଏକ କୋଟି ଟଙ୍କାର ସୁନା ଅଳଙ୍କାର ନେଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଝାରସୁଗୁଡ଼ା ଏସ୍‌ପି ଓ ଟାଉନ ପୁଲିସ ଘଟଣାର ତଦନ୍ତ ଚଳାଇଛନ୍ତି। ଚୋର ଦଳ ଡିଭିଆର୍ ମଧ୍ୟ ନେଇଯାଇଥିବା ଜଣାପଡ଼ିଛି।

● ଡିଭାଇଡରରେ ପିଟି ହେଲା ବାଇକ୍

# ଦୁଇ ଯୁବକ ମୃତ, ଜଣେ ଗୁରୁତର

ବାସୁଦେବପୁର, ୧୨।୯ (ସଂଚାର ବ୍ୟୁରୋ): ବାସୁଦେବପୁର ପୌରପାଳିକା ମାତାଜି ମଠ ଛକ ନିକଟରେ ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଡିଭାଇଡରରେ ଏକ ବାଇକ ପିଟି ହେବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବିଶ୍ୱଜିତ ନାୟକ ଓ ଗୋବିନ୍ଦ ବିଶ୍ୱାଳ। ସେହିପରି ଗୁରୁତର ଭାବେ ଆହତ ହୋଇଥିବା ଯୁବକ ଜଣଙ୍କ ଶିବ ଶଙ୍କର ନାୟକ ବୋଲି ଜଣାପଡ଼ିଛି।



ଏହି ତିନି ଜଣଙ୍କ ଘର କାସିଆ ସାମୁଦ୍ରିକ ଥାନା ଗଦି ଗ୍ରାମରେ। ଏହି ୩ ଜଣ ଏକ ବାଇକ ଯୋଗେ ଜାମୁଝାଡ଼ି ଆଡ଼କୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଡିଭାଇଡ଼ର ସହ ପିଟିହୋଇଯାଇଥିଲେ। ଫଳରେ ତିନି ଜଣ ପ୍ରାୟ ୨୦ ଫୁଟ ଦୂରକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଗୋବିନ୍ଦ ଓ ବିଶ୍ୱଜିତଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ପୁଲିସ ପହଞ୍ଚି ତିନି ଜଣଙ୍କୁ ବାସୁଦେବପୁର ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ବର୍ଷିବ



ଭୁବନେଶ୍ୱର,୧୨।୯(ସଂଚାର ବ୍ୟୁରୋ): ରାଜ୍ୟରେ ଆହୁରି ବର୍ଷିବ। ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ବର୍ଷା ସମ୍ଭାବନା। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ସଂଲଗ୍ନ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଦକ୍ଷିଣ ଛତିଶଗଡ଼ ନିକଟରେ ସକ୍ରିୟ ରହିଛି। ଏଥିସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ଦେଢ଼ କିମି ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଏଥିଯୋଗୁ ଘୂର୍ଣ୍ଣିବଳୟ ଦକ୍ଷିଣ ପଶ୍ଚିମ ଦିଗ ଆଡ଼କୁ ଢଳି ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ ୨୪ ଘଣ୍ଟା ପର୍ଯ୍ୟନ୍ତ ଘଡ଼ଘଡ଼ି, ବିଜୁଳି ସହ ପ୍ରବଳ ବର୍ଷା ଆଶଙ୍କା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ମାଲକାନଗିରି, ବଲାଙ୍ଗୀର, ନୂଆପଡ଼ା ଓ ବରଗଡ଼ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅବଶିଷ୍ଟ ୨୩ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି କିମ୍ବା ବ୍ରଜପାତ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହି ସମୟରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ହେବା ନେଇ ସତର୍କତା ଜାରି କରାଯାଇଛି। ଆସନ୍ତା ୧୭ ତାରିଖ ଯାଏଁ ଏହି ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ସ୍ଥାନରେ ଅତି ପ୍ରବଳ ବର୍ଷା ସତ୍ତ୍ୱେ ଗଜପତିରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ମାଲକାନଗିରିର ଚିତ୍ରକୋଣ୍ଡାରେ ସର୍ବାଧିକ ୧୯୨ ମିମି ବର୍ଷା ରେକର୍ଡ ହୋଇଛି। ଗତ ଜୁନ ୧ରୁ ଏଯାବତ ୧୨୫୫.୪ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ସ୍ୱାଭାବିକ ବର୍ଷା ୧୦୨୮.୨ ମିମି ରହିଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୨୨ ପ୍ରତିଶତ ଅଧିକ।

# କୁଖ୍ୟାତ ଡକାୟତ ଟୁନା ସମେତ ୯ ଜଣ ଗିରଫ

## ୫ ଦେଶୀ ବନ୍ଧୁକ ସହ ୫୦ ଲକ୍ଷର ସୁନାରୁପା ଜବତ



ଜୟପୁର,୧୨।୯(ସଂଚାର ବ୍ୟୁରୋ): ୯ ଜଣ ଆନ୍ତଃରାଜ୍ୟ ଅପରାଧୀ ଗିରଫ ହୋଇଛନ୍ତି। ଏଥିସହ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ସହ ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ଏହି ଅପରାଧୀମାନେ ଜେଲରୁ ଫେରୁଥିଲେ, ପୁଣି ନୂଆ ଟିମ ଗଠନ କରି ଅପରାଧ ଘଟାଉଥିଲେ। କେବଳ କୋରାପୁଟରେ ସୀମିତ ନଥିଲା ସେମାନଙ୍କ ଅପରାଧର ଚେରା। ୪ ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟକୁ ଲମ୍ବିଛି ଏମାନଙ୍କ ଅପରାଧ ଚେରା। ଗତ ୨୫ ତାରିଖରେ ପୁଲିସ ଉପରକୁ ଗୁଳି ଚଳାଇଥିବା କୁଖ୍ୟାତ ଡକାୟତ ଟୁନା ହରିଜନ ଓରଫ୍ ସିମନ୍ ନାଗ ଏହି ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଅନ୍ୟତମ ହୋଇଥିବା ବେଳେ ସେମାନଙ୍କୁ ବୋରିଗୁମା ପୁଲିସ କାବୁ କରିଛି। ୫୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ସୁନା, ରୁପା ସହ ଅନେକ ମାରଣାସ୍ତ୍ର ସାଙ୍ଗକୁ ବନ୍ଧୁକ ଓ ଜୀବନ୍ତ ଗୁଳି ଜବତ କରାଯାଇଛି। ଗିରଫ ପରେ ସେମାନଙ୍କୁ ପୁଲିସ୍ କୋର୍ଟ ଚାଲାଣ କରିଛି। ଗିରଫ ଟୁନାକୁ ଛତିଶଗଡ଼ ଜଗଦଲପୁର ଅଞ୍ଚଳରୁ ଗିରଫ କରି ରିମାଣ୍ଡରେ ନେଇ ବୋରିଗୁମ୍ମା ପୁଲିସ୍ ପୂରା ଘଟଣାର ଛାନଭିନ କରିଥିଲା।

ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଟୁନା ହରିଜନ, ରାମ ହରିଜନ, ମଙ୍ଗଳଦାନ ହରିଜନ, ପୁରନ୍ଦର ସରାଫ, ମହିନ୍ଦ୍ର ମେହେର, ମୋହନ ଆଚାର୍ଯ୍ୟ, ବେଣୁମାଧବ ଷଡ଼ଙ୍ଗୀ, ରାଜେଶ ବିଷୋୟୀ ଏବଂ ନିଲୁ ସାମନ୍ତରାୟ। କୋରାପୁଟ ଏସ୍‌ପିଙ୍କ ନେତୃତ୍ୱରେ ଏକ ତିନିଜଣିଆ ସ୍ୱତନ୍ତ୍ର ଟିମ୍ ଗତ ୩ ତାରିଖରେ ଜଗଦଲପୁରରୁ ଏହି ଅପରାଧୀମାନଙ୍କୁ କାବୁ କରିଛି। ପୂରା ଘଟଣାର ପର୍ଦ୍ଦାଫାସ ପରେ ରିମାଣ୍ଡ ଅବଧି ଶେଷ ହେବାରୁ ଆଜି ସମସ୍ତ ଅଭିଯୁକ୍ତଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି।

ସେହିପରି ଅଭିଯୁକ୍ତମାନେ ଜେରା ସମୟରେ ବିଭିନ୍ନ ମନ୍ଦିରରୁ ଚୋରି, ଡକାୟତି ଓ ବାଡ଼ିଗାଁ ସିନ୍ଧିଚୋରି ସହ ପୁଲିସକୁ ଆକ୍ରମଣ ଭଳି ଏକାଧିକ ଅପରାଧରେ ସେମାନଙ୍କର ସମ୍ପୃକ୍ତି ରହିଥିବା ଟୁନା ସ୍ୱୀକାର କରିଛି। ଟୁନା ନାମରେ ବିଭିନ୍ନ ଜିଲ୍ଲାରେ ୪୦ରୁ ଅଧିକ ମାମଲା ଓ ଛତିଶଗଡ଼ରେ ୧୦ଟି ମାମଲା ରହିଛି। ଟୁନା ନିକଟରୁ ପୁଲିସ୍ ନଗଦ ୫୦ ହଜାର ଟଙ୍କା ସହ ବାଇକ ସମେତ ୪ଟି ଗାଡ଼ି ଜବତ କରିଛି।

# ନନ୍ଦନକାନନରେ ୧୪ ନୂଆ ଅତିଥି



ବାରଙ୍ଗ, ୧୨।୯ (ସଂଚାର ବ୍ୟୁରୋ): ନନ୍ଦନକାନନକୁ ଆସିଛନ୍ତି ୧୪ ପ୍ରଜାତିର ନୂଆ ଜୀବଜନ୍ତୁ। ଗୁଜରାଟର ବନ୍ତାରାରୁ ଆସିଛନ୍ତି ନୂଆ ପ୍ରଜାତିର ଜୀବଜନ୍ତୁ। ସେମାନଙ୍କ ମଧ୍ୟରେ କିଛି ନୂଆ ପ୍ରଜାତିର ଜନ୍ତୁ ରହିଛନ୍ତି। ଆସିଥିବା ଜନ୍ତୁ ମଧ୍ୟରେ ଜେବ୍ରା, କଙ୍ଗାରୁ, ୱାଇଲ୍ଡ ବିଷ୍ଟ, ମିରକାଟ, ମାକାଓ, କାସାୱାରି ସମେତ ବହୁ ବିରଳ ପ୍ରଜାତିର ପକ୍ଷୀ ରହିଛନ୍ତି। ସମସ୍ତ ଜନ୍ତୁ ଗୁଜରାଟର ବନ୍ତାରା ଚିଡ଼ିଆଖାନାରୁ ନନ୍ଦନକାନନ ଆସିଛନ୍ତି। ନନ୍ଦନକାନନ ଆସିବା ପରେ ସମସ୍ତଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇଛି। ମାସକ ପରେ ସେମାନଙ୍କୁ ଖୁଆଡ଼କୁ ଅଣାଯିବ, ଯାହା ଫଳରେ ପର୍ଯ୍ୟଟକ ସେମାନଙ୍କୁ ଦେଖିବାର ସୁଯୋଗ ପାଇବେ। ପୂର୍ବରୁ ନନ୍ଦନକାନନରେ ଜେବ୍ରା ରହିଥିଲା, ହେଲେ ତା'ର ମୃତ୍ୟୁ ପରେ ଖୁଆଡ଼ ଖାଲି ପଡ଼ିଛି। ପୁଣି ଥରେ ଜେବ୍ରା ଆସିବା ପରେ ନନ୍ଦନକାନନରେ ପର୍ଯ୍ୟଟକ ଏମାନଙ୍କୁ ଦେଖି ପ୍ରାଣୀ ଉଦ୍ୟାନର ମଜା ନେଇପାରିବେ। ଗୁଜରାଟର ରାଧାକୃଷ୍ଣ ମନ୍ଦିର ହାତୀ କଲ୍ୟାଣ ଟ୍ରଷ୍ଟ (ଆର୍‌କେଟିଇଡବ୍ଲ୍ୟୁଟି) ପକ୍ଷରୁ ୧୪ ପ୍ରଜାତିର ମୋଟ ୫୮ଟି ବିଦେଶୀ ପ୍ରାଣୀ ଦାନ ସ୍ୱରୂପ ପ୍ରଦାନ କରାଯାଇଛି। ଏହି ପ୍ରାଣୀମାନଙ୍କ ମଧ୍ୟରେ ଜେବ୍ରା, କଙ୍ଗାରୁ, ବେନେଟ୍ସ ୱାଲାବି, ରିଙ୍ଗ୍-ଟେଲ୍ଡ ଲେମୁର୍, ସ୍କାର୍ଲେଟ୍ ମ୍ୟାକାଉ, ବ୍ଲୁ-ଆଣ୍ଡ-ଗୋଲ୍ଡ ମ୍ୟାକାଉ, ଗ୍ରୀନ୍-ୱିଙ୍ଗଡ୍ ମ୍ୟାକାଉ, ସଲଫର୍-କ୍ରେଷ୍ଟେଡ୍ କକାଟୁ, କ୍ରାଉଣ୍ଡ କ୍ରେନ୍, ସ୍କାର୍ଲେଟ୍ ଆଇବିସ୍, ମିରକାଟ୍, କାସୋୱାରୀ ଓ ବ୍ଲୁ ୱାଇଲ୍ଡବିଷ୍ଟ ଭଳି ପ୍ରଜାତିର ଅତିଥି ଆସିଛନ୍ତି। ନନ୍ଦନକାନନର ନୂଆ ଅତିଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ଖୁଆଡ଼ ମଧ୍ୟକୁ ଛଡ଼ାଯିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।

# ବଡ଼ଭାଇଙ୍କୁ ପିଟି ପିଟି ହତ୍ୟା, ସାନ ଭାଇ ଗିରଫ

ଭେଡେନ,୧୨।୯(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାର ଭେଡ଼େନ ଥାନା ଅନ୍ତର୍ଗତ ରୁଷୁଡ଼ା ଫାଣ୍ଡି ଅଧୀନସ୍ଥ ଲୁଇସିରା-ଖଲିଆପାଲି କୁଚିଆ ମଦଭାଟି ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଡ଼ଭାଇଙ୍କୁ ସାନ ଭାଇ ଲୁହା ପାଇପରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ସୁଶୀଲ ପଣ୍ଡା (୬୦)। ଏହି ଘଟଣା ସମଗ୍ର ଭେଡ଼େନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନାନୁଯାୟୀ,




ଗତକାଲି ବିଳମ୍ବିତ ରାତିରେ ସୁଶୀଲଙ୍କୁ ତାଙ୍କ ସାନ ଭାଇ ଅଶ୍ୱିନୀ ପଣ୍ଡା ଏକ ଲୁହା ପାଇପରେ ଆକ୍ରମଣ କରିଥିଲେ। ଏଥିରେ ସୁଶୀଲଙ୍କର ଘଟଣାଦସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ସକାଶେ ପଠାଇଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ହତ୍ୟାରେ ବ୍ୟବହୃତ ଲୁହା ପାଇପକୁ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ଅଶ୍ୱିନୀଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ମୃତ ସୁଶୀଲଙ୍କ ସ୍ତ୍ରୀ ଦେଇଥିବା ଏତଲାକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ହତ୍ୟାକାଣ୍ଡର କାରଣ ଜାଣିବା ସହ ଅନ୍ୟାନ୍ୟ ଦିଗ ନେଇ ପୁଲିସ୍ ତା'ର ତଦନ୍ତ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୧୨ ସେପ୍ଟେମ୍ବର ୨୦୨୬
BUSINESS

# ବିଶ୍ୱକୁ ପୁଣି ଘନେଇଲା ତୈଳ ସଂକଟ!



**ନୂଆଦିଲ୍ଲୀ,୧୨।୯:** ଲୋହିତ ସାଗର ଓ ବାବ-ଅଲ-ମଣ୍ଡେଭ ରାସ୍ତାରେ ସ୍ୱେଜ କେନାଲକୁ ସଂଯୋଗ କରୁଥିବା ମାର୍ଗ ଉପରେ ସଂକଟ ଘନେଇଛି। ପୂର୍ବରୁ ହର୍ମୁଜ ବନ୍ଦ ପଡିଥିବା ବେଳେ ଚଳିତ ସପ୍ତାହରେ ହୁତି ୟେମେନ ସୀମା ପାର ସାଉଦୀ ଆରବକୁ ଟାର୍ଗେଟ୍ କରିଛନ୍ତି। ଏଥିରେ ହୁତୀମାନେ ଲୋହିତ ସାଗରରେ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ପୋର୍ଟ ମୋଖାକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଛନ୍ତି। ଏହାଛଡା ସେମାନେ ବାବ-ଅଲ-ମଣ୍ଡେଭ ପ୍ରଣାଳୀରେ ଥିବା ପେରିମ ଆଇଲ୍ୟାଣ୍ଡକୁ ମଧ ନିଜ ନିୟନ୍ତ୍ରଣରେ ରଖିଛନ୍ତି । କିଛି ସ୍ଥାନରେ ବାବ-ଅଲ-ମଣ୍ଡେଭର ଚୌଡା ମାତ୍ର ୧୨.୫ ମାଇଲ । ଏହା ଏସିୟା ଓ ମଧପ୍ରାଚ୍ୟରୁ ଆସୁଥିବା କାର୍ଗୋ ସିପ୍ ଓ ଟ୍ୟାଙ୍କରଙ୍କ ଲାଗି ଏକ ସଂକିର୍ଣ୍ଣ ମାର୍ଗ ଯାହା ସ୍ୱେଦ କେନାଲକୁ ସଂଯୋଗ କରେ। ଏଥିରେ ପେରିମ ଆଇଲ୍ୟାଣ୍ଡରେ ସିପିଙ୍ଗ ଲାଇନର ଦୂରତା ୩ ମାଇଲରୁ ବି କମ୍ ଓ ଏହା ହୁତିଙ୍କ ମିଜାଇ ଓ ଡ୍ରୋନ ରେଞ୍ଜ ମଧରେ ରହିଛି। ଏଣୁ ଏହା ଏବେ ଏକ ବଡ଼ ସଂକଟ ଭାବେ ଉଭା ହୋଇଛି। ଇରାନ ହର୍ମୁଜ ଷ୍ଟ୍ରେଟ୍ କୁ ବନ୍ଦ କରିବା ପରେ ସାଉଦୀ ଆରବ ଉତ୍ପାଦିତ ତୈଳକୁ ଇଷ୍ଟ-ୱେଷ୍ଟ ପାଇଲାଇନ ଜରିଆରେ ଲୋହିତ ସାଗରରେ ଥିବା ପୋର୍ଟ ପର୍ଯ୍ୟନ୍ତ ପହଞ୍ଚାଉଥିଲା। ଏଣୁ ବାବ-ଅଲ-ମଣ୍ଡେଭ ପ୍ରଣାଳୀ ଉପରେ ବିଶ୍ୱର ନିର୍ଭରତା ବଢି ଯାଇଥିଲା। ହେଲେ ଗତ ଗୁରୁବାରର ଆକ୍ରମଣ ପରେ ସାଉଦୀ ଆରବ ପାଇପ ଲାଇନକୁ ବନ୍ଦ କରିଦେଇଛି। ହୁତିଙ୍କ ଯୋଗୁ ଏବେ ଲୋହିତ ସାଗରରେ ଜାହାଜ ଚଳାଚଳ ଅସମ୍ଭବ ହୋଇପଡିଛି। ଏଣୁ ବିଶ୍ୱର ଏନର୍ଜି କରିଡୋର ଧିରେ ଧିରେ ବନ୍ଦ ହେବାରେ ଲାଗିଛି। ଏସିୟାରେ ବାଣିଜ୍ୟ ପାଇଁ ବାବ-ଅଲ-ମଣ୍ଡେଭ ରାସ୍ତାରେ ଲୋହିତ ସାଗର ଓ ଗଲ୍ଫ ଅଫ ଏଡେନ ଦେଇ ସିଧା ଆରବ ସାଗରକୁ ପହଞ୍ଚି ହେଉଥିଲା। ସେହିପରି ୟୁରୋପ ଯିବା ପାଇଁ ବାବ-ଅଲ-ମଣ୍ଡେଭରେ ଲୋହିତ ସାଗରକୁ ପହଞ୍ଚି ସ୍ୱେଜ କେନାଲ ହୋଇ ଭୂମଧ ସାଗର ରାସ୍ତା ନିଆଯାଏ। ସାଉଦୀ ଆରବରର ଅଧିକାଂଶ ତୈଳ ଏସିୟ ଦେଶଙ୍କୁ ଯାଏ । ଏସିଆ ପହଞ୍ଚିବା ଲାଗି ଏବେ ବାବ-ଅଲ-ମଣ୍ଡେଭ ରାସ୍ତା ମଧ ବନ୍ଦ ହୋଇଯାଇଛି। ଏଥିରେ ଏବେ ସାଉଦୀ ଆରବ ନିକଟରେ ଆଉ ଏକ ରାସ୍ତା ରହିଛି, ତାହା ହେଉଛି ପାଇପଲାଇନ ଜରିଆରେ ଉତ୍ପାଦିତ ତୈଳକୁ ସିଧା ଉତ୍ତର ସ୍ୱେଜ କେନାଲକୁ ପହଞ୍ଚାଇବା। ତେବେ ଏସିୟା ଲାଗି ଭୂମଧ ସାଗରର ଏହି ରାସ୍ତା ଅତ୍ୟନ୍ତ ଦୀର୍ଘ ଓ ଖର୍ଚ୍ଚ ବହୁଳ। ହର୍ମୁଜକୁ ବାଇପାସ୍ କରୁଥିବା ଇଷ୍ଟ-ୱେଷ୍ଟ ପାଇପ ଲାଇନ ଉପରେ ଆକ୍ରମଣ ପରଠାରୁ ଏହା ବନ୍ଦ ରହିଛି। ଆମେରିକା-ଇରାନ ଉତ୍ତେଜନା କାଳରୁ ହର୍ମୁଜ ପ୍ରଣାଳୀରେ ଇନ୍ଧନ ଯୋଗାନ ସମ୍ଭବ ହୋଇ ପାରୁନଥିବା ବେଳେ ଏହି ପାଇ ଲାଇନ ସାଉଦୀ ଆରବ ପାଇଁ ମୁଖ୍ୟ ବିକଳ୍ପ ଥିଲା। ପାଇପଲାଇନ ଯୋଗେ ତୈଳ ବୋଝେଇ ନେଇ ଜାହାଜ ରେଡ ସିରୁ ସ୍ୱେଜ କେନାଲ ରାସ୍ତାରେ ୟୁରୋପକୁ ପହଞ୍ଚିବା ବେଶ୍ ସହଜ ହେଉଥିଲା। ହେଲେ ବାବ-ଅଲ-ମାଣ୍ଡଭ ବନ୍ଦ ହେବା ପରେ ଜାହାଜଙ୍କୁ ଆଫ୍ରିକା ମହାଦ୍ୱୀପର କେପ ଅଫ ଗୁଡହୋପ ରାସ୍ତାରେ ଯିବାକୁ ପଡିବ। ଏହା ଅତ୍ୟନ୍ତ ଦୀର୍ଘ ଓ ମହଙ୍ଗା ରାସ୍ତା, କେବଳ ଇଷ୍ଟ-ୱେଷ୍ଟ ପାଇପଲାଇନ ତୈଳ ଏହି ରାସ୍ତାରେ ପଠା ଯାଇ ପାରିବ। ହେଲେ ଏବେ ଏହି ପାଇପଲାଇନ ମଧ ହୁତିଙ୍କ ଯୋଗୁ ବନ୍ଦ ହୋଇଯାଇଛି।

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

# ଶୁଖିଯାଉଛି ରାଇନ୍ ନଦୀ

**ନୂଆଦିଲ୍ଲୀ,୧୨।୯:** ୟୁରୋପର ବାଣିଜ୍ୟିକ ଦୃଷ୍ଟିରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଇନ୍ ନଦୀର (Rhine River) ଜଳସ୍ତର ହ୍ରାସ ପାଇବା ଯୋଗୁଁ ନୌପରିବହନ ପ୍ରଭାବିତ ହୋଇଛି। କମ୍ ବର୍ଷା ଏବଂ ଅତ୍ୟଧିକ ଉତ୍ତାପ ହେତୁ ନଦୀର ଜଳସ୍ତର ହ୍ରାସ ପାଇବାରୁ ସାମଗ୍ରୀ ପରିବହନ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି। ନଦୀରେ ଜଳସ୍ତର କମିଯିବାରୁ ଜାହାଜଗୁଡ଼ିକ ବୁଡ଼ିଯିବାର ଭୟ ରହିଛି। ଏହି କାରଣରୁ ମାଲବାହୀ ଜାହାଜଗୁଡ଼ିକ୍ଷମତାଠାରୁ ଯଥେଷ୍ଟ କମ୍ ପରିମାଣର ଜିନିଷପତ୍ର ନେବାକୁ ପଡୁଛି। କମ୍ ସାମଗ୍ରୀ ପରିବହନ କାରଣରୁ ନୌପରିବହନ କମ୍ପାନୀଗୁଡ଼ିକ ଭଡ଼ା ବଢ଼ାଇ ଦେଇଛନ୍ତି, ଯାହା ଶିଳ୍ପସଂସ୍ଥାଗୁଡ଼ିକ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଉଛି। ରାଇନ୍ ନଦୀ ଦେଇ ଜର୍ମାନୀ, ନେଦରଲ୍ୟାଣ୍ଡ, ସ୍ୱିଜରଲ୍ୟାଣ୍ଡ ଏବଂ ଫ୍ରାନ୍ସ ଭଳି ପ୍ରମୁଖ ଦେଶଗୁଡ଼ିକୁ କୋଇଲା, ତେଲ, ସୂକ୍ଷ୍ମ ରସାୟନ (Chemicals) ଏବଂ ଶିଳ୍ପ କଞ୍ଚାମାଲ ପରିବହନ କରାଯାଏ। ଜଳସ୍ତର ହ୍ରାସ ଯୋଗୁଁ ସାମଗ୍ରୀ ପହଞ୍ଚିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ପରିବେଶବିତମାନଙ୍କ ଅନୁସାରେ, ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ ୱାର୍ମିଂ ଯୋଗୁଁ ୟୁରୋପରେ ବାରମ୍ବାର ଏପରି ଶୁଖିଲା ପରିସ୍ଥିତି ସୃଷ୍ଟି ହେଉଛି, ଯାହା ଆଗାମୀ ଦିନରେ ନଦୀ-ଭିତ୍ତିକ ବାଣିଜ୍ୟ ପ୍ରତି ବଡ଼ ବିପଦ ସାଜିପାରେ।



# ଗ୍ୟାସ୍ 'ମହାସଂକଟ'ର ମୁକାବିଲା ପାଇଁ କେତେ ପ୍ରସ୍ତୁତ ଭାରତ?



**ନୂଆଦିଲ୍ଲୀ,୧୨।୯:** ଆମେରିକା ଓ ଇରାନ ମଧରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ 'ହର୍ମୁଜ ପ୍ରଣାଳୀ' ଉପରେ କେନ୍ଦ୍ରିତ ହୋଇଯାଇଛି। ଏଣୁ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ଦେଇ ଏବେ ତୈଳ ଓ ଗ୍ୟାସ୍ ପରିବହନ ସମ୍ଭବ ହୋଇ ପାରୁନି, ଅନେକ ଜାହାଜ ସମୁଦ୍ରରେ ଫଶି ରହିଛନ୍ତି। ଏଣୁ ସାଧାରଣ ଜନତାଙ୍କୁ ପୁଣି ଥରେ ଗ୍ୟାସ ସଂକଟ ଡରେଇବା ଆରମ୍ଭ କଲାଣି। ୨୮ ଫେବୃଆରୀ ୨୦୨୬ରେ ଯେତେବେଳେ ଆମେରିକା ଓ ଇଜ୍ରାଏଲ ମିଳିତ ଇରାନ ଉପରେ ଆକ୍ରମଣ ଆରମ୍ଭ କଲେ ତା ପରଠାରୁ ଭାରତରେ ଗ୍ୟାସ୍ ଯୋଗାଣ ପ୍ରଭାବିତ ହୋଇଥିଲା। କେତେ ପ୍ରସ୍ତୁତ ଅଛି ଭାରତ? ସବୁ ସ୍ଥାନରେ ଗ୍ୟାସ୍ ପାଇଁ ଲମ୍ବା ଧାଡି ଦେଖାଯାଇଥିଲା। ହେଲେ ଏବେ ଏପରି ହେବନି, କୌଣସି ମହାସଂକଟର ମୁକାବିଲା ନିମନ୍ତେ ଭାରତ ପୁରା ପ୍ରସ୍ତୁତି କରି ରଖିଛି। ପୂର୍ବରୁ ଷ୍ଟ୍ରେଟ୍ ଅଫ ହର୍ମୁଜ ରାସ୍ତାରେ ଭାରତ ୯୦ ପ୍ରତିଶତ ଏଲପିଜି ଆମଦାନୀ କରୁଥିଲା। ହେଲେ ଏବେ ଏହା ହେଉ ନାହିଁ। ଭାରତ ଏବେ ଏଲପିଜି ଗ୍ୟାସ୍ ପାଇଁ କେବଳ ପଶ୍ଚିମ ଏସିୟା ଉପରେ ନିର୍ଭରଶୀଳ ନାହିଁ। ଏବେ ଆମେରିକା ସମେତ ବିଭିନ୍ନ ଦେଶରୁ ଭାରତକୁ ଏଲପିଜି ଆସୁଛି।ପ୍ରତିଦିନ ଭାରତରେ ୩୭ରୁ ୩୮ ହଜାର ମେଟ୍ରିକ ଟନ ଏଲପିଜି ତିଆରି ହେଉଛି। ଏବେ ଦେଶର ରିଫାଇନାରୀଙ୍କ ଉଦ୍ଦେଶ୍ୟ ହେଉଛି ପ୍ରଡକ୍ସନରେ ୧୦% ପର୍ଯ୍ୟନ୍ତ ବୃଦ୍ଧି କରିବା। 'ଦି ଇକୋନମିକ ଟାଇମ୍ସ' ରିପୋର୍ଟ ଅନୁଯାତୀ ସୂତ୍ରଙ୍କ ଅନୁସାରେ ଏବେ ଭାରତ ନିକଟରେ ପ୍ରଚୁର ଏଲପିଜି ଷ୍ଟକ୍ ରହିଛି। ହର୍ମୁଜ ଦେଇ ଏବେବି ଏଲପିଜି ଆସୁଛି, ହେଲେ ଭାରତ ତା ଉପରେ ଆଉ ପୂର୍ବଭଳି ନିର୍ଭର ନୁହେଁ। ହେଲେବି ଯଦି ସପ୍ତାହକ ଲାଗି ହର୍ମୁଜ ବନ୍ଦ ହୋଇଯାଏ ତେବେ ବଡ଼ ସମସ୍ୟା ଉପୁଜିପାରେ। କିପରି ହେଉଛି ଭରଣା? ଭାରତ ଏଲପିଜି ଆମଦାନୀ ଅଭାବ ପୁରା କରିବା ପାଇଁ ଘରୋଇ ପ୍ରଡକ୍ସନ ବଢାଇବା ସହ ଖର୍ଚ୍ଚ ହ୍ରାସ କରିଛି। ପେଟ୍ରୋଲିୟମ ମିନିଷ୍ଟ୍ରି ଅନୁସାରେ ଅଗଷ୍ଟରେ ଦେଶରେ ଏଲପିଜି ଖର୍ଚ୍ଚ ପରିମାଣ ୧୭% ହ୍ରାସ ହୋଇଛି। ଘର, କମର୍ସିଆଲ ୟୁଜର ଓ ଉଦ୍ୟୋଗ ସବୁ ଉପରେ ଏହାର ପ୍ରଭାବ ସ୍ପଷ୍ଟ ଅନୁଭୂତ ହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ବୁଧବାର କହିଛନ୍ତି ଯେ ଆସନ୍ତା ନଭେମ୍ବରରେ ହେବାକୁ ଥିବା ମିଡଟର୍ମ ନିର୍ବାଚନ ପର୍ଯ୍ୟନ୍ତ ତୈଳଦର କମିବାର ନାହିଁ। ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରଲପିଛା ଦର ୧୦୦ ଡଲାରକୁ ପହଞ୍ଚି ସାରିଲାଣି। ଏଣୁ ଭାରତରେ ତୈଳ ବିପଣନ କମ୍ପାନୀ ପ୍ରତି ଲିଟର ପେଟ୍ରୋଲ ଓ ଡିଜେଲ କ୍ଷତି ବଢିବାରେ ଲାଗିଛି। ରିପୋର୍ଟ ଅନୁସାରେ ବିତରଣକାରୀ କମ୍ପାନୀ ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଓ ଡିଜେଲ ୨୩ ଟଙ୍କା କ୍ଷତି ସହିବାକୁ ପଡୁଛି। ସେହିପରି ଏଲପିଜିରେ କମ୍ପାନୀଙ୍କୁ ପ୍ରତି ସିଲିଣ୍ଡର ୨୦୦ ଟଙ୍କା କ୍ଷତି ହେଉଛି।

# ଭାରତରେ କାହିଁକି ଏତେ ମହଙ୍ଗା ଆଇଫୋନ ଡୁଓ?



**ନୂଆଦିଲ୍ଲୀ,୧୨।୯:** ଆପଲ୍ ଭାରତୀୟ ବଜାରରେ ନିଜର ପ୍ରଥମ ଫୋଲ୍ଡେବଲ୍ ଆଇଫୋନ ଡୁଓ ଲଞ୍ଚ କରିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୨,୯୯,୯୦୦ ଟଙ୍କା ରହିଛି। ଏହି ମୂଲ୍ୟ ୨୫୬ ଜିବି ଷ୍ଟୋରେଜ୍ ମଡେଲ୍ ପାଇଁ ରହିଛି। ସେହିପରି ୨ ଟିବି ଷ୍ଟୋରେଜ୍ ଥିବା ଟପ୍ ମଡେଲର ମୂଲ୍ୟ ୪,୪୯,୯୦୦ ଟଙ୍କା ରହିଛି। ଆମେରିକାରେ iPhone Duo ର ପ୍ରାରମ୍ଭିକ ମୂଲ୍ୟ ୧,୯୯୯ ଡଲାର୍ ରହିଛି। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୧ ଲକ୍ଷ ୯୦ ହଜାର ଟଙ୍କା ଅଟେ। ତେଣୁ ପ୍ରଥମ ନଜରରେ ଭାରତରେ ଏହି ଫୋନ୍ ଆମେରିକା ତୁଳନାରେ ପ୍ରାୟ ୫୮ ପ୍ରତିଶତ ମହଙ୍ଗା ଲାଗୁଛି। କିନ୍ତୁ କେବଳ ଦୁଇ ଦେଶର ଲିଷ୍ଟ ପ୍ରାଇସ୍ ତୁଳନା କଲେ ପୂରା ଚିତ୍ର ସାମ୍ନାକୁ ଆସେ ନାହିଁ। ଭାରତରେ ଲାଗୁଥିବା ଟ୍ୟାକ୍ସ ଏବଂ ବିଦେଶରୁ ଫୋନ୍ ଆମଦାନୀ କରିବାର ଖର୍ଚ୍ଚକୁ ଅଲଗା କଲେ ଦୁଇ ଦେଶର ମୂଲ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଯଥେଷ୍ଟ କମିଯାଏ। ଆମେରିକାରେ ମଧ ମୂଲ୍ୟ ସହିତ ଟ୍ୟାକ୍ସ ଯୋଡ଼ିହୋଇଥାଏ: ଭାରତ ଏବଂ ଆମେରିକାରେ ଆଇଫୋନ ଡୁଓ ର ମୂଲ୍ୟ ତୁଳନା କରିବା ସମୟରେ ପ୍ରଥମେ ଟ୍ୟାକ୍ସ ବ୍ୟବସ୍ଥାକୁ ବୁଝିବା ଆବଶ୍ୟକ। ଆମେରିକାରେ ଆପଲ୍ ପକ୍ଷରୁ ଦିଆଯାଇଥିବା ୧,୯୯୯ ଡଲାରର ମୂଲ୍ୟରେ ସେଲ୍ସ ଟ୍ୟାକ୍ସ ସାମିଲ ହୋଇନଥାଏ। ସେଠାରେ ଟ୍ୟାକ୍ସ ରାଜ୍ୟ ଅନୁସାରେ ଭିନ୍ନ ହୋଇଥାଏ। ମିଡିଆ ରିପୋର୍ଟ ଅନୁସାରେ, ଆମେରିକାରେ ସେଲ୍ସ ଟ୍ୟାକ୍ସ ପ୍ରାୟ ୬ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ। ଏହା ଫଳରେ ସେଠାରେ ଫୋନ୍ କିଣିବାର ପ୍ରକୃତ ମୂଲ୍ୟ ପ୍ରାୟ ୨,୨୦୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। ଅନ୍ୟପଟେ ଭାରତରେ ଆଇଫୋନ ଡୁଓ ର ୨,୯୯,୯୦୦ ମୂଲ୍ୟରେ ୧୮ ପ୍ରତିଶତ ଜିଏସଟି ପୂର୍ବରୁ ସାମିଲ ହୋଇ ରହିଛି। ଗତ କିଛି ବର୍ଷ ହେଲା ଆପଲ୍ ଭାରତରେ ବଡ଼ ପରିମାଣରେ ଆଇଫୋନ ଉତ୍ପାଦନ କରୁଛି। ଭାରତରେ ତିଆରି ହେଉଥିବା ଆଇଫୋନ ମଡେଲ୍ଗୁଡ଼ିକରେ ଆମଦାନୀ ସହ ଜଡ଼ିତ ଖର୍ଚ୍ଚ କମ୍ ରହୁଥିବାରୁ ମୂଲ୍ୟକୁ ନିୟନ୍ତ୍ରଣରେ ରଖିବା ସହଜ ହୋଇଥାଏ। କିନ୍ତୁ ଆଇଫୋନ ଡୁଓ କ୍ଷେତ୍ରରେ ଏବେ ସ୍ଥିତି ଭିନ୍ନ। ଏହା ଆପଲର ପ୍ରଥମ ଫୋଲ୍ଡେବଲ୍ ଆଇଫୋନ ହୋଇଥିବାରୁ ଏବେ ଏହାକୁ ଭାରତକୁ ପୂରା ପ୍ରସ୍ତୁତ ୟୁନିଟ୍ ଭାବେ ଆମଦାନୀ କରାଯାଉଛି। ଫୋଲ୍ଡେବଲ୍ ଫୋନ୍ ତିଆରି କରିବାର ପ୍ରଯୁକ୍ତି ମଧ ସାଧାରଣ ସ୍ମାର୍ଟଫୋନ୍ ତୁଳନାରେ ଅଧିକ ଜଟିଳ। ଡିସପ୍ଲେ, ହିଞ୍ଜ୍ ଏବଂ ଅନ୍ୟାନ୍ୟ ଉପାଦାନ ତିଆରିରେ ଅତ୍ୟଧିକ ସଠିକତାର ଆବଶ୍ୟକତା ରହିଥାଏ। ଏହା ସହିତ ଭାରତକୁ ଆମଦାନୀ ହେଉଥିବା ଆଇଫୋନ ଡୁଓ ଉପରେ ପ୍ରାୟ ୨୮ ପ୍ରତିଶତ ଇମ୍ପୋର୍ଟ ଡ୍ୟୁଟିର ପ୍ରଭାବ ପଡ଼ିପାରେ। ତେଣୁ ଭାରତରେ ଏହି ଫୋନର ସ୍ଥାନୀୟ ଉତ୍ପାଦନ ଆରମ୍ଭ କରିବାକୁ ଆପଲକୁ ଆହୁରି କିଛି ସମୟ ଲାଗିପାରେ। ଟ୍ୟାକ୍ସ ଓ ଇମ୍ପୋର୍ଟ ଡ୍ୟୁଟି ହଟାଇଲେ କେତେ ରହିବ ମୂଲ୍ୟ? ଯଦି ଭାରତରେ ଆଇଫୋନ ଡୁଓର ୨,୯୯,୯୦୦ ମୂଲ୍ୟରୁ ୧୮ ପ୍ରତିଶତ ଜିଏସଟି ହଟାଇ ଦିଆଯାଏ, ତେବେ ଏହାର ମୂଲ୍ୟ ପ୍ରାୟ ୨,୫୪,୧୫୩ ଟଙ୍କା ହେବ। ଏହାପରେ ଅନୁମାନିତ ୨୮ ପ୍ରତିଶତ ଇମ୍ପୋର୍ଟ ଡ୍ୟୁଟିକୁ ଅଲଗା କଲେ ମୂଲ୍ୟ ପ୍ରାୟ ୧,୯୮,୫୫୭ ଟଙ୍କା ହେବ।

# ଆରବିଆଇର ରଣନୀତି ସଫଳ ! ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ଶୀର୍ଷରେ




**ମୁମ୍ବାଇ,୧୨।୯:** ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ କ୍ରମାଗତ ଭାବେ ବୃଦ୍ଧି ଘଟିବାରେ ଲାଗିଛି ଏବଂ ଏହା ଲଗାତାର ୧୦ଟି ସପ୍ତାହ ପାଇଁ ଜାରି ରହିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ରଣନୀତି ଏବେ ବେଶ୍ ସଫଳ ହେଉଛି । ଆରବିଆଇ ଦ୍ୱାରା ଆରମ୍ଭ କରାଯାଇଥିବା 'ଫରେନ୍ କରେନ୍ସି ନନ୍-ରେସିଡେଣ୍ଟ୍ ବ୍ୟାଙ୍କ' ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୩୬ ବିଲିୟନ ଡଲାରରୁ ଅଧିକ ପାଣି ଆସିସାରିଛି। ଗତ ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ଏକ ବଡ଼ଧରଣର ବୃଦ୍ଧି ଘଟିଛି । ବୈଦେଶିକ ମୁଦ୍ରା ଭଣ୍ଡାରରେ କେତେ ବୃଦ୍ଧି ଘଟିଛି ? ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଶୁକ୍ରବାର ଦିନ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୪, ୨୦୨୬ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ପ୍ରାୟ ୪୪.୯ ବିଲିୟନ ଡଲାରର ଏକ ବିରାଟ ବୃଦ୍ଧି ଘଟିଛି । ଏହା ପୂର୍ବ ସପ୍ତାହରେ ମଧ ୧୧.୪୮ ବିନିୟନ ଡଲାରର ବୃଦ୍ଧି ଘଟିଥିଲା । ଏହାସହିତ ବର୍ତ୍ତମାନ ଦେଶର ମୋଟ୍ ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ପାଇ ୭୮୫.୭୦୬ ବିଲିୟନ ଡଲାରରେ ପହଞ୍ଚିଛି । ଏହାପୂର୍ବରୁ ଅଗଷ୍ଟ ୨୮, ୨୦୨୬ରେ ଏହି ଭଣ୍ଡାର ୭୪୦.୮୦୩ ବିଲିୟନ ଡଲାରର ସର୍ବକାଳୀନ ରେକର୍ଡ ସ୍ଥାନରେ ଥିଲା, ଯାହା ବର୍ତ୍ତମାନ ଭାଙ୍ଗିଯାଇଛି ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୭୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୫୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୭୩୦ ଟଙ୍କା ଓ ୨୨ କ୍ୟାରଟେ ୧,୪୧,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୫୮୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

## ଅସହାୟ ବୃଦ୍ଧାଙ୍କୁ ଜୀବନସାରା ଭୋଜନ ଯୋଗାଇଦେବ କଳିଙ୍ଗ ଆବାସିକ ବିଦ୍ୟାଳୟ



ଡେରାବିଶ,୧୨।୯ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ୍ଡପୁର ଗ୍ରାମର ସ୍ୱର୍ଗତ ଶ୍ୟାମସୁନ୍ଦର ନାୟକଙ୍କ ଅସହାୟ ବିଧବା ପତ୍ନୀ ଅନିତା ନାୟକ (୮୦)ଙ୍କୁ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ସାରା ଜୀବନ ପାଇଁ ମଧ୍ୟାହ୍ନ ଓ ରାତ୍ରି ଭୋଜନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ସୂଚନା ଅନୁଯାୟୀ ଅନିତାଙ୍କ ସ୍ୱାମୀ ଶ୍ୟାମସୁନ୍ଦରଙ୍କର ୫ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ବେଳେ ତାଙ୍କର କୌଣସି ସନ୍ତାନ ସନ୍ତତି ନାହାନ୍ତି। ଗରିବ ବୃଦ୍ଧା ଅନିତା ବୟସାଧିକ ଯୋଗୁଁ ନିଜେ ଚଳପ୍ରଚଳ ହେବା କଷ୍ଟସାଧ୍ୟ ହୋଇପଡ଼ିଥିବା ବେଳେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ମଧ୍ୟ ଅକ୍ଷମ ହୋଇପଡ଼ିଛନ୍ତି। ଯାହା ଫଳରେ ସେ ବନ୍ଧୁମହଲରେ ଉପବାସରେ କାଳ କାଟୁଥିଲେ। ଏହି ଖବର ପାଇବା ପରେ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାର ମ୍ୟାନ୍ ମନୋଜ କୁମାର ପ୍ରଧାନ ଅନିତାଙ୍କ ନିକଟରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ ଆଜି ମଧ୍ୟାହ୍ନରେ ତାଙ୍କୁ ଖାଦ୍ୟ ଯୋଗାଇ ଦେଇଥିଲେ। ଏଥିସହ ଆଜି ଠାରୁ ସବୁଦିନ ପାଇଁ ଅନିତାଙ୍କୁ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ମଧ୍ୟାହ୍ନ ଓ ରାତ୍ରି ଭୋଜନ ତାଙ୍କ ନିକଟରେ ପହଞ୍ଚାଇ ଦିଆଯିବ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କ ସହ ବିଦ୍ୟାଳୟର ଶିକ୍ଷକ ନିଶିକାନ୍ତ ମହାନ୍ତି ଓ ଦୁର୍ଗା ପ୍ରସାଦ ପଣ୍ଡା ଉପସ୍ଥିତ ରହିଥିଲେ।

### ଗାଁ ସାଥି ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପ୍ରସ୍ତୁତି ବୈଠକ

## ପ୍ରତିଶ୍ରୁତି ପୂରଣ ନହେଲେ ୨୧ରୁ ଧାରଣା



କେନ୍ଦ୍ରାପଡ଼ା,୧୨।୯ (ସଂଚାର ବ୍ୟୁରୋ): ଗାଁ ସାଥି(ମେଟ୍) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ପ୍ରସ୍ତୁତି ବୈଠକ ସଭାପତି ଅନିଲ କୁମାର ଜେନାଙ୍କ ପୌରହିତ୍ୟରେ ଗରାପୁରସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ୨୦ତାରିଖ ପୂର୍ବରୁ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଗାଁ ସାଥି(ମେଟ୍)ମାନଙ୍କ ମାସିକ ପ୍ରୋତ୍ସାହନ ରାଶି ୧୫ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଯଦି ଘୋଷଣା ନକରନ୍ତି ତେବେ ଆସନ୍ତା ୨୧ତାରିଖରୁ ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗରେ ୫ହଜାରରୁ ଊର୍ଦ୍ଧ୍ୱ ଗାଁସାଥିମାନେ ରାଜ୍ୟ ସଙ୍ଘ ଡାକରାରେ ଗଣଧାରଣା ଦେବେ ସହିତ ରାଲି କରି ପ୍ରତିବାଦ ଜଣାଇବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଗଣଧାରଣାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୫ଶହ ଗାଁସାଥି ଯୋଗଦେବେ ବୋଲି ସ୍ଥିର କରାଯାଇଛି।

### ସଂଚାର ପ୍ରଭାବ

## ସଫେଇ ହେଲା ଗଦା ହୋଇଥିବା ଆବର୍ଜନା



କେନ୍ଦ୍ରାପଡ଼ା,୧୨।୯ (ସଂଚାର ବ୍ୟୁରୋ): କେନାଲ ସଫେଇ ପରେ ରାସ୍ତାକଡ଼ରେ ଦୀର୍ଘଦିନ ଧରି ଗଦା ହୋଇ ପଡ଼ିଥିବା ଆବର୍ଜନା ଶେଷରେ ଉଠାଯାଇଛି। 'ସଂଚାର'ରେ ଏନେଇ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ରାସ୍ତାପାର୍ଶ୍ୱରେ ଗଦା ହୋଇଥିବା ଅଳିଆ ଆବର୍ଜନାକୁ ଉଠାଇ ସଫା କରାଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାବତସାହି ପୋଲଠାରୁ ବ୍ଲକ ରୋଡ଼ ପର୍ଯ୍ୟନ୍ତ ଥିବା କେନାଲରେ ଜଳସମ୍ପଦ ବିଭାଗ ପକ୍ଷରୁ ସଫେଇ କରାଯାଇଥିଲା। ମାତ୍ର ସଫେଇ ପରେ କେନାଲରୁ ବାହାରିଥିବା ଆବର୍ଜନାକୁ ରାସ୍ତାକଡ଼ରେ ଗଦା କରି ରଖାଯାଇଥିବାରୁ ଦୁର୍ଗନ୍ଧ ସହ ମଶାମାଛିଙ୍କ ଉପଦ୍ରବ ବଢ଼ିଥିଲା। ଯାହାକୁ ନେଇ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତି ଉଦବେଗ ପ୍ରକାଶ କରିଥିଲେ।ଏନେଇ 'ସଂଚାର'ରେ ଗତ ୨୯ ଅଗଷ୍ଟରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଆଜି ଆବର୍ଜନା ଉଠାଯାଇ ଅଞ୍ଚଳକୁ ସଫା କରାଯାଇଥିବାରୁ ସ୍ଥାନୀୟ ଲୋକେ ଆଶ୍ୱସ୍ତ ହେବା ସହିତ ସଂଚାର କୁ ଧନ୍ୟବାଦ ଜଣାଇଛନ୍ତି।

## ସିସିଟିଭି ଫୁଟେଜ ଆଧାରରେ ୨ ଚୋରି ଅଭିଯୁକ୍ତ କୋର୍ଟ ଚାଲାଣ



ମହାକାଳପଡ଼ା,୧୨।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ଥାନା ଅଧୀନ ବଡ଼ାଭୁଇଁଆ ଗ୍ରାମରେ ଗତ ଅଗଷ୍ଟ ୧୫ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଚୋରି ଘଟଣାରେ ସିସିଟିଭି ଫୁଟେଜ ଆଧାରରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଚୋରି ଘଟଣାକୁ ନେଇ ସଂପୃକ୍ତ ରାଉତରାୟ ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ। ଗୋଟିଏ ରାତିରେ ଗ୍ରାମର ରମେଶ ମଲ୍ଲ ଓ ସୁଶୀଳ ରଞ୍ଜନ ଚୌଧୁରୀଙ୍କ ଘରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସୁଶୀଲଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ ପଶି ଚୋରି କରିଥିବାବେଳେ, ପଡ଼ୋଶୀ ଅଭିଯୋଗକାରିଣୀଙ୍କ ପରିବାର ଲୋକେ ଘରେ ଶୋଇଥିବା ସମୟରେ ମଧ୍ୟ ଚୋରି କରିଥିବା ଜଣାପଡ଼ିଥିଲା।

ଏନେଇ ମହାକାଳପଡ଼ା ଥାନା ପୋଲିସ ୨୩୯/୨୬ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଜଣେ ପଡ଼ୋଶୀଙ୍କ ଘରର ସିସିଟିଭି ଫୁଟେଜ ଯାଞ୍ଚରୁ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦିଗ୍ଧଙ୍କ ସମ୍ପର୍କରେ ପୋଲିସ ସୁରାକ ପାଇଥିଲା। ଏହାପରେ ଶୁକ୍ରବାର ମାର୍ଶାଘାଇ ଥାନା ଅଧୀନ ଗିରଙ୍ଗ ଗ୍ରାମର କୁଳିଆ ଓରଫ ରବୀନ୍ଦ୍ର ନାୟକ ଓ ବୁଲୁ ଓରଫ ସୁଶୀଲ ସ୍ୱାଇଁଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିବା ପରେ ଶନିବାର ରବୀନ୍ଦ୍ର ନାୟକ ଏବଂ ସୁଶୀଲ ସ୍ୱାଇଁ ଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

# ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାରେ ଉତ୍ସାହର ମାହୋଲ

## ଘରେ ଘରେ ପ୍ରସ୍ତୁତି, ବଜାରରେ ବଢ଼ିଲା ଚଳଚଞ୍ଚଳତା

ଭବାନୀପାଟଣା,୧୨।୯ (ସଂଚାର ବ୍ୟୁରୋ): ପଶ୍ଚିମ ଓଡ଼ିଶାର ଗଣପର୍ବ ଭାବେ ପରିଚିତ ନୂଆଁଖାଇ ପର୍ବକୁ ନେଇ ଏବେ ଲୋକଙ୍କ ମନରେ ଦେଖାଦେଇଛି ଭାରି ଉତ୍ସାହ। ପର୍ବ ପାଖେଇ ଆସୁଥିବା ବେଳେ ଗାଁଠୁ ସହର ପର୍ଯ୍ୟନ୍ତ ନୂଆଁଖାଇର ମାହୋଲ ଧୀରେ ଧୀରେ ଜମିବାରେ ଲାଗିଛି। ଘରେ ଘରେ ପରିବାର ସଦସ୍ୟମାନେ ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ବଜାରରେ ମଧ୍ୟ ବଢ଼ିଛି ଚଳଚଞ୍ଚଳତା। ନୂଆ ଧାନକୁ ନେଇ ଚାଷୀ ପରିବାରରେ ଖୁସି, ନୂଆ ବସ୍ତ୍ର କିଣାକିଣିକୁ ନେଇ ଯୁବପିଢ଼ିଙ୍କ ଉତ୍ସାହ ଏବଂ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତିକୁ ନେଇ ଘରର ମହିଳାମାନଙ୍କ ବ୍ୟସ୍ତତା ଏବେ ନୂଆଁଖାଇର ଆଗମନୀ ବାର୍ତ୍ତା ଦେଉଛି।

ନୂଆଁଖାଇ କେବଳ ଏକ ପର୍ବ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ଲୋକଙ୍କ ଜୀବନ, ପରମ୍ପରା, କୃଷି ସଂସ୍କୃତି ଓ ଭାଇଚାରା ସହ ଗଭୀର ଭାବେ ଜଡ଼ିତ ଏକ ମହାନ ସାଂସ୍କୃତିକ ପରମ୍ପରା। ବର୍ଷର ପ୍ରଥମ ନୂଆ ଅମଳକୁ ଇଷ୍ଟଦେବୀ ଓ ଦେବଦେବୀଙ୍କୁ ଅର୍ପଣ କରିବା ପରେ ପରିବାର ସଦସ୍ୟମାନେ ଏକାଠି ହୋଇ ନୂଆ ଖାଇବାର ପରମ୍ପରା ଏହି ପର୍ବର ମୁଖ୍ୟ ବିଶେଷତା। ଏହି ପରମ୍ପରା ମଧ୍ୟରେ ରହିଛି କୃଷି ପ୍ରତି ସମ୍ମାନ, ପ୍ରକୃତି ପ୍ରତି କୃତଜ୍ଞତା ଓ ପରିବାର ମଧ୍ୟରେ ଏକତାର ଭାବନା।

ପର୍ବ ପାଖେଇ ଆସିବା ସହିତ ଗାଁଗୁଡ଼ିକରେ ଏବେଠାରୁ ନୂଆଁଖାଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଘରଦ୍ୱାର ସଫାସୁତୁରା କରିବା, ଘରକୁ ନୂଆ ରୂପ ଦେବା, ପୂଜା ସାମଗ୍ରୀ ଯୋଗାଡ଼ କରିବା ଓ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ନୂଆ ବସ୍ତ୍ର କିଣିବା ଭଳି କାର୍ଯ୍ୟ ଚାଲିଛି। ବାହାରେ ରହୁଥିବା ପରିବାରର ସଦସ୍ୟମାନେ ମଧ୍ୟ ନୂଆଁଖାଇ ପାଇଁ ନିଜ ଗାଁ ଓ ଘରକୁ ଫେରିବାକୁ ପ୍ରସ୍ତୁତ ହେଉଥିବାରୁ ଅନେକ ପରିବାରରେ ଏହି ପର୍ବକୁ ନେଇ ଅଧିକ ଖୁସି ଦେଖାଦେଇଛି।

ନୂଆଁଖାଇକୁ ନେଇ ବଜାରରେ ମଧ୍ୟ ଦେଖାଦେଇଛି ବିଶେଷ ଚଳଚଞ୍ଚଳତା। ବସ୍ତ୍ର ଦୋକାନ, ଜୋତା-ଚପଲ ଦୋକାନ, ମିଠା ଦୋକାନ, ଫଳ ବଜାର ଓ ବିଭିନ୍ନ ଘରୋଇ ସାମଗ୍ରୀ ଦୋକାନରେ ଗ୍ରାହକଙ୍କ ଭିଡ଼ ବଢ଼ୁଛି। ନୂଆଁଖାଇ ଦିନ ପାଇଁ ନୂଆ ବସ୍ତ୍ର କିଣିବାର ପରମ୍ପରା ଥିବାରୁ ବିଭିନ୍ନ ବୟସର ଲୋକ ନିଜ ପସନ୍ଦ ଅନୁଯାୟୀ ପୋଷାକ କିଣୁଛନ୍ତି। ଯୁବପିଢ଼ି ମଧ୍ୟରେ ଏହି କିଣାକିଣିକୁ ନେଇ ବିଶେଷ ଉତ୍ସାହ ଦେଖାଯାଉଛି।

ନୂଆଁଖାଇର ଅନ୍ୟତମ ବିଶେଷତା ହେଉଛି ନୂଆଁଖାଇ ଭେଟଘାଟ। ପର୍ବ ଅବସରରେ ପରିବାର, ବନ୍ଧୁବାନ୍ଧବ ଓ ପରିଚିତମାନେ ପରସ୍ପରକୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ନେଇଥାନ୍ତି। ଛୋଟମାନେ ବଡ଼ମାନଙ୍କୁ ଜୁହାର କରି ଆଶୀର୍ବାଦ ନେଉଥିବା ବେଳେ ବଡ଼ମାନେ ଛୋଟମାନଙ୍କୁ ଶୁଭକାମନା ଦେଇଥାନ୍ତି। ଏହି ଭେଟଘାଟ ପରମ୍ପରା ପରିବାର ଓ ସମାଜ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜବୁତ କରେ।

ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂଆଁଖାଇ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ଗୀତ ଓ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜନ ନେଇ ମଧ୍ୟ ପ୍ରସ୍ତୁତି ଚାଲିଛି। ସ୍ଥାନୀୟ କଳାକାର, ଯୁବକ ସଂଘ, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ନୂଆଁଖାଇକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଯୋଜନା କରାଯାଉଛି।

# ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ମଦ ବିକ୍ରି ଅଭିଯୋଗ

## ବାଲିମେଳାରୁ ସାମ୍ନାକୁ ଆସିଲା ବିଦେଶୀ ଠିପି ବନ୍ଦ ମଦ କାରବାର



ମାଲକାନଗିରି,୧୨।୯ (ସଂଚାର ବ୍ୟୁରୋ): ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତାଘାଟ ଅବରୋଧ ଓ ଯାତାୟାତ ବାଧାପ୍ରାପ୍ତ ହେଉଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି, ୧୨ ସେପ୍ଟେମ୍ବର ୨୦୨୬ରେ ଜିଲ୍ଲାର ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ନିର୍ଦ୍ଦେଶ ଦେଇଥିଲେ।

ସରକାରୀ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ସମ୍ପୃକ୍ତ ଲାଇସେନ୍ସଧାରୀ ଓ ଦୋକାନ ପରିଚାଳକଙ୍କୁ ଏହା କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଥିଲା। ଏପରିକି ନିର୍ଦ୍ଦେଶ ଉଲ୍ଲଂଘନ କରି ମଦ ବିକ୍ରୟ କିମ୍ବା ପରିବେଷଣ କରାଗଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନର ସତର୍କ ସୂଚନା ମଧ୍ୟ ଦିଆଯାଇଥିଲା।

ତେବେ ଏହି ନିର୍ଦ୍ଦେଶ ଜାରି ହେବାର କିଛି ସମୟ ପରେ ମାଲକାନଗିରି ଜିଲ୍ଲାର ବାଲିମେଳା ଅଞ୍ଚଳରୁ ମଦ ବିକ୍ରି ସମ୍ପର୍କିତ ଏକ ଭିଡିଓ ସାମ୍ନାକୁ ଆସିଛି। ଭିଡିଓରେ ବିଦେଶୀ ଠିପି ବନ୍ଦ ମଦ ବିକ୍ରି ହେଉଥିବା ଦାବି କରାଯାଇଛି।

ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଯଦି ମଦ ବିକ୍ରି ହୋଇଥାଏ, ତେବେ ଏହା ନିର୍ଦ୍ଦେଶର ସ୍ପଷ୍ଟ ଉଲ୍ଲଂଘନ ହୋଇପାରେ। ତେଣୁ ଭିଡିଓର ସତ୍ୟତା, ମଦ ବିକ୍ରିର ସ୍ଥାନ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିଷୟରେ ସମ୍ପୃକ୍ତ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ପ୍ରଶ୍ନ ଉଠୁଛି— ଜିଲ୍ଲାର ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ବାଲିମେଳାରେ ମଦ ବିକ୍ରି କିପରି ଚାଲିଥିଲା? ଏନେଇ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନ ହୋଇଥିବା ଦୋକାନୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ କି ନାହିଁ, ତାହା ଉପରେ ଏବେ ନଜର ରହିଛି।

## ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ




ସୁନ୍ଦରଗଡ,୧୨।୯ (ସଂଚାର ବ୍ୟୁରୋ): ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିଠାରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଶନିବାର ଦିନ ବିଦ୍ୟାଳୟର ଜେଆରସି ୟୁନିଟ ତରଫରୁ "ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ " ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦର୍ଲିପାଲି ପ୍ରାଥମିକ ଚିକିତ୍ସାଳୟର ମେଡିକାଲ ଅଫିସର ଡକ୍ଟର ଶୁବକାର ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ପିଲାମାନଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣ ଦେଇ ଥିଲେ ଓ ପ୍ରାଥମିକ ଚିକିତ୍ସା ଆମ ଦୈନନ୍ଦିନ ଜୀବନରେ କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଅବଗତ କରେଇ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଜେଆରସି କାଉନସିଲର ଶ୍ରୀମତୀ ବିଜୟଲକ୍ଷ୍ମୀ ନାୟକ , ଶିବାନୀ ସେଠ୍ ଓ ହରେକୃଷ୍ଣ ମହେଲାଙ୍କ ପରିଚାଳନା କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ସୁନ୍ଦରଗଡ଼,୧୨।୯ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ଅଶୋକ କୁମାର ସ୍ୱାଇଁଙ୍କ ତତ୍ୱାବଧାନ ଓ ସମ୍ପାଦକ ସତ୍ୟଜିତ ପଣ୍ଡାଙ୍କ ପରିଚାଳନା ରେ ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ସମାପନ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜଜ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଦୌରା ଜଜ ଚିନ୍ମୟ କୁମାର ଗଛାୟତ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ ଜ୍ଞାନ ରଞ୍ଜନ ପଟ୍ଟନାଏକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ସ୍ୱାଇଁ,ସିଭିଲ ଜଜ ସିନିଅର ଡିଭିଜନ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ଓ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼କ୍ଟର ସୁରେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ସର୍ବ ମୋଟ ୬୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରକ୍ତଭଣ୍ଡାର ପରାମର୍ଶଦାତା ରତ୍ନପ୍ରଭା ନାଏକ ଓ ତାଙ୍କ ଟିମ ସୁଚାରୁରୂପେ ପରିଚାଳନା କରିଥିଲ।

## ବିଦ୍ୟାଳୟରେ ଆଇନ ସଚେତନତା ଶିବିର




ହିଞ୍ଜିଳିକାଟୁ,୧୨।୯ (ସଂଚାର ବ୍ୟୁରୋ):ତାଲୁକା ଆଇନ ସେବା କମିଟି ପକ୍ଷରୁ ହିଞ୍ଜିଳିକାଟୁ ନିକଟସ୍ଥ ଓଁ ଶ୍ରୀ ଇଣ୍ଟର ନ୍ୟାସନାଲ ବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି | କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜେଏମଏଫସି ବିଚାରପତି ବନଜା ମହାନ୍ତି, ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ,ବିଦ୍ୟାଳୟର ଚେୟାରମ୍ୟାନ ଡ଼ ଏଲ କାମେଶ୍ୱର ରାଓ, ବିଦ୍ୟାଳୟର ଅଧକ୍ଷ ପତିତପାବନ ଆଚାରୀ, ବିଦ୍ୟାଳୟର ଉପଦେଷ୍ଟା ଜିତେନ୍ ପ୍ରହରାଜ ଉପସ୍ଥିତ ଥିଲେ | ଶିଶୁଙ୍କ ସୁରକ୍ଷା ଓ ନିର୍ଯାତନା ରୋକିବା ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ପରାମର୍ଶ ଦେଇଥିଲେ। ସୁନ୍ଦର ଶୈଶବ, ଶିଶୁ ଅଧିକାର ଓ ଶିଶୁ ଶ୍ରମ ନିଷେଧ ଉପରେ ଅତିଥିଗଣ ଆଲୋକପାତ କରିଥିଲେ | ଅଞ୍ଚଳରେ ଦିନକୁ ଦିନ ମହିଳା ହିଂସା ବୃଦ୍ଧି ପାଉଛି ଏଥିପାଇଁ ରହିଥିବା ଆଇନ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା | ସେହିପରି ବାଲ୍ୟ ବିବାହ, ଶିଶୁ ଶ୍ରମିକ ପାଇଁ ରହିଥିବା ଆଇନ ସମ୍ପର୍କରେ କୁହାଯାଇଥିଲା।

## ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ




ବୋରିଗୁମ୍ମା,୧୨।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଚଲାଣ ଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶୁନି ବିଷୋୟୀ, ଏବଂ ଚଲାଣଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ ଏହି ଖେଳ ପ୍ରତିଯୋଗିତାକୁ ସୁଚାରୁରୂପେ ତୁଲାଇଥିଲେ। ଏହି ଜୋନସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନେ ବ୍ଲକସ୍ତରକୁ ଉନ୍ନୀତ ହୋଇଥିଲେ। ଗତ ଦୁଇ ଦିନ ଧରି ଚଲାଣଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ପ୍ରତିଯୋଗିତାରେ ଖେଳ ଶିକ୍ଷକ କିଶୋର କୁମାର ମହାନ୍ତି, ତାରସ ମୁର୍ମୁ, ହୃଦାନନ୍ଦ ନାୟକ, ଦେବଦତ୍ତ ମିଶ୍ର,ହୃଷିକେଶ ଦିଶାରୀ, ଶିକ୍ଷୟତ୍ରୀ ଶିଲ୍ପା ସେଠି, ଓ ମଧୁମିତା ରାଓ ପ୍ରମୁଖ ପରିଚାଳନା କରି ଏହି କ୍ରୀଡା ପ୍ରତିଯୋଗିତାକୁ ଶୃଙ୍ଖଳିତ ସହ ସମାପନ କରିଥିଲେ। ଗତ ଦୁଇ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ବର୍ଗର ଖେଳରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ।

# ଲୋକ ଅଦାଲତରେ ମିଳିଲା ତ୍ୱରିତ ନ୍ୟାୟ

## ୪୭୦୭ ମାମଲାର ଫଇସଲା, ଆଦାୟ ହେଲା ୯.୩୬ କୋଟିରୁ ଅଧିକ




ଯାଜପୁର,୧୨।୯(ସଂଚାର ବ୍ୟୁରୋ): ଦୀର୍ଘଦିନ ଧରି ଅଦାଲତରେ ବିଚାରାଧୀନ ଥିବା ମାମଲାର ଶୀଘ୍ର ସମାଧାନ ସହ ପକ୍ଷଭୁକ୍ତମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନର ମାଧ୍ୟମ ପାଲଟିଛି ରାଷ୍ଟ୍ରୀୟ ଲୋକ ଅଦାଲତ। ଶନିବାର ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୪୭୦୭ଟି ମାମଲାର ଫଇସଲା ହୋଇଛି। ଏହି ମାମଲାଗୁଡ଼ିକରେ ମୋଟ ୮ କୋଟି ୭୫ ଲକ୍ଷ ୯୭ ହଜାର ୩୧୪ ଟଙ୍କା ଆଦାୟ କରାଯାଇଛି।

ଫଇସଲା ହୋଇଥିବା ମାମଲା ମଧ୍ୟରେ ୧୬୧ଟି ଫୌଜଦାରୀ, ୪୧ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ୪୨ଟି ଦେୱାନୀ, ୧୯ଟି ପାରିବାରିକ କଳହ, ୧୪ଟି ଶ୍ରମ ବିବାଦ, ୪ଟି ଖାଉଟି ବିବାଦ ଏବଂ ୧୫୫ଟି ଟ୍ରାଫିକ୍ ଚାଲାଣ ରହିଛି। ସେହିପରି ରାଜସ୍ୱ ବିଭାଗର ୪୨୭୧ଟି ମାମଲାର ମଧ୍ୟ ସମାଧାନ ହୋଇଛି।

ଲୋକ ଅଦାଲତରେ କେବଳ ବିଚାରାଧୀନ ମାମଲା ନୁହେଁ, ପ୍ରାକ୍-ବିଚାରାଧୀନ ମାମଲାଗୁଡ଼ିକର ମଧ୍ୟ ଆପୋସ ସମାଧାନ କରାଯାଇଛି। ବିଭିନ୍ନ ବ୍ୟାଙ୍କର ୬୦ଟି, ବିଦ୍ୟୁତ ବିଭାଗର ୩୦୯ଟି, ସ୍ଥାୟୀ ଲୋକ ଅଦାଲତର ଗୋଟିଏ ଏବଂ ଟେଲିଫୋନ୍ ସମ୍ବନ୍ଧୀୟ ୨୩ଟି ପ୍ରାକ୍-ବିଚାରାଧୀନ ମାମଲାର ଫଇସଲା ହୋଇଛି। ଏଥିରୁ ମୋଟ ୬୦ ଲକ୍ଷ ୫୧ ହଜାର ୯୪୭ ଟଙ୍କା ଆଦାୟ କରାଯାଇଛି।ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣର ସଚିବ ଲିପା ମହାନ୍ତି ଏହାକୁ ପରିଚାଳନା କରିଥିଲେ।

ଲୋକ ଅଦାଲତରେ ପରିବାର ଅଦାଲତର ବିଚାରପତି ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଭାଗୀୟ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ପଲ୍ଲବୀ ରାଣୀ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ବରିଷ୍ଠ ବିଚାରପତି ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନୀତା ବିଶ୍ୱାଳ, ଜେଏମ୍‌ଏଫ୍‌ସି ବୀଣାପାଣି ଟାଣ୍ଡି ଏବଂ ଜେଏମ୍‌ଏଫ୍‌ସି ଅଂଶୁମାନ ରଥ ପ୍ରମୁଖ ଯୋଗଦେଇ ବିଭିନ୍ନ ମାମଲାର ଫଇସଲା କରିଥିଲେ।

## କୂଅରୁ ବୃଦ୍ଧା ଉଦ୍ଧାର



ଢେଙ୍କାନାଳ, ୧୨।୯(ସଂଚାର ବ୍ୟୁରୋ): ଗଁଦିଆ ବ୍ଲକ କରମୂଳ ଅଞ୍ଚଳର ରାଇପାଳ ଗ୍ରାମରେ ଏକ ୪୫ ଫୁଟ୍ ଗଭୀର କୂଅରୁ ୭୧ ବର୍ଷୀୟା ବୃଦ୍ଧା ଦୂଲେଇ ସାହୁଙ୍କୁ ଗଁଦିଆ ଅଗ୍ନିଶମ ବାହିନୀ ସୁରକ୍ଷିତ ଭାବେ ଉଦ୍ଧାର କରିଛି। କୌଣସି କାରଣରୁ ବୃଦ୍ଧା ଜଣକ କୂଅ ମଧ୍ୟରେ ପଡ଼ିଯାଇଥିବା ଜଣାପଡ଼ିଛି।ଘଟଣା ସମ୍ପର୍କରେ ଖବର ପାଇ ଗଁଦିଆ ଅଗ୍ନିଶମ ବାହିନୀର ଭାରପ୍ରାପ୍ତ ଅଧିକାରୀ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଦଳରେ ସଚିନ୍ଦ୍ର ନାଏକ, ସନ୍ତୋଷ ଷେଣ୍ଢ଼, ମନୋଜ ସିଂ, ଆଲୋକ ବେହେରା, ଗୌତମ ବେହେରା ଓ କ୍ଷୀରୋଦ୍ର ଧାରୁଆ ସାମିଲ ଥିଲେ। ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ଅତ୍ୟନ୍ତ ସତର୍କତାର ସହ ଉଦ୍ଧାର କାର୍ଯ୍ୟ ଚଳାଇ ବୃଦ୍ଧା ଦୂଲେଇ ସାହୁଙ୍କୁ କୂଅ ମଧ୍ୟରୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ। ଗଁଦିଆ ଅଗ୍ନିଶମ ବାହିନୀର ତ୍ୱରିତ ଓ ସାହସିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

### ୧୫୧ ବର୍ଷ ଧରି ଜଳୁଛି ବନ୍ଧଟିଆ ମଠ ଗଣେଶ ପୂଜାର ପରମ୍ପରା

# ଲଣ୍ଠନ ଆଲୁଅରୁ ଆଜିର ଝଲମଲ ଆଲୋକ



ଧାମନଗର,୧୨/୦୯(ସଂଚାର) : ସେଦିନ ନଥିଲା ବିଦ୍ୟୁତ୍, ନଥିଲା ଆଧୁନିକ ମଣ୍ଡପ। ଲଣ୍ଠନ ଆଲୁଅରେ ଚାଲୁଥିଲା ପୂଜା, ବର୍ଷା ଓ କାଦୁଅକୁ ଖାତିର ନକରି ଲୋକେ ଦେଖୁଥିଲେ ଯାତ୍ରା। ପୂଜା ପାଇଁ ମୁଠାଏ ମୁଠାଏ ଚାଉଳ ଓ ଧାନ ସଂଗ୍ରହ କରୁଥିଲେ ଗ୍ରାମବାସୀ। ସମୟ ବଦଳିଲା। ଛଣ ଘରରୁ ଟିଣ ଘର, ଟିଣ ଘରରୁ ପକ୍କା ମଣ୍ଡପ। ଲଣ୍ଠନ ଆଲୁଅ ଗଲା, ଆସିଲା ଝଲମଲ ଆଲୋକସଜ୍ଜା। ଛୋଟ ଆୟୋଜନ ଏବେ ଲକ୍ଷାଧିକ ଟଙ୍କାର ଉତ୍ସବରେ ପରିଣତ। ହେଲେ ଦେଢ଼ ଶତାବ୍ଦୀର ଆସ୍ଥା ଓ ପରମ୍ପରା ଆଜି ବି ସେହିଭଳି ଅତୁଟ। ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ବଜାରର ମଠ ଗଣେଶ ପୂଜା ଏହାର ଜ୍ୱଳନ୍ତ ଉଦାହରଣ। ପ୍ରାୟ ୧୫୧ ବର୍ଷ ଧରି ଏଠାରେ ପୂଜା ହୋଇଆସୁଛି। ପିଢ଼ି ପରେ ପିଢ଼ି ଏହି ପରମ୍ପରାକୁ ଆଗେଇ ନେଇଛନ୍ତି ଅଞ୍ଚଳବାସୀ।ସ୍ଥାନୀୟ ବୟୋଜ୍ୟେଷ୍ଠଙ୍କ ଅନୁସାରେ, ଏହି ପୂଜାର ବହୁ ପୁରାତନ ସମୟର ଇତିହାସ ପୁରୀ ଜଗନ୍ନାଥଙ୍କ ବାଲିସାହି ଗୋପାଳ ତୀର୍ଥ ମଠ ସହ ଜଡ଼ିତ। ମଠ ଅଧୀନରେ ବନ୍ଧଟିଆରେ ଜଣେ ଗୋମାସ୍ତା ରହୁଥିଲେ। ଗଣେଶ ପୂଜା ସମୟରେ ବାଲିସାହି ମଠରୁ ସ୍ୱାମୀଜୀ ଏଠାକୁ ଆସୁଥିଲେ। ସେତେବେଳେ ବଡ଼ରାପତ୍ର ଘର ମଧ୍ୟରେ ଗଣେଶଙ୍କ ପୂଜା ହେଉଥିଲା।୧୮୭୫ ମସିହାରେ ମଠ ସହ ସମ୍ପୃକ୍ତ ଲୋକେ ବା ସ୍ୱାମୀଜି ଓ ଗୋମସ୍ତା ଏଠାରୁ ଚାଲିଯିବା ପରେ ପୂଜାର ଭବିଷ୍ୟତ ନେଇ ପ୍ରଶ୍ନ ଉଠିଥିଲା। କିନ୍ତୁ ପୂଜା ବନ୍ଦ ହେବାକୁ ଦେଇ ନଥିଲେ ଅଞ୍ଚଳବାସୀ।

୧୮୭୫ ମସିହାରୁ ବନ୍ଧଟିଆ, ରାଧାବଲ୍ଲଭପୁର, କାଇସାହି, ଛତ୍ରପଦା, ଗୁମୁଗଡ଼, ଝାଟିଆସାହି, ବନସର ଓ ଷୋଳଗାଁର ଲୋକେ ମିଳିତ ଭାବେ ପୂଜାର ଦାୟିତ୍ୱ ନେଇଥିଲେ। କ୍ଷେତ୍ରବାସୀ ପଣ୍ଡା, ଗୌରାଙ୍ଗ ଜେନା, ହୃଷିକେଶ ବ୍ରହ୍ମଚାରୀ ଓ ନରେନ୍ଦ୍ର ଉପାଧ୍ୟାୟ ଉପଦେଷ୍ଟା ଭାବେ ଆଗକୁ ଆସିଥିଲେ। ଅଭିଳାଷ ବିଶ୍ୱାଳ, ଆନନ୍ଦଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ପଣ୍ଡା, କୈଳାସ ଉପାଧ୍ୟାୟ, ଆନନ୍ଦଚନ୍ଦ୍ର ରାଉତଙ୍କ ସମେତ ଗ୍ରାମବାସୀ ଘରେ ଘରେ ମୁଠି ଚାଉଳ ଓ ଧାନ ସଂଗ୍ରହ କରୁଥିଲେ। ସେହି ସାମୂହିକ ଉଦ୍ୟମରେ ପୂଜା ଚାଲିଲା। ଧୀରେ ଧୀରେ ଏହି ପୂଜା ଅଞ୍ଚଳର ପରିଚୟ ପାଲଟିଗଲା। ପୂଜା ପ୍ରଥମେ ବଡ଼ରା ଘରେ, ପରେ ଛଣ ଘରେ ଏବଂ ପରବର୍ତ୍ତୀ ସମୟରେ ଟିଣ ଘରେ ହେଉଥିଲା। ୧୯୮୭ ମସିହାରେ ବନ୍ଧଟିଆରେ ଭୟାବହ ଅଗ୍ନିକାଣ୍ଡ ଘଟି ଶତାଧିକ ଘର ପୋଡ଼ି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗଣେଶ ମଠ ଘର ମଧ୍ୟ ପୋଡ଼ି ଯାଇଥିଲା। ଘର ଜଳିଗଲା, କିନ୍ତୁ ଗ୍ରାମବାସୀଙ୍କ ଆସ୍ଥା ଜଳିଲା ନାହିଁ। ପୁଣି ଘର ତିଆରି ହେଲା, ପୂଜା ଚାଲିଲା। ଶେଷରେ ୨୦୦୮ ମସିହାରେ ଏଠାରେ ପକ୍କା ଘର ନିର୍ମାଣ ହେଲା। ପୂର୍ବରୁ ପାଞ୍ଚଦିନ ଧରି ପୂଜା ପାଳନ ହେଉଥିଲା। ବରହମପୁର ଓ ନଗେଶପୁର ଅଞ୍ଚଳରୁ ଯାତ୍ରା ପାର୍ଟି ଆସି ଯାତ୍ରା ପରିବେଷଣ କରୁଥିଲେ। ବିଦ୍ୟୁତ୍ ନଥିବାରୁ ଲଣ୍ଠନ ଆଲୁଅରେ ହିଁ ଯାତ୍ରା ଦେଖୁଥିଲେ ଲୋକେ।

ମୁଠାଏ ଚାଉଳରୁ ଆରମ୍ଭ ହୋଇଥିବା ଯାତ୍ରା ଆଜି ଲକ୍ଷାଧିକ ଟଙ୍କାର ଆୟୋଜନରେ ପହଞ୍ଚିଛି। ଘର ବଦଳିଛି, ଆଲୋକ ବଦଳିଛି, ପୂଜାର ଆୟୋଜନ ବଦଳିଛି, ହେଲେ ୧୫୧ ବର୍ଷର ଏହି ପରମ୍ପରାକୁ ଆଗେଇ ନେବାର ଗ୍ରାମବାସୀଙ୍କ ଆସ୍ଥା ଆଜି ବି ଅକ୍ଷୁର୍ଣ୍ଣ।

### ଆଲି କଳିଙ୍ଗ ଗ୍ୟାସର ମନମାନୀ

## ଗାଁରେ ଲୋକଙ୍କୁ ଶୋଷଣ, ଡେଲିଭରି ନାଁରେ ଅଧିକ ୨୦ରୁ ୪୦ ଟଙ୍କା ଆଦାୟ

ଓଲାଭର,୧୨।୯(ସଂଚାର ବ୍ୟୁରୋ): ଆଲି ବ୍ଲକରେ କଳିଙ୍ଗ ଗ୍ୟାସ ଏଜେନ୍ସିର ଦାଦାଗିରି ଚରମ ସୀମାରେ ପହଞ୍ଚିଛି। ଗାଁ ଗାଁରେ ଗ୍ୟାସ ଡେଲିଭରି ବାବଦରେ ଗ୍ରାହକଙ୍କ ଠାରୁ ଜୋର ଜବରଦସ୍ତ ଅଧିକ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି।ସରକାରୀ ନିୟମ ଅନୁସାରେ ଗ୍ୟାସ ବୁକିଂ ଦାମ ଭିତରେ ହୋମ ଡେଲିଭରି ଚାର୍ଜ ସାମିଲ ଅଛି। ହେଲେ ଆଲି କଳିଙ୍ଗ ଗ୍ୟାସ ପକ୍ଷରୁ ଗାଁ କୁ ଗାଁ ଯାଇ ଗ୍ୟାସ ଦେବା ବେଳେ ଗ୍ରାହକଙ୍କ ଠାରୁ ବିଲ ଠାରୁ ଅଧିକ ୨୦ ଟଙ୍କା, ୩୦ ଟଙ୍କା ଏମିତି କି ୪୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଆଦାୟ କରାଯାଉଛି ଆଲି କଳିଙ୍ଗ ଗ୍ୟାସ । ଯିଏ ଦେବାକୁ ମନା କରୁଛି ତାକୁ ଗ୍ୟାସ ଦିଆଯାଉନି କିମ୍ବା ପରବର୍ତ୍ତୀ ଥର ଗ୍ୟାସ ଦେବାରେ ବିଳମ୍ବ କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଗରିବ, ଦିନ ମଜୁରିଆ ଏବଂ ମହିଳା ମାନେ ଏହି ଅଧିକ ଟଙ୍କା ଦେଇ ଦେଇ ନୟାନ୍ତ ହେଲେଣି। ମାସକୁ ମାସ ଏହି ଅଧିକ ଟଙ୍କା ଆଦାୟ ଦ୍ୱାରା ଏଜେନ୍ସି ଲକ୍ଷାଧିକ ଟଙ୍କା ଲୁଟୁଛି।ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । କଳିଙ୍ଗ ଗ୍ୟାସର ଏହି ମନମାନୀ ଉପରେ ରୋକ ଲଗାଇ ଗାଁରେ ନିର୍ଦ୍ଧାରିତ ଦାମରେ ଗ୍ୟାସ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ନହେଲେ ଆଗାମୀ ଦିନରେ ଏଜେନ୍ସି ଆଗରେ ଧାରଣା ଦେବେ ବୋଲି ଓଲାଭରର କିଛି ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।






# ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍

# ପୁରୁଷଙ୍କୁ ବିପଦ ଅଧିକ

ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ମୁଖ୍ୟତଃ ଯୁବାବସ୍ଥାରେ ହୋଇଥାଏ। ଜଣଙ୍କ ବୟସ ୨୦ରୁ ୪୦ବର୍ଷ ହୋଇଥିବା ବେଳେ ଏହା ଆରମ୍ଭ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ। କିନ୍ତୁ ଚିକିତ୍ସାରେ ଅବହେଳା ଯୋଗୁଁ ବୟସ ବଢ଼ିବା ବେଳକୁ ଏହି ରୋଗୀମାନଙ୍କ ସକ୍ରିୟତା କମି ଯାଇଥାଏ। କ୍ରମଶଃ ସେମାନେ ଆବଶ୍ୟକ ଚଳପ୍ରଚଳ କରିପାରି ନଥାନ୍ତି। ବରଂ ସେମାନଙ୍କ ଶରୀର ନମନୀୟତା ହରାଇଥାଏ। ଯଦି ଆରମ୍ଭରୁ ଏହି ରୋଗର ଚିକିତ୍ସା କରାଯାଏ, ତେବେ ରୋଗୀ ସୁସ୍ଥ ହୋଇପାରିବେ। ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ଏକପ୍ରକାରର ଗଣ୍ଠିବାତ, ଯାହା ସମୟ ସହିତ ମେରୁଦଣ୍ଡ, ହାତ ଓ ଏହାର ଆଖପାଖ ଗଣ୍ଠି ସମୂହକୁ ପ୍ରଭାବିତ କରିଥାଏ। କ୍ରମଶଃ ରୋଗୀର ମେରୁଦଣ୍ଡର ନମନୀୟତା ମଧ ନଷ୍ଟ ହୋଇଯାଏ। ପରିଣାମ ସ୍ୱରୂପ, ଧୀରେ ଧୀରେ ରୋଗୀର ଶରୀର ବଙ୍କା ହୋଇଯାଇଥାଏ। ଏହି ରୋଗର ପ୍ରକୃତ କାରଣ ଏଯାଏ ଜଣାପଡ଼ି ନାହିଁ। ପ୍ରାୟତଃ ବଂଶଗତ ଓ ପରିବେଶର ପ୍ରଭାବରେ ଏହି ରୋଗ ହୋଇଥାଏ। ଏଚ୍ଏଲ୍ଏ-ବି୨୭ ନାମକ ଏକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଦେଇଥାଏ। ଆଙ୍କାଇଲୋଜି ସ୍ପଣ୍ଡିଲାଇଟିସ୍ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଠାରେ ଅଧିକ ଦେଖା ଦେଇଥାଏ।

**ରୋଗର ଲକ୍ଷଣ**

ଏହି ସ୍ପଣ୍ଡିଲାଇଟିସ୍ ଆରମ୍ଭ ପର୍ଯ୍ୟାୟରେ ଅଣ୍ଟାର ନିମ୍ନ ଭାଗରେ ଯନ୍ତ୍ରଣା ହେବା ସହ ଷ୍ଟିଫ୍ ହୋଇଯାଇଥାଏ। ଏହି ଯନ୍ତ୍ରଣା ବିଶେଷତଃ ସକାଳ ସମୟରେ କିମ୍ବା ଶରୀର ନିଷ୍କ୍ରିୟ ହେବା ପରେ ଅନୁଭୂତ ହୋଇଥାଏ। ଏହି ରୋଗ ହେବା ପରେ ବେକରେ ଯନ୍ତ୍ରଣା ଓ ଥକାପଣ ଅନୁଭବ ହୁଏ। ସମୟ ସହିତ ଏସବୁ ଲକ୍ଷଣରେ ପରିବର୍ତ୍ତନ ଆସିଥାଏ। ଏହାର କେତେକ ମୁଖ୍ୟ ଲକ୍ଷଣ ହେଉଛି:

୧. ସକାଳୁ ଉଠିବା ପରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅଣ୍ଟା ଦରଜ ରହିବା।

୨. ରାତିରେ ଶୋଇବା ସମୟରେ ପିଠି ଦରଜ ବଢ଼ିଯିବା।

୩. ବେକ ଦରଜ ହେବା ସହ ବୁଲାଇବାରେ ମଧ ଯନ୍ତ୍ରଣା ହେବା।

୪. ଅନ୍ୟାନ୍ୟ ଗଣ୍ଠି, ଯେପରିକି ଜଂଘସନ୍ଧି, ଆଣ୍ଠୁ, କାନ୍ଧ ଓ କହୁଣି ଆଦି ଫୁଲିବା ସହ ଦରଜ ହେବା।

୫. ସକାଳୁ ଉଠି ଭୂଇଁରେ ପାଦ ପକାଇବାରେ କଷ୍ଟ ହେବା।

୬. ଆଖି ଲାଲ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହେବା।

ପ୍ରାୟ ୯୦ ଭାଗ ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗୀଙ୍କଠାରେ ଏଚ୍ଏଲ୍ଏ-ବି୨୭ ଜିନ୍ ରହିଥିବା ଜଣାପଡ଼ିଛି।

**ଚିହ୍ନଟ କରିବେ କେମିତି**

ଯଦି କୌଣସି ଲୋକ ନିୟମିତ ଭାବେ ସକାଳୁ ଉଠିବା ସମୟରେ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ, କିନ୍ତୁ କିଛି ସମୟର କାର୍ଯ୍ୟକଳାପ ପରେ ଏହି ଯନ୍ତ୍ରଣା କମିଯାଇଥାଏ ତେବେ ଏହା ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟ୍ସ ବୋଲି ସନ୍ଦେହ କରାଯାଇପାରେ। ଏହି ପରିସ୍ଥିତିରେ ତୁରନ୍ତ ରୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ। ଏଥିପାଇଁ ବିଭିନ୍ନ ପ୍ରକାରର ରକ୍ତ ପରୀକ୍ଷା କରାଯାଏ ଯେପରି ଇଏସ୍ଆର୍, ସି.ଆର୍.ପି. ଓ ଅଣ୍ଟା ଏକ୍ସରେ ମାଧମରେ ଏହି ରୋଗକୁ ଚିହ୍ନଟ କରାଯାଏ। ଏହା ବ୍ୟତୀତ ରୋଗର ଚିହ୍ନଟ ପାଇଁ ଏମ୍.ଆର୍.ଆଇ. ଓ ଏଚ୍ଏଲ୍ଏ-ବି୨୭ ଜିନ୍ର ପରୀକ୍ଷା ମଧ କରାଯାଇଥାଏ।

> ଏହା ଏପରି ଏକ ଗଣ୍ଠିବାତ, ଯାହା ମେରୁଦଣ୍ଡ, ହାତ ଓ ଏହାର ଆଖପାଖ ଗଣ୍ଠି ସମୂହକୁ ପ୍ରଭାବିତ କରିଥାଏ। ଧୀରେଧୀରେ ରୋଗୀର ଶରୀର ବଙ୍କା ହୋଇଯାଇଥାଏ।

**ଚିକିତ୍ସା ଓ ନିୟନ୍ତ୍ରଣର ଉପାୟ**

ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନରେ ବହୁପ୍ରକାର ଔଷଧ ଉପଲବ୍ଧ ହେଲାଣି, ଯାହାକୁ ଡିଜିଜ୍ ମୋଡିଫାଇଙ୍ଗ୍ ଆଣ୍ଟିରୁମାଟିକ୍ ଡ୍ରଗ୍ସ କୁହାଯାଏ। ସ୍ପଣ୍ଡିଲାଇଟିସ୍କୁ ସଂପୂର୍ଣ୍ଣ ଭଲ କରାଯାଇ ନପାରିଲେ ମଧ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରାଯାଇପାରିବ। ଏଥିସହିତ ତୀବ୍ର ବେଗରେ ବଢୁଥିବା ରୋଗର ଗତିକୁ ହ୍ରାସ କରିଦିଆଯାଇପାରେ।

ଦୈନନ୍ଦିନ ଜୀବନରେ ବିଭିନ୍ନ ଆହ୍ୱାନକୁ ସାମନା କରିବା ପାଇଁ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱର ଆବଶ୍ୟକତା ରହିଛି। ଶରୀର ପାଇଁ ଫଳ, ପନିପରିବା, ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟ ସହ ସତେଜ ଓ ସୁସ୍ଥକର ଖାଦ୍ୟ ଦରକାର। ଅଧିକ ମଦ୍ୟପାନ ଓ ଧୂମପାନ ନ କରିବା ଭଲ। ପର୍ଯ୍ୟାପ୍ତ ମାତ୍ରାର କ୍ୟାଲ୍ସିୟମ୍ ଓ ଭିଟାମିନ୍ ଡି ଖାଇଲେ ଭଲ। ଏହି ଦୁଇ ପୋଷକତତ୍ତ୍ୱ ହାଡ଼କୁ ମଜଭୁତ କରିଥାଏ। ବୟସ୍କଙ୍କ କ୍ଷେତ୍ରରେ ଦିନକୁ ୧୦୦୦ରୁ ୧୨୦୦ ମି.ଗ୍ରା. କ୍ୟାଲ୍ସିୟମ୍ ଆବଶ୍ୟକ ହୋଇଥାଏ। କିନ୍ତୁ ନିଜ ପାଇଁ କେତେ କ୍ୟାଲ୍ସିୟମ୍ ଆବଶ୍ୟକ, ତାହା ଡାକ୍ତରଙ୍କ ସହ ପରାମର୍ଶ କଲେ ଜଣାପଡ଼ିବ। କ୍ୟାଲ୍ସିୟମ୍ଯୁକ୍ତ ଖାଦ୍ୟପଦାର୍ଥ ମଧରେ ଦୁଗ୍ଧ ଜାତୀୟ ଉତ୍ପାଦ, କଦଳୀ, ବ୍ରୋକୋଲି, ଶସ୍ୟଜାତୀୟ ଖାଦ୍ୟ ଓ ଜୁସ୍ ଆଦି ରହିଛି। ସେହିପରି ଭିଟାମିନ୍ ଡି କେତେକ ମାଛ ଓ ସୂର୍ଯ୍ୟକିରଣରେ ରହିଛି। ଏହା ସହିତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ।

**ଚିକିତ୍ସା ନିର୍ଦ୍ଦେଶକ,ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରୁମାଟୋଲୋଜି କେନ୍ଦ୍ର**
**ସହିଦନଗର, ଭୁବନେଶ୍ୱର**

# କ୍ରୋଧ କମାଉଛି ଓମେଗା-୩

ଏକ ଖାଦ୍ୟ ପରିପୂରକ ଭାବେ ବ୍ୟବହୃତ ତଥା ମାଛ ତେଲରେ ରହିଥିବା ଓମେଗା-୩ ପରି ଚର୍ବିଳାମ୍ଳ ଆମର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରଖିବା ସହ ଆମର ଆକ୍ରମଣାତ୍ମକ ମନୋଭାବ କମାଇଥାଏ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାଯାଇଛି। ପୂର୍ବରୁ ସିଜୋଫ୍ରେନିଆ ରୋଗର ପ୍ରତିରୋଧକ ଭାବେ ଏହି ଓମେଗା-୩କୁ ବିବେଚନା କରାଯାଉଥିଲା। ଏହି ଅବସରରେ କୌଣସି ପୋଷକତତ୍ତ୍ୱର ଅଭାବକୁ ପୀଡ଼ିତର ଆକ୍ରମଣାତ୍ମକ ମନୋଭାବ ଓ ଅସାମାଜିକ ବ୍ୟବହାର ପାଇଁ ଦାୟୀ କରାଯାଉଥିଲା। ଆମେ ଯାହା ଭକ୍ଷଣ କରୁଛୁ, ତାହା ଆମର ମସ୍ତିଷ୍କ ରସାୟନକୁ ପ୍ରଭାବିତ କରିଥାଏ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପେନ୍ସିଲ୍ଭାନିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଅନୁଯାୟୀ, ଏହି ଓମେଗା-୩ ମଧ ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି। ୧୯୯୬ ମସିହାରୁ ୨୦୨୪ ମଧରେ ଏକ ଦୀର୍ଘମିଆଦୀ ଅନୁଧ୍ୟାନରେ ୩,୯୧୮ଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ପ୍ରାୟ ୨୯ ପ୍ରକାର ନିୟନ୍ତ୍ରିତ ପରୀକ୍ଷା ନିରୀକ୍ଷା ଚଳାଇ ସେମାନେ ଏହି ନିର୍ଯାସରେ ପହଞ୍ଚିପାରିଛନ୍ତି। ବୟସ-ଲିଙ୍ଗ ନିର୍ବିଶେଷରେ ପ୍ରାୟ ୧୬ ସପ୍ତାହର ଓମେଗା-୩ ପ୍ରୟୋଗ ଦ୍ୱାରା ପ୍ରାୟ ୨୮ ପ୍ରତିଶତ ଆକ୍ରମଣାତ୍ମକ ମନୋଭାବ କମିପାରୁଛି ବୋଲି ଜାଣିବାକୁ ମିଳିଛି। ପେନ୍ସିଲ୍ଭାନିଆ ଗବେଷକମାନଙ୍କ ଏହି ନୂତନ ସିଦ୍ଧାନ୍ତ ଏକ ସକାରାତ୍ମକ ପରିଣାମ ଆଣିପାରିବାର ଆଶା ସଂଚାର କରିଛି। ବିଶେଷ କରି ଏପରି ଆକ୍ରମଣାତ୍ମକ ବ୍ୟବହାର ପ୍ରଦର୍ଶନ ଦେଖାଉଥିବା ଶିଶୁଙ୍କୁ ସପ୍ତାହକୁ ସ୍ୱାଭାବିକଠାରୁ ଟିକେ ଅଧିକ ପରିମାଣର ମାଛ ଖାଇବାକୁ ଦେଇ ତାହାକୁ ନିୟନ୍ତ୍ରଣ କରିହେବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ସେହିପରି ଶରୀରରେ ଏହି ଓମେଗା-୩ ଚର୍ବିଳାମ୍ଳର ସନ୍ତୁଳନ ହିଁ ସମାଜରେ ହିଂସାତ୍ମକ କାର୍ଯ୍ୟକଳାପ ରୋକିବାରେ ଅନ୍ୟତମ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।



# ମହିଳାଙ୍କ ଉପରେ ଧୂମପାନର କୁପ୍ରଭାବ

ଧୂମପାନ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ପ୍ରକାର କୁପ୍ରଭାବ ପକାଇଥାଏ। ଧୂମପାନ କରୁଥିବା ମହିଳାମାନଙ୍କ ଶରୀର ଭିତରକୁ ବିଭିନ୍ନ ପ୍ରକାର ଅପକାରୀ ରାସାୟନିକ ଓ କର୍କଟ ସୃଷ୍ଟିକାରୀ କାର୍ସିନୋଜେନ ପ୍ରବେଶ କରି ବିଶେଷ କରି ଫୁସ୍ଫୁସ୍ କର୍କଟ, ସ୍ତନ କର୍କଟ ଓ ଜରାୟୁ କର୍କଟ ଆଦିର ଆଶଙ୍କା ବଢ଼ାଇଥାଏ। ସେହିପରି ଶରୀରର ରକ୍ତକଣିକାଗୁଡ଼ିକ ସଂକୁଚିତ ହୋଇ ରକ୍ତଚାପ ବଢ଼ାଇବା ସହ ହୃଦ୍‌ଘାତ ଆଶଙ୍କା ଆଣିଥାଏ। ଏହା ଶ୍ୱାସନଳୀରେ କ୍ଷତି ପହଞ୍ଚାଇ ବ୍ରୋଙ୍କାଇଟିସ୍, ଏମ୍ଫାଇସେମା ଓ ଅନ୍ୟାନ୍ୟ ଶ୍ୱାସକ୍ରିୟା ଜଡ଼ିତ ରୋଗ ସୃଷ୍ଟି କରିଥାଏ। ମହିଳାଙ୍କ ଶରୀରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ହରମୋନ୍ କ୍ଷରଣରେ ଅସନ୍ତୁଳନ ଆଣି ପ୍ରଜନନ ବା ଗର୍ଭଧାରଣ କ୍ଷମତା କମାଇ ଦେଇଥାଏ। ଏହା ମଧ ମହିଳାଙ୍କର ଗର୍ଭାଶୟ ବାହାରେ ଗର୍ଭଧାରଣ (ଇକ୍ଟୋପିକ୍ ପ୍ରେଗ୍ନାନ୍ସି) ସମସ୍ୟା ଆଣିବା ସହ ଶୀଘ୍ର ରଜନିବୃତ୍ତି (ମେନୋପଜ୍) କରାଇଥାଏ। ଅନିୟମିତ ଋତୁସ୍ରାବ ସହିତ ମାସିକ ଋତୁ ବେଳେ ଭୀଷଣ ତଳିପେଟ ଯନ୍ତ୍ରଣା ହୋଇଥାଏ। ଧୂମପାନ ଯୋଗୁଁ ଗର୍ଭପାତର ଆଶଙ୍କା ରହିବା ସହ ଅକାଳ ପ୍ରସବରେ ଅପରିପକ୍ୱ ଶିଶୁ ତଥା ଅଳ୍ପ ଓଜନର ଶିଶୁ ଜନ୍ମ ସହ ନବଜାତ ଠାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିଥାଏ। ସେହିପରି ଏହା ଶରୀରର ଅସ୍ଥିଗୁଡ଼ିକୁ ଦୁର୍ବଳ କରିଦେବା ସହ ତ୍ୱଚାର ନମନୀୟତା ନଷ୍ଟ କରି ଅକାଳ ବାର୍ଦ୍ଧକ୍ୟ ଆଣିଥାଏ। ଏହା ଶରୀରର ରୋଗପ୍ରତିରୋଧ ଶକ୍ତିକୁ ଦୁର୍ବଳ କରିଦେଇଥାଏ। ଧୂମପାନ ଦ୍ୱାରା ଫୁସ୍ଫୁସ୍ର ଶ୍ୱାସକ୍ରିୟା କ୍ଷମତାରେ ହ୍ରାସ ଘଟି ମାଂସପେଶୀ ଦୁର୍ବଳ ହୋଇଯାଏ, ଶରୀର କୌଣସି କାର୍ଯ୍ୟ ପାଇଁ ଅନୁପଯୁକ୍ତ ହୋଇପଡ଼େ।





# ଓଜନ ହ୍ରାସ ପାଇଁ ଆୟୁର୍ବେଦ ଉପାୟ

ଆଧୁନିକ ଜୀବନଚର୍ଯ୍ୟାରେ ସମ୍ପ୍ରତି ମେଦବହୁଳତା ବା ଓଜନବୃଦ୍ଧି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଜୀବନଶୈଳୀ ସାଙ୍ଗକୁ ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଯୋଗୁଁ ଖୁବ୍ ଅଳ୍ପ ବୟସର କିଶୋରକିଶୋରୀଙ୍କ ଠାରେ ହୃଦ୍‌ଘାତ ଓ ମଧୁମେହ ପରି ରୋଗ ଦେଖାଦେଉଛି। ତେଣୁ ଶରୀରର ବର୍ଦ୍ଧିତ ଓଜନକୁ କମାଇବା ଲାଗି ଅନେକଙ୍କ ଆଖିରୁ ନିଦ ହଜିଯାଇଛି। ଏହାର ଉପଚାର ପାଇଁ ବଜାରରେ ଆଧୁନିକ ଚିକିତ୍ସା ପଦ୍ଧତି ଓ ଔଷଧ ଉପଲବ୍ଧ। ତେବେ ଆମ ପାରମ୍ପରିକ ଚିକିତ୍ସା ପଦ୍ଧତି ଆୟୁର୍ବେଦରେ ବି ରହିଛି ଏହାର ଉପଚାର। ଏହି ଚିକିତ୍ସା ପଦ୍ଧତି ମଣିଷର ଶରୀର, ମନ ଓ ଚେତନା ମଧରେ ତାଳମେଳ ରଖି ସ୍ୱାଭାବିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ। ଏହି କ୍ରମରେ ଏପରି ଅନେକ ଆୟୁର୍ବେଦୀୟ ଉପାୟ ରହିଛି, ଯାହା ଶରୀରରେ ଅନାବଶ୍ୟକ ଭାବେ ଗଚ୍ଛିତ ଚର୍ବିକୁ ତରଳାଇ ଓଜନ କମାଇବାରେ ସହାୟକ ହୁଏ। ଏହି ଧାରାରେ ପ୍ରଥମେ ଆସେ ପିପଳି। ଏହା ହଜମ ପ୍ରକ୍ରିୟାକୁ ସୁଗମ କରିବା ସହ ଓଜନ ହ୍ରାସ ପାଇଁ ଏକ ଅମୋଘ ଅସ୍ତ୍ର ଭାବେ କାମ କରିଥାଏ। ପିପଳିରେ ଥିବା ପିପରମିନ୍ ନାମକ ଉପାଦାନ ଶରୀରରେ ତାପ ସୃଷ୍ଟି କରି ବଳକା ଚର୍ବିକୁ ଜଳାଇଦେଇଥାଏ। ଏଥି ସହିତ ଏହାର ଆଣ୍ଟିଅକ୍ସିଡାଣ୍ଟ୍ ଗୁଣ ଶରୀରରେ ସୃଷ୍ଟ କ୍ଷତିକାରକ ମୁକ୍ତ ଅଣୁସମୂହକୁ ପ୍ରତିରୋଧ କରି ସ୍ୱାସ୍ଥ୍ୟ ଠିକ୍ ରଖିଥାଏ। ଏହା କୋଷୀୟ କ୍ରିୟା ଓ ଶରୀର ଗଠନରେ ମଧ ସହାୟକ ହୋଇଥାଏ। ଡାଲଚିନି ହେଉଛି ଅନ୍ୟତମ ମହୌଷଧି, ଯାହା ରକ୍ତଶର୍କରା ନିୟନ୍ତ୍ରଣ ଓ ଶରୀର ଗଠନକୁ ନିୟମିତ କରିଥାଏ। ଡାଲଚିନି ମନରେ ପୂର୍ଣ୍ଣତା ଭାବ ଆଣିବା ସହ କ୍ଷୁଧା ଦୂର କରି ଓଜନବୃଦ୍ଧିକୁ ରୋକିଥାଏ। ଏହା ମଧ ପିପଳି ଅନୁରୂପ ଚର୍ବି ଦହନକୁ ପ୍ରୋତ୍ସାହିତ କରି ମେଦବହୁଳତା କମାଇଥାଏ।

ଭାରତୀୟ କିନୋ ବୃକ୍ଷ ଭାବେ ପରିଚିତ ପିଆଶାଳ କାଠ ରସର ମଧ ଓଜନହ୍ରାସ ଗୁଣ ରହିଛି। ଏହା ଶରୀରର ପୋଷକତତ୍ତ୍ୱ ଆହରଣ କ୍ଷମତାକୁ ବଢ଼ାଇବା ସହ କୋଲେଷ୍ଟେରଲ ସ୍ତର ଓ ଚର୍ବିସୃଷ୍ଟିକୁ କମାଇଥାଏ। ତ୍ରିଫଳା (ହରିଡ଼ା, ବାହାଡ଼ା ଓ ଅଁଳାର ସମାହାର) ଅନ୍ତନାଳୀରେ ଖାଦ୍ୟପଦାର୍ଥର ଗତିକୁ ସୁଗମ କରି କୋଷ୍ଠକାଠିନ୍ୟ ଦୂର କରିଥାଏ। ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସନ କରିବାର ଗୁଣ ମଧ ଏହାର ରହିଛି। ତେଣୁ ତ୍ରିଫଳା ଗୁଣ୍ଡ ସେବନ ଦ୍ୱାରା ଚର୍ବି ଓ ଓଜନ ହ୍ରାସ ହୋଇଥାଏ। ବାଡ଼ିବଗିଚାରେ ବଢୁଥିବା ଗୁଳୁଚିର ଓଜନହ୍ରାସ ଦିଗରେ ଗୁରୁ ଭୂମିକା ରହିଛି। ଏହା ଶରୀରର ରୋଗପ୍ରତିରୋଧକତା ବଢ଼ାଇବା ସହ ଶରୀର ଗଠନକୁ ଉନ୍ନତ କରି ଶାରୀରିକ ଓଜନକୁ ନିୟନ୍ତ୍ରିତ କରିଥାଏ। ଜଣେ ଆୟୁର୍ବେଦ ଚିକିତ୍ସକଙ୍କ ସହ ପରାମର୍ଶ ପରେ ଏସବୁ ଗ୍ରହଣୀୟ।






# ଆଖି ତଳ ଦାଗ ଉପଚାରରେ ‘ଫିଲର୍ସ’

ଅନେକଙ୍କର ଆଖି ତଳେ ଗାଢ଼ ରଙ୍ଗର ଦାଗ ଦେଖାଦେଇଥାଏ। ଏହା ଜଣଙ୍କୁ କ୍ଳାନ୍ତ ଅଥବା ବୟସ୍କ ହୋଇଥିବାର ଭାବନା ଆଣିଥାଏ। ଏପରି କଳା ଦାଗ ଲିଭାଇବା ପାଇଁ ପ୍ରଚୁର ସୁଖନିଦ୍ରା ସହ ଅଧିକ ପାନୀୟ ସେବନ ଓ ନାନା ପ୍ରକାର ରାସାୟନିକ ପ୍ରଲେପ ବୋଳିବା ପାଇଁ ପରାମର୍ଶ କରାଯାଇଥାଏ। ତେବେ ସେଗୁଡ଼ିକ କ୍ଷଣସ୍ଥାୟୀ ଉପଚାର କହିଲେ ଅତ୍ୟୁକ୍ତି ହେବନାହିଁ। ଅପରପକ୍ଷେ, ଏବେ ସେହି କଳାଦାଗ ଚିରଦିନ ପାଇଁ ଲିଭାଇବା ଲାଗି ଚର୍ମ ତଳେ ‘ଅଣ୍ଡର-ଆଇ ଫିଲର୍ସ’ ନାମକ ଏକ ପ୍ରକାର ତରଳ ପଦାର୍ଥର ଉପଯୋଗ ଲୋକପ୍ରିୟ ହେବାରେ ଲାଗିଛି। ଆମ ଶରୀରର ଚର୍ମକୁ ଚିକ୍କଣ ତଥା ଆର୍ଦ୍ର ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ହ୍ୟାଲୁରୋନିକ ଏସିଡ୍(ଏଚଏ) ପରି ପ୍ରାକୃତିକ ସାମଗ୍ରୀରୁ ସ୍ୱତନ୍ତ୍ର ଭାବରେ ସୃଷ୍ଟ ଏହି ‘ଅଣ୍ଡର-ଆଇ ଫିଲର୍ସ’କୁ ସାଧାରଣତଃ ଇଞ୍ଜେକ୍ସନ ସାହାଯ୍ୟରେ ଉପଯୋଗ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ଚର୍ମ ପତଳା ହୋଇଗଲେ କି ଚର୍ମତଳେ ଚର୍ବି ଅଂଶ କି କୋଲାଜେନ୍ ପରିମାଣ କମିଗଲେ ଆଖିତଳେ ଏପରି କଳାଦାଗ ଦେଖାଦେଇଥାଏ। ତେବେ ଅଣ୍ଡର-ଆଇ ଫିଲର୍ସ ଆଖି ତଳେ ପ୍ରବେଶ କରିବା ମାତ୍ରେ ତାହା ଧୀରେଧୀରେ ସଂପୃକ୍ତ ସ୍ଥାନକୁ ଉଜ୍ଜ୍ୱଳ ତଥା ତାଜା କରିଦେବା ସହ ଚର୍ମର ଆର୍ଦ୍ରତା ଓ ନମନୀୟତା ବଢ଼ାଇ ତ୍ୱଚାର ପୂର୍ବରୂପ ଫେରାଇ ଆଣିଥାଏ। ମାତ୍ର ୧୫ରୁ ୩୦ ମିନିଟ ଭିତରେ ସାଧିତ ହୋଇ ପାରୁଥିବା ଏହି ଫିଲର୍ସ ଉପଯୋଗ ପ୍ରକ୍ରିୟା ଏକ ଅଣ-ଅସ୍ତ୍ରୋପଚାର ପଦ୍ଧତି ହେବା ସହ ଏହାର ତତ୍କାଳ ଫଳାଫଳ ପାଇଁ ଏହାର ଚାହିଦା ବଢ଼ିବାରେ ଲାଗିଛି।



# ମହିଳାଙ୍କ ଠାରେ କାହିଁକି ବଢୁଛି ଆକସ୍ମିକ ହୃଦଘାତ

କରୋନା ପରେ ହୃଦଘାତକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଛି। ମହିଳାଙ୍କଠାରେ ମଧ୍ୟ ବୟସ ବଢ଼ିବା ସହ ହୃଦରୋଗ ଓ ହୃଦଘାତର ବିପଦ ବଢୁଛି । ତେବେ ଏଠାରେ ଦୁଇଟି ଭିନ୍ନ ଅବସ୍ଥାକୁ ବୁଝିବା ଜରୁରୀ । ହୃଦଘାତ ଏବଂ ଆକସ୍ମିକ ହୃଦକ୍ରିୟା ବନ୍ଦ ଏକା ନୁହେଁ । ହୃଦଘାତରେ ହୃତପିଣ୍ଡର କୌଣସି ଅଂଶକୁ ରକ୍ତ ଯୋଗାଉଥିବା କରୋନାରି ଧମନୀରେ ରକ୍ତପ୍ରବାହ ବାଧାପ୍ରାପ୍ତ ହୁଏ । ଅନ୍ୟପଟେ, ଆକସ୍ମିକ ହୃଦକ୍ରୀୟା ବନ୍ଦ ହେବାରେ ହୃତପିଣ୍ଡର ବିଦ୍ୟୁତ୍ କାର୍ଯ୍ୟରେ ଗୁରୁତର ବିଘ୍ନ ଘଟି ହୃତପିଣ୍ଡ ଶରୀରକୁ ପ୍ରଭାବଶାଳୀ ଭାବରେ ରକ୍ତ ପମ୍ପ କରିପାରେ ନାହିଁ । ଫଳରେ ହାର୍ଟ ଆର୍ଟକ ହୁଏ । ଆକସ୍ମିକ ହୃଦକ୍ରିୟା ବନ୍ଦ କ'ଣ ? ହୃଦକ୍ରିୟା ହଠାତ୍ ବନ୍ଦ ହେବା ହେଉଛି ଏକ ଜରୁରୀ ଅବସ୍ଥା । ଏଥିରେ ହୃତ୍ପିଣ୍ଡର ଅସ୍ୱାଭାବିକ ବିଦ୍ୟୁତ୍ ଗତିବିଧି ହେତୁ ହୃତ୍ପିଣ୍ଡ ରକ୍ତ ପମ୍ପ କରିବାର କ୍ଷମତା ହରାଇଥାଏ । ଫଳରେ ମସ୍ତିଷ୍କ ଓ ଅନ୍ୟ ଅଙ୍ଗକୁ ରକ୍ତ ଓ ଅମ୍ଳଜାନ୍ ପହଞ୍ଚିବା ବନ୍ଦ ହୋଇଯାଏ । ବ୍ୟକ୍ତି ହଠାତ୍ ଅଚେତ ହୋଇପାରନ୍ତି, ସାଧାରଣ ଶ୍ୱାସ ରହିନପାରେ ଏବଂ ତୁରନ୍ତ ସିପିଆର୍ ଓ ଆବଶ୍ୟକ ହେଲେ ବିଦ୍ୟୁତ୍ ଝଟକା ଦେଇ ହୃଦସ୍ପନ୍ଦନ ସ୍ୱାଭାବିକ କରିବାର ପ୍ରକ୍ରିୟା (ଡିଫିବ୍ରିଲେସନ୍) ନ ମିଳିଲେ ମୃତ୍ୟୁ ହୋଇପାରେ। ମହିଳାଙ୍କଠାରେ ବିପଦ କେବେ ବଢ଼େ ? ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ ହୃଦକ୍ରିୟା ହଠାତ୍ ବନ୍ଦ ହେବାର ବିପଦ ସାଧାରଣତଃ କମ୍ ଥାଏ । କିନ୍ତୁ ବୟସ ବଢ଼ିବା ଓ ବିଶେଷକରି ମାସିକ ଋତୁସ୍ରାବ ବନ୍ଦ ହେବା ପରେ ଏହି ବିପଦ ବଢ଼ିଥାଏ ।

# ଅଣ୍ଟା ଯନ୍ତ୍ରଣାର ସରଳ ଉପଚାର

ଜିକାଲି ଅଣ୍ଟା ଯନ୍ତ୍ରଣା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ନିୟମିତ ଚାଲିବା ହେଉଛି ଏଭଳି ଏକ ବିପଦହୀନ ବ୍ୟାୟାମ, ଯାହା ଅଣ୍ଟା ଯନ୍ତ୍ରଣାକୁ ଦୂର କରିଦେଇପାରିବ ବୋଲି ଅଷ୍ଟ୍ରେଲିଆର ମାକ୍ୱାରି ବିଶ୍ୱବିଦ୍ୟାଳୟର ଗବେଷକମାନେ ଦାବି କରିଛନ୍ତି। ଏକ ଅନୁଧ୍ୟାନରେ ୭୦୧ ଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଅଣ୍ଟାରେ ଯନ୍ତ୍ରଣା ଏଭଳି ଏକ ଅସୁସ୍ଥତା, ଯାହା ଥରେ ଆରମ୍ଭ ହେଲେ ଲାଗି ରହିଥାଏ। ଚିକିତ୍ସା ଦ୍ୱାରା ଉପଶମ ଲାଭ କରିଥିବା ପୀଡ଼ିତଙ୍କ ଭିତରୁ ପ୍ରାୟ ୭୦% ବର୍ଷକ ପରେ ପୁଣି ଅଣ୍ଟାରେ ଯନ୍ତ୍ରଣା ଅନୁଭବ କରିଥା’ନ୍ତି। ତେବେ ବିନା ଖର୍ଚ୍ଚରେ ଯେ କୌଣସି ସ୍ଥାନରେ ଓ ଯେ କୌଣସି ସମୟରେ ଉପଲବ୍ଧ ହୋଇପାରୁଥିବା ‘ଚାଲିବା’ ବ୍ୟାୟାମ ହିଁ ଏ ଦିଗରେ ସର୍ବଶ୍ରେଷ୍ଠ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଗବେଷକମାନେ କହିଛନ୍ତି। ତେବେ ଚାଲିବା ଦ୍ୱାରା ଅଣ୍ଟା ଯନ୍ତ୍ରଣା ଦୂର ହେବାର ଠୋସ୍ କାରଣ ସେମାନେ ପାଇନାହାନ୍ତି। ସମ୍ଭବତଃ ଚାଲିଲେ ଆମର ମେରୁହାଡ଼, ସ୍ନାୟବିକ ସଂରଚନା ଓ ମାଂସପେଶୀଗୁଡ଼ିକ ଦୃଢ଼ ହୋଇଥାଏ, ଫଳରେ ଅଣ୍ଟାଯନ୍ତ୍ରଣା ଦୂର ହୋଇଥାଏ।



### ଆବାସରୁ ବଞ୍ଚିତ ଅସହାୟ ପରିବାର

# ଭଙ୍ଗା କୁଡ଼ିଆରେ ୧୦ ପ୍ରାଣୀ କୁଟୁମ୍ବ

ଘସିପୁରା,୧୨।୯ (ସଂଚାର ବ୍ୟୁରୋ): ଆବାସରୁ ବଞ୍ଚିତ ଦୁର୍ବିସହ ଜୀବନ ବିତାଉଛନ୍ତି ଜଣେ ଅସହାୟ ପରିବାର। ଭଙ୍ଗା କୁଡ଼ିଆରେ ବିତୁଛି ୧୦ ପ୍ରାଣୀ କୁଟୁମ୍ବଙ୍କ ଦିନ। ଏହି ପରିବାରର ଅବସ୍ଥା ଦେଖିଲେ ସରକାରଙ୍କ ଆବାସ ଯୋଜନାର ଲାଭ ପ୍ରକୃତରେ ପାଉଛି କିଏ? ସରକାରୀ ଯୋଜନା ବାସ୍ତବରେ କାହା ପାଇଁ ଉଦିଷ୍ଟ। ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା କେନ୍ଦୁପାଟିଆ ଆଦିବାସୀ ବସ୍ତି। ଏହି ବସ୍ତିରେ ଏକ ଭଙ୍ଗା କୁଡ଼ିଆରେ ରହୁଛନ୍ତି ମାତାଜୀ ମୁଣ୍ଡାଙ୍କ ପରିବାର। ଘର ଏମିତି ଯେ କବାଟ ନାହିଁ। ମାଟି କାନ୍ଥକୁ ଚାଳଛପର। ତା' ଭିତରେ ମାତାଜୀ ତାଙ୍କ ସ୍ୱାମୀ ଘନ ମୁଣ୍ଡ, ଦୁଇ ପୁଅ ବୋହୂ ଏମିତି ୧୦ ପ୍ରାଣୀ କୁଟୁମ୍ବ ଦୁର୍ବିସହ ଜୀବନ ବିତାଉଛନ୍ତି। ପରଘରେ ମୂଲମଜୁରୀ କଲେ ଯାଇ ଏମାନଙ୍କ ପେଟକୁ ଦାନା ଜୁଟେ। ଅର୍ଥ ଅଭାବରୁ ପକ୍କା ଘର ଖଣ୍ଡେ କରିପାରିନାହାନ୍ତି। ଆବାସ ଯୋଜନାରେ ବି ସାମିଲ ହୋଇପାରିନାହାନ୍ତି। ଭଙ୍ଗା ଘରେ ଜଙ୍ଗଲୀ ଜନ୍ତୁ ତଥା ସରିସୃପର ଭୟରେ ରାତି କଟୁଛି। ଗତ ଲଘୁଚାପ ଜନିତ ଲଗାଣ ବର୍ଷାରେ ଘରର ଅବସ୍ଥା ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଛି। ଆବାସ ଗୃହଟିଏ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଗୁହାରି କରିଥିଲେ ମଧ ଫଳ ଶୂନ। ଆବାସଟିଏ ପାଇଁ ସରକାରୀ ସ୍ତରରେ କିପରି ଆବେଦନ କରିବାକୁ ପଡ଼ିବ ତାହା ବି ଜଣାନାହିଁ ଏମାନଙ୍କୁ। ସେପଟେ ସ୍ୱାମୀ ଘନ ମୁଣ୍ଡାଙ୍କୁ ଆବଶ୍ୟକ କାଗଜପତ୍ର ଅଭାବରୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନି। ଘଟଣା ସମ୍ପର୍କରେ ଘସିପୁରା ବିଡିଓଙ୍କୁ ଅବଗତ କରାଯିବା ପରେ ସେ ତ୍ୱରିତ ପଦକ୍ଷେପ ନେଇ ପରିବାରକୁ ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବ୍ଲକ ପ୍ରଶାସନ ଏହି ଆଦିବାସୀ ପରିବାର ସମ୍ପର୍କରେ ଅନୁଧ୍ୟାନ କରି ତୁରନ୍ତ ଆବାସ ଯୋଜନାରେ ଗୃହ ଓ ଭତ୍ତା ଯୋଗାଇଦେବାକୁ ଦାବି ହୋଇଛି।



## ଅବ୍ୟବସ୍ଥାରେ ଚାଲିଛି ଅଲିମାଡା ଅଙ୍ଗନବାଡ଼ି କେନ୍ଦ୍ର




କନ୍ଧମାଳ,୧୨।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଲାବୃତି ପଞ୍ଚାୟତ ଅଧିନରେ ଥିବା ଅଲିମାଡା ଅଙ୍ଗନବାଡ଼ି କେନ୍ଦ୍ର ବର୍ତ୍ତମାନ ଅବ୍ୟବସ୍ଥା ଏବଂ ବିପଦ ସଂକୁଳ ଅବସ୍ଥାରେ ଚାଲିଛି। ଅଙ୍ଗନବାଡି କେନ୍ଦ୍ର ଚାଳ ଚଟାଣ ରେ ଟାଇଲ ପଡ଼ି ଚକ ଚକ ଦେଖାଯାଉଥିବା ବେଳେ ବାହାର ଭିତର କାନ୍ଥ ଏବଂ ଛାତ ର ଅବସ୍ଥା ଅତି ଦୟନୀୟ ହୋଇ ପଡ଼ିଛି। ଅଳ୍ପ ବର୍ଷାରେ ଅଙ୍ଗନବାଡ଼ି କେନ୍ଦ୍ର ର କବାଟ ଝରକା ଦେଇ ପାଣି ଘର ଭିତରେ ପଶୁଥିବା ବେଳେ ଘରର ଛାତ ରୁ ମଧ୍ୟ ପାଣି ଗଳୁଛି। ବର୍ତ୍ତମାନ ଅଙ୍ଗନବାଡ଼ି କେନ୍ଦ୍ର ର ଛାତ ରୁ କଂକ୍ରିଟ ଖଣ୍ଡ ପଡୁଥିବା ବେଳେ ଛାତ ର ଛଡ଼ ଦେଖାଗଲାଣି ଯାହାଦ୍ୱାରା କେତେବେଳେ ଯେ କୋମଳ ମତି ଶିଶୁଙ୍କ ସହ ଅନ୍ୟ କାହାର ଜୀବନ ଚାଲିଯିବ ତାହା କହି ହେବ ନାହିଁ। ଘର ଭିତରେ ଥିବା ଶିକ୍ଷଣୀୟ ଅନୁସଙ୍ଗିକ ଜିନିଷ ସହ ଚାଉଳ ଏମିତି କି ସମସ୍ତ କାଗଜ ପତ୍ର ମଧ୍ୟ ବର୍ଷା ଜଳେ ନଷ୍ଟ ହେଉଛି। ବର୍ତ୍ତମାନ ଅଙ୍ଗନବାଡ଼ି ଶିଶୁଙ୍କ ଶିକ୍ଷା ବ୍ୟବସ୍ଥା ଏବଂ ଭବିଷ୍ୟତ ଅବ୍ୟବସ୍ଥା ଦେଇ ଗତି କରୁଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ବର୍ତ୍ତମାନ ୨୭ ଜଣ କୋମଳ ମତୀ ଶିଶୁ ପାଠ ପଢୁଛନ୍ତି। ପାର୍ବତୀ କହଁର ଅଙ୍ଗନବାଡ଼ି କର୍ମୀ ଥିବା ବେଳେ ସହାୟିକା ଭାବରେ ଛବିରାଣି ବଗାର କାମ କରୁଛନ୍ତି। ବର୍ତ୍ତମାନ ପରିସ୍ଥିତି ରୁ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିପଦ ସଂକେତ ଅଙ୍ଗନବାଡ଼ି କେନ୍ଦ୍ର ଭିତରେ ପାଠ ପଢ଼ାଇବା ସମସ୍ୟା ପାଲଟିଛି। ଏବେ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ କୁ ତ୍ୱରିତ ପଦକ୍ଷେପ ନେବାକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଉଛନ୍ତି। ସବୁ ଜାଣି ଶୁଣି ପ୍ରଶାସନ ଏହି ସମସ୍ୟା ପ୍ରତି ଆଖି ବୁଜି ଦେଇଛନ୍ତି କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବା ମଧ୍ୟ ଅଙ୍ଗନବାଡ଼ି କର୍ମୀ। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କ ଗୁହାରି କେହି କର୍ଣ୍ଣପାତ କରୁନଥିବା କହିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ଗୃହ ବହୁ ପୁରୁଣା ଘର ହୋଇଥିବାରୁ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ କରିବାକୁ ଦାବି କରିଛନ୍ତି ଅଲିମାଡା ଗ୍ରାମବାସୀ।

## ଛେପାପାଲିରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ସୁବର୍ଣ୍ଣପୁର,୧୨।୯ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ହରଡ଼ଖୋଲ କ୍ଲଷ୍ଟର୍‌ର ଛେପାପାଲି ପ୍ରାଥମିକ ବିଦ୍ୟାଳୟଠାରେ ତୃତୀୟ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରଶ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଭରଦ୍ୱାଜ ଦାଶ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଭରଦ୍ୱାଜ ଦାଶ ଏବଂ ନୂତନ ଭାବେ ଲେଭେଲ୍ ଆଇ.ଭି ଓ ଲେଭେଲ୍ ଭି.ବି ପଦୋନ୍ନତି ପାଇଥିବା କ୍ଲଷ୍ଟର୍‌ର ଘନଶ୍ୟାମ ମିଶ୍ର, କୁମୁଦିନୀ ବେହେରା ଓ ଅନୁପମା ବାଗଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଯାଇଥିଲା। ସିଆର୍‌ସିସି ଶ୍ରୀମତି ସାହୁ ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ। ଏହାପରେ ସିଆର୍‌ଜି ବବ୍‌ଲି ମିଶ୍ର ସମସ୍ତ ବିଷୟର ସାମଗ୍ରିକ ଆକଳନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଲକର୍ମା ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ବିକ୍ରମ କୁମାର ନନ୍ଦ ମଉଳିକ ସାକ୍ଷରତା ଓ ସଙ୍ଖ୍ୟାଜ୍ଞାନ ଉପରେ ବିଭିନ୍ନ ଉଦାହରଣ ସହ ଆଲୋଚନା କରିଥିଲେ। ଶେଷରେ ବୈଦ୍ୟନାଥ ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ଶ୍ରୀ ଘନଶ୍ୟାମ ମିଶ୍ର ଶିକ୍ଷଣ ସୋପାନ ଉପରେ ବିଷଦ ଆଲୋଚନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଶିକ୍ଷକ ସମ୍ମାନିତ

ବୈଶିଙ୍ଗା,୧୨।୯ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥ ଉଚ୍ଚ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଅନ୍ତର୍ଜାତୀୟ ସାକ୍ଷରତା ଦିବସ ରେ ସମ୍ମାନିତ ହୋଇଛନ୍ତି। ବାରିପଦା ରୋଟାରୀ କ୍ଲବ୍ ପକ୍ଷରୁ ରୋଟାରୀ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ସାକ୍ଷରତା ଦିବସ -୨୦୨୬ ପାଳନ ଅବସରରେ ଜିଲ୍ଲାର ୧୫ ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ 'ରାଷ୍ଟ୍ର ନିର୍ମାତା ସମ୍ମାନ' ରେ ସମ୍ମାନିତ କରଯାଇଛି। ବାରିପଦା ରୋଟାରୀ କ୍ଲବ୍ ସଭାପତି ତିମିର କୁମାର ଘୋଷ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ପ୍ରାକ୍ତନ ରୋଟାରୀୟାନ ଇନ୍ଦ୍ରଜିତ୍ ସାହୁ ମୁଖ୍ୟ ଅତିଥି, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ହରିନାରାୟଣ ବେହେରା ମୁଖ୍ୟବକ୍ତା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନନୀୟ ଅତିଥି, କ୍ଲବ୍ ର ସାକ୍ଷରତା ସମିତି ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ବସା ଓ କ୍ଲବ୍ ସଂପାଦକ ସନ୍ଦୀପ ଚାନ୍ଦ ଯୋଗଦେଇ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଅଜିତ କୁମାର ଜେନା ଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଛନ୍ତି। ପ୍ରକାଶ ଥାଉକି ଶ୍ରୀ ଜେନା ବିଜ୍ଞାନ, ପରିବେଶ, କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକାରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି।

## ଧରାପଡ଼ିଲେ ମୋବାଇଲ ଚୋରି କରୁଥିବା ୨ ଚୋର



ବୈଶିଙ୍ଗା,୧୨।୯(ସଂଚାର ବ୍ୟୁରୋ): ବୈଶିଙ୍ଗା ବଜାରରେ ଥିବା ମୋବାଇଲ ଦୋକାନରୁ ମୋବାଇଲ ଚୋରି କରୁଥିବା ବେଳେ ଦୁଇ ଚୋରଙ୍କୁ ମାଡ଼ି ବସିଲେ ଦୋକାନୀ। ସ୍ଥାନୀୟ ଲୋକେ ଦୁଇ ଜଣକୁ ବୈଶିଙ୍ଗା ପୁଲିସକୁ ଜିମା ଦେଲେ। ଘଟଣାରୁ ପ୍ରକାଶ ବୈଶିଙ୍ଗା ଲକ୍ଷ୍ମୀ ନାରାୟଣ ମନ୍ଦିର ସମ୍ମୁଖରେ ଥିବା ସେନାପତି କମ୍ୟୁନିକେସନକୁ ଦୁଇ ଜଣ ଯୁବକ ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ଗ୍ରାମର କାହ୍ନୁ ସିଂ ଏବଂ ପ୍ରଶାନ୍ତ ସିଂ ନିଜର ମୋବାଇଲ ସଜାଇବା ପାଇଁ ଆସିଥିଲେ। ଦୋକାନୀକୁ ମୋବାଇଲ ଟିକୁ ଦେଇ ସୋକେଶ ଉପରେ ଥିବା ଦୋକାନୀର ମୋବାଇଲ ଟିକୁ ନେଇ ଚମ୍ପଟ ମାରୁଥିବା ବେଳେ ଉପସ୍ଥିତ ଲୋକେ ଜଣକୁ ଧରିଥିଲେ। ଅନ୍ୟ ଜଣେ ଦୋକାନ ପଛ ପଟରେ ଥିବା ଖାଲକୁ ଡିଆଁ ମାରି ଫସି ଯାଇଥିଲା ଫଳରେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡ଼ିଥିଲା। ଉଭୟଙ୍କୁ ଧରି ବୈଶିଙ୍ଗା ପୁଲିସକୁ ଜିମା ଦେଇଥିଲେ। ମୋବାଇଲ ଦୋକାନୀ ମାଲିକ ଏହି ଚୋରି କୁ ନେଇ ଏକ ଲିଖିତ ଅଭିଯୋଗ କରିଥିଲା। ଏହାକୁ ନେଇ ବୈଶିଙ୍ଗା ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ



ବୈଶିଙ୍ଗା,୧୨।୯(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ପଞ୍ଚପଲ୍ଲି ଉଚ୍ଚ ବିଦ୍ୟାଳୟ ହତିପତୁକା ଠାରେ ବେତନଟୀ ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪ ଟି ଜୋନ ରୁ ଚୟନ ହୋଇ ଆସିଥିବା ବାଳକ ଓ ବାଳିକା ବିଭାଗରୁ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ପ୍ରତିଯୋଗୀଙ୍କ ମଧ୍ୟରେ ଫୁଟବଲ୍, ଖୋ ଖୋ ଓ କବାଡି ଖେଳ ଅନୁଷ୍ଠିତ ହୋଇଥିଲା। ପଞ୍ଚପଲ୍ଲି ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ସୁବ୍ରତ ରଂଜନ ଦୁର୍ଗା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉଦ୍ ଘାଟନୀ ଉତ୍ସବ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦାନ କରି ପିଲା ମାନଙ୍କୁ କ୍ରୀଡ଼ା ର ଆବଶ୍ୟକତା ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିନୋଦ କୁମାର ସିଂ, ସ୍ୱତନ୍ତ୍ର ଅତିଥୀ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଏବିଇଓ ଅପର୍ଣ୍ଣା ସାହୁ, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇ ଥିବା ବେଳେ ବ୍ଲକ କ୍ରୀଡ଼ା ସମ୍ପାଦକ ସଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ, ଅବସର ପ୍ରାପ୍ତ ଖେଳ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ଅବସର ପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ହରିଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍ ର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦାନ କରିଥିଲେ।ଚୟନ ହୋଇଥିବା ଛାତ୍ର ଛାତ୍ରୀ ମାନେ ଆସନ୍ତା ୧୬ ତାରିଖ ଠାରୁ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଖେଲାରାମ ବିଦ୍ୟା ନିକେତନ ପରୁଲିଆ ଠାରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ଜଣା ପଡ଼ିଛି।

## ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ



ବେତନଟୀ,୧୨।୯ (ସଂଚାର ବ୍ୟୁରୋ): ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପଠାରେ ବେତନଟୀ ପୋଲିସ କର୍ତ୍ତୃପକ୍ଷଙ୍କ ପ୍ରଦତ୍ତ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରାଯାଇଛି। ବେତନଟୀ ସିଭିଲ ସୋସାଇଟିର ତୃତୀୟ ଥର ପାଇଁ ୧୮ ଜଣ ବରିଷ୍ଠ ନାଗରିକଙ୍କୁ ଏହି ପରିଚୟ ପତ୍ର ଥାନା ଭାରପ୍ରାପ୍ତ ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ ଏକ ଆଡମ୍ବର ପୂର୍ଣ୍ଣ ସମାବେଶରେ ବଣ୍ଟନ କରିଥିଲେ। ରୋଟାରୀ କ୍ଲବ୍ ବେତନଟୀ ପରିଚାଳନାରେ ଏଥିନିମନ୍ତେ ଅନୁଷ୍ଠିତ ସଭାକୁ ରୋଟାରିଆନ ଉପସଭାପତି ରବୀନ୍ଦ୍ର ନାଥ ମିଶ୍ର ପରିଚାଳନା କରିଥିଲେ। ସଭାରେ ବେତନଟୀ ରୋଟାରୀ କ୍ଲବ୍ ସଭାପତି ଶ୍ୟାମପ୍ରସାଦ ମଡୁଆଳ ସଭାପତିତ୍ୱ ଓ ସଂପାଦକ ଆଇନଜୀବୀ ସଞ୍ଜୟ କୁମାର ଭୂୟାଁ ମଞ୍ଚାସୀନ ଥାଇ ରୋଟାରୀ କ୍ଲବ୍ ର କାର୍ଯ୍ୟ ସମ୍ବନ୍ଧରେ ଏବଂ ସିଭିଲ ସୋସାଇଟିର ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଏବଂ ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ସିଭିଲ ସୋସାଇଟିର କାର୍ଯ୍ୟ ଓ ପରିଚୟପତ୍ରର ଉପକାରୀତା ସମନ୍ଧରେ ବକ୍ତବ୍ୟ ରଖିଥିଲେ। ଥାନାଧିକାରୀ ପିଙ୍ଗୁଆ ବାବୁ ବରିଷ୍ଠ ନାଗରିକ ପିତୃତୁଲ୍ୟ, ଏହି ପରିଚୟପତ୍ର ପ୍ରଦାନ ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଓ ଆବଶ୍ୟକ ମତେ ପୋଲିସ ସେମାନଙ୍କୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ରୋଟାରୀ କ୍ଲବ୍ ତରଫରୁ ସହକାରୀ ଗଭର୍ଣ୍ଣର ଶଶଧର ପଣ୍ଡା, ପୂର୍ବତନ ସଭାପତି ବସନ୍ତ କୁମାର ମହାନ୍ତ, ଅଜିତ କୁମାର ମିଶ୍ର ଓ ସତୀଶ କୁମାର ସାହୁ ପ୍ରମୁଖ ଏବଂ ସିଭିଲ ସେସାଇଟିର ଉପସଭାପତି ଅରୁଣ କୁମାର ଓତା ପ୍ରମୁଖ ବେତନଟୀ ଉନ୍ନତିରେ ସିଭିଲ ସୋସାଇଟିର ଭୂମିକା ସହ ରୋଟାରୀ କ୍ଲବର ଜନହିତକର କାର୍ଯ୍ୟର ସୂଚନା ପ୍ରଦାନ କରିଥିଲେ। ଶେଷରେ ସମସ୍ତଙ୍କୁ ରୋଟାରୀ କ୍ଲବର ପୂର୍ବତନ ସଭାପତି ଭଗିରଥ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକ ତ୍ରୁଟି ପ୍ରତିବାଦ

## ନବ ନିର୍ମାଣ କୃଷକ ସଂଗଠନର ଗଣଧାରଣା



ବାଲିକୁଦା,୧୨।୯(ସଂଚାର ବ୍ୟୁରୋ): ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଣରେ ଅହେତୁକ ବିଳମ୍ବ ଏବଂ ପ୍ରକାଶିତ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ରହିଥିବା ଅଭିଯୋଗ ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି।ରାଜଧାନୀ ଭୁବନେଶ୍ୱର ପିଏମଜି ଠାରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଧାରଣାକୁ ସମର୍ଥନ ଜଣାଇ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ନବ ନିର୍ମାଣ କୃଷକ ସଂଗଠନର ଛାମୁଆ ନେତା ଓ କର୍ମକର୍ତ୍ତାମାନେ ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହି ଗଣଧାରଣା ଦେଇଥିଲେ। ପାଠ୍ୟପୁସ୍ତକର ତ୍ରୁଟି ସଂଶୋଧନ, ବିଦ୍ୟାଳୟଗୁଡ଼ିକରେ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଣ ସୁନିଶ୍ଚିତ କରିବା ସହ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ନେଇ ଆନ୍ଦୋଳନକାରୀମାନେ ସ୍ୱର ଉତ୍ତୋଳନ କରିଥିଲେ। ଏହି ଗଣଧାରଣାରେ ରାଜ୍ୟ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟ ଦୁର୍ଗାଚରଣ ସ୍ୱାଇଁ, ଜିଲ୍ଲା ସହସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ମହାନ୍ତି, ସଦସ୍ୟ ବାବାଜୀ ଜେନା, ଶୁଭେନ୍ଦୁ ଭୋଳ, ଧର୍ମାନନ୍ଦ ଖଣ୍ଡୁଆଳ, ନାଥ କାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ନେତାମାନେ ରାଜ୍ୟ ସରକାରଙ୍କ ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବକୁ ତୀବ୍ର ସମାଲୋଚନା କରିବା ସହ ପାଠ୍ୟପୁସ୍ତକର ତ୍ରୁଟି ସଂଶୋଧନ ନହେବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ଷଣ୍ଢ ଓ ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁଁ ଚାଷୀକୁଳ କିଭଳି ହନ୍ତସନ୍ତ ହେଉଛନ୍ତି, ସେ ସମ୍ପର୍କରେ ମଧ୍ୟ ସେମାନେ ଉପସ୍ଥାପନ କରିଥିଲେ।

## ଗାଁରେ ଭାଲୁ ଆତଙ୍କ

ଝରିଗାଁ,୧୨।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା ଗ୍ରାମରେ ଭାଲୁ ଆତଙ୍କ ଦେଖାଦେଇଛି। ଶନିବାର ସକାଳୁ ଏକମ୍ବା ଗ୍ରାମସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଗୋଟିଏ ମାଈ ଭାଲୁ ଓ ଗୋଟିଏ ଛୁଆ ଭାଲୁକୁ କିଛି ଲୋକ ଦେଖିଥିଲେ। ଗ୍ରାମ ଭିତରକୁ ଭାଲୁ ପଶିଥିବା ଖବର ପ୍ରଚାର ହେବା ପରେ ଗ୍ରାମବାସୀ ଭୟଭୀତ ହୋଇ ଝରିଗାଁ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ଝରିଗାଁ ବନ ବିଭାଗ ପକ୍ଷରୁ ଭାରପ୍ରାପ୍ତ ରେଞ୍ଜର ସୁଶାନ୍ତ କୁମାର ସିଂ, ଫରେଷ୍ଟ ଗାର୍ଡ ସୁଶାନ୍ତ ମାଝୀ, ଧନପୁର ବିଟ୍ ଫରେଷ୍ଟ ଗାର୍ଡ ସରୋଜିନୀ ହେମ୍ବ୍ରମ, ଭାଗ୍ୟଶ୍ରୀ ମଲ୍ଲିକଙ୍କ ସମେତ ପାରା ଓ ୱାଇଲ୍ଡ ଲାଇଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ ବିଭାଗ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କୁ ଭିଡ଼ ନ କରିବା ପାଇଁ ସଚେତନ କରିବା ସହ ଭାଲୁ ଦୁଇଟିର ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି। ଭାଲୁ ଦୁଇଟି ଗ୍ରାମକୁ ଲାଗି ରହିଥିବା କାଜୁବାଡ଼ ଓ ନୀଳଗିରି ଜଙ୍ଗଲ ଭିତରକୁ ଚାଲିଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଝରିଗାଁ ବନ ବିଭାଗ ପକ୍ଷରୁ ରାତ୍ର ପାଟ୍ରୋଲିଂ ଜାରି ରହିବ ବୋଲି ରେଞ୍ଜର ସିଂ ପ୍ରକାଶ କରିଛନ୍ତି।

## ନିଖୋଜ ଥିଲେ, କେନାଲରୁ ମିଳିଲା ମହିଳାଙ୍କ ମୃତଦେହ



କୋକସରା,୧୨।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କୋକସରା ଥାନା ଲଡୁଗାଁ ପିତବାସପୁର କେନାଲ ବ୍ରିଜ ନିକଟରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତା ମହିଳା ଜଣକ ହେଲେ ଜୟପାଟଣା ଥାନା ଅନ୍ତର୍ଗତ ସିଲେଇଜୋର ଗ୍ରାମର ଦସାଇ ମାଝି। ଦସାଇ ବୁଧବାର ଦିନଠାରୁ ନିଖୋଜ ହୋଇଯାଇଥିଲେ। ହେଲେ ଶନିବାର ତାଙ୍କର ମୃତଦେହ ପିତବାସପୁର ବ୍ରିଜ ନିକଟରେ ଦେଖିବାକୁ ମିଳିଥିଲା। ଖବର ପାଇ କୋକସରା ଥାନା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲେ। ମିଳିଥିବା ସୂଚନା ମୁତାବକ, ପୂର୍ବରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦସାଇ ବାପା ଘର ଜାମଚୁଆଁ ଏବଂ ଶାଶୁ ଘର ଯିବା ଆସିବା କରି ଚଳୁଥିଲେ। ଦସାଇଙ୍କ ୨ପୁଅ ଓ ଜଣେ ଝିଅ ଅଛନ୍ତି। ପୂର୍ବରୁ ବାପାଙ୍କୁ ହରାଇଥିବା ବେଳେ ବର୍ତ୍ତମାନ ମା'ଙ୍କୁ ହରାଇ ଝିଅ-ପୁଅ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିବା ବେଳେ ପରିବାରରେ ଶୋକର ଛାୟା ଖେଳି ଯାଇଛି।

## ବିଦ୍ୟୁତ୍ ବିଭ୍ରାଟକୁ ନେଇ ବଢୁଛି ଜନ ଅସନ୍ତୋଷ

ଦାରିଙ୍ଗବାଡ଼ି,୧୨।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳରେ ଗତ ୪ ଦିନ ହେଲା ଲଘୁଚାପ ଜନିତ ବର୍ଷା ଜାରିରହିଛି। ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ବିଦ୍ୟୁତ୍ ବିଭ୍ରାଟ ଉପଭୋକ୍ତାଙ୍କୁ ହଇରାଣ ଭୋଗିବାକୁ ପଡୁଛି। ଗତ ୨ ଦିନ ହେଲା ବାରମ୍ବାର ୩୩ କେଭି ଓ ୧୧ କେଭି ବିଦ୍ୟୁତ୍ ସେବା ଅଚଳ ହୋଇପଡୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରକାଶ ଯେ, ଦାରିଙ୍ଗବାଡ଼ି ସବଷ୍ଟେଶନକୁ ଜିଲାର ଫିରିଙ୍ଗିଆ ଓ ଜି. ଉଦୟଗିରିରୁ କ. ନୂଆଗାଁ ହୋଇ ସଂଯୋଗ ରହିଛି। ସେହିପରି ଦାରିଙ୍ଗବାଡ଼ିରୁ ଦାସିଙ୍ଗବାଡ଼ି, ସିମନବାଡ଼ି, ପର୍ତ୍ତମାହା ଆଦି ୧୧ କେଭି ବିଦ୍ୟୁତ୍ ସଂଯୋଗ ଯାଇଛି ତେବେ ଫିରିଙ୍ଗିଆଠାରୁ କ.ନୂଆଗାଁ ଏବଂ ଜି. ଉଦୟଗିରିଠାରୁ କ. ନୂଆଗାଁ ୨ ଦିନହେଲା ବାରମ୍ବାର ଅଚଳ ହୋଇପଡ଼ିବାରୁ ଦାରିଙ୍ଗବାଡ଼ି ବ୍ଲକ ସମେତ କ. ନୂଆଗାଁ, ବାଲିଗୁଡ଼ା, ତୁମୁଡିବନ୍ଧ ଓ କୋଟଗଡ଼ ବ୍ଲକ ଅନ୍ଧାର ହୋଇପଡ଼ିଛି।

## ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ

ବୈଶିଙ୍ଗା,୧୨।୯ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନ ଅନ୍ତର୍ଗତ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ବେତନଟୀ ବ୍ଲକ ସହାୟତା ପ୍ରଦାନ କରିଥିଲେ। ଫୋର୍ଡ ନାଖରା ଓ ବନ୍ୟା ଆଶ୍ରୟସ୍ଥଳୀ କମିଟି ବେଲାଣପୁର ମିଳିତ ସହଯୋଗରେ ତାଲିମ ଶିବିର ଅନୁଷ୍ଠିତ ହେଇଥିଲା। ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମମତା ନାୟକ ସରପଞ୍ଚ ପାଟଳିପୁରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ନିବେଦିତା ବାରିକ ପ୍ରଧାନ ଶିକ୍ଷୟିତ୍ରୀ ପାଟଳିପୁରା ଉଚ୍ଚ ବିଦ୍ୟାଳୟ, ମୁଖ୍ୟ ବକ୍ତା ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ସମ୍ମାନନୀୟ ଅତିଥି ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ଗ୍ରାମପଞ୍ଚାୟତ ଅଧିକାରିଣୀ, ସନ୍ତୋଷ ଦୁର୍ଗା ଅବସରପ୍ରାପ୍ତ ଜେଲ ଅଧିକ୍ଷକ, ମମତା ଗୋଚ୍ଛାୟତ ପଞ୍ଚାୟତ ସମିତି ସଭ୍ୟା ଓ ଜୟନ୍ତ କୁମାର ମହାପାତ୍ର ସମାଜ ସେବୀ ଯୋଗ ଦେଇ ତାଲିମ ପ୍ରାର୍ଥି ମାନଙ୍କୁ ବିପର୍ଯ୍ୟୟ ସମୟରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୨-୧୯ରିଖ ପର୍ଯ୍ୟନ୍ତ ଚାଲିବ। ନାଖରା, ମଧୁନଣ୍ଡା ଓ ଦାରିହା ଗ୍ରାମର ୪୦ ଜଣ ଯୁବକ-ଯୁବତୀ ତାଲିମ ନେଉଛନ୍ତି। ଓସଡମା ର ସାଧନା କର୍ମୀମାନେ ତାଲିମ ପ୍ରଦାନ କରିବେ। ଫୋର୍ଡ ଓ ବନ୍ୟା ଆଶ୍ରୟସ୍ଥଳୀ କମିଟିର ସଭ୍ୟ ମାନେ ସହଯୋଗ କରିଥିଲେ। ବନ୍ୟା ଆଶ୍ରୟସ୍ଥଳୀ କମିଟିର ସମ୍ପାଦକ ତ୍ରୀଲୋକେଶ୍ୱର ଦୁର୍ଗା ଧନ୍ୟବାଦ ଅର୍ପଣ କରିଥିଲେ।



## ଲକର୍ମାଠାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ



ସୁବର୍ଣ୍ଣପୁର,୧୨।୯(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ହରଡଖୋଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକର୍ମାଠାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆରତୀ ଶିଖା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିବା ସହ ସାପ କାମୁଡା, ବିଭିନ୍ନ ପଶୁ କାମୁଡା, ଚୋକିଙ୍ଗ୍ ଓ ସି.ପି. ଆର୍ ଉପରେ ଡେମନ୍‌ଷ୍ଟ୍ରେସନ୍ ସହ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ହାତଧୁଆ କଉଶଳ ପ୍ରଦର୍ଶନ କରାଇ ଅଭ୍ୟାସ କରାଇଥିଲେ।ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ରୀ ବିଶିକେଷନ ବାଘ, ଯୋଗ ପ୍ରଶିକ୍ଷକ ଅମିତ ସାହୁ, ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସାର ଆବଶ୍ୟକତାଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ବିଦ୍ୟାଳୟର ଜୁନିୟର୍ ରେଡ୍‌କ୍ରସ୍ ପରାମର୍ଶଦାତା ଶିକ୍ଷକ ଶ୍ରୀ ବିକ୍ରମ କୁମାର ନନ୍ଦ ରକ୍ତସ୍ରାବ, ମୂର୍ଚ୍ଛା ଓ ସକ୍, ବଜ୍ରପାତ, ପାଣିରେ ବୁଡିଯିବା ସମ୍ପର୍କିତ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ ଏବଂ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୟାନିଧି ପଧାନ ପ୍ରାଥମିକ ଚିକିତ୍ସା ବାକ୍ସର ସାମଗ୍ରୀ ଓ ତା'ର ଉପଯୋଗୀତା ସମ୍ବନ୍ଧରେ ଆଲୋଚନା କରିଥିଲେ।

## ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ୱାର୍କ ପାଳିତ

ବେତନଟୀ,୧୨।୯(ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ସ୍ଥିତ ଗରୁଡବସା ଓଡିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ୱାର୍କ-୨୦୨୬ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ତୁଷାର କାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଶାଳବଣି ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ବେତନଟୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ନାୟକ ଏବଂ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷୟିତ୍ରୀ ରାଜେଶ୍ୱର ଜେନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଓ ଶିକ୍ଷକ ଦିବ୍ୟାଂଶୁ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥ୍ୟ ତାଙ୍କ ଉଦ୍‌ବୋଧନରେ ପିଲାମାନଙ୍କୁ ଚରିତ୍ରବାନ୍ ତଥା ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସ୍ୱାର୍କ -୨୦୨୬ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀ ସକ୍ରିୟ ଦାୟିତ୍ୱ ସମ୍ପାଦନା କରିଥିଲେ। ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।